

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୩ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 23 SEPTEMBER 2021
Vol.No. 32 ■ No. 244 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କରୋନାରେ ମୃତ୍ୟୁ ହେଲେ ପରିବାରବର୍ଗଙ୍କୁ ଦିଆଯିବ ୫୦ହଜାର ଟଙ୍କା



ଭୁବନେଶ୍ୱର,୨୨/୦୯(ନି.ପ୍ର): କୋଭିଡ ଜନିତ ମୃତ୍ୟୁ ହେଲେ ରାଜ୍ୟ ସରକାର ମୃତକଙ୍କ ପରିବାରବର୍ଗଙ୍କୁ ୫୦ ହଜାର ଟଙ୍କାର କ୍ଷତିପୂରଣ ଦେବେ । ଏନେଇ କେନ୍ଦ୍ର ସରକାର ଆଜି ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ଏହି କ୍ଷତିପୂରଣ ଦିଆଯିବ । ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ବା ଜିଲ୍ଲା ପ୍ରଶାସନଙ୍କ ମାଧମରେ କ୍ଷତିପୂରଣ ମୃତକଙ୍କ ପରିବାର ପାଖରେ ପହଞ୍ଚିବ । କୋଭିଡ ରିଲିଫ ଓ ପ୍ରସ୍ତୁତି ଜନିତ କାର୍ଯ୍ୟରେ ସାମିଲ ଥିବା ବ୍ୟକ୍ତିଙ୍କର ଯଦି କରୋନାରେ ମୃତ୍ୟୁ ହୁଏ, ତାଙ୍କ ପରିବାରକୁ ମଧ ଏହି କ୍ଷତିପୂରଣ ମିଳିବ । ତେବେ ମୃତ୍ୟୁର କାରଣ କୋଭିଡ ଜନିତ ହୋଇଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଗାଇଡଲାଇନ ଅନୁସାରେ ଦେଖାଇବାକୁ ହେବ । ମୃତକଙ୍କ ପରିବାର ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ଏକ ସ୍ୱତନ୍ତ୍ର ଫର୍ମରେ ଉପଯୁକ୍ତ କାଗଜପତ୍ର ସହ କ୍ଷତିପୂରଣ ପାଇଁ ଦାବି କରିପାରିବେ । କାଗଜପତ୍ର ଦାଖଲର ୩୦ ଦିନ ମଧ୍ୟରେ କ୍ଷତିପୂରଣ ମିଳିବ ଓ ଆକାଉଣ୍ଟକୁ ସିଧାସଳଖ ଭାବେ ଏହି ଅର୍ଥକୁ ପଠାଯିବ । ଯଦି କିଛି ବିବାଦ ଉପୁଜେ, ତାହେଲେ ଜିଲ୍ଲାସ୍ତରୀୟ କମିଟି ଏହାର ସମାଧାନ କରିବ । ଏହି କମିଟିରେ ଜିଲ୍ଲାପାଳ, ମୁଖ୍ୟ ଚିକିତ୍ସାଧିକାରୀ ଓ ଜଣେ ବିଶେଷଜ୍ଞ ସାମିଲ ରହିବେ । ଦେଶରେ ଏଯାଏଁ କରୋନା ଯୋଗୁଁ ୪ ଲକ୍ଷ ୪୫ ହଜାର ଲୋକଙ୍କ ଜୀବନ ଯାଇସାରିଲାଣି ।

## କ୍ଷେପଣାସ୍ତ୍ର ଘାଟିରୁ ତଥ୍ୟ ହାସଲ ପାଇଁ ବିବାହର ପ୍ରଲୋଭନ ଦେଖାଉଥିଲେ ପାକିସ୍ତାନୀ ଯୁବତୀ

ବାଲେଶ୍ୱର,୨୨/୦୯(ନି.ପ୍ର): ଡିଆରଡିଓ ତଥ୍ୟ ବଦଳରେ ବିବାହର ପ୍ରତିଶୃତି । ଡିଆରଡିଓ ତଥ୍ୟ ଚୋରୀ ମାମଲାରେ ସାମ୍ନାକୁ ଆସିଛି ଏମିତି ସାଂଘାତିକ ତଥ୍ୟ । ଭିନ୍ନ ଭିନ୍ନ ନାଁରେ ପ୍ରେମର ଜାଲରେ ଫସାଉଥିଲେ ରହସ୍ୟମୟୀ ଯୁବତୀ । କ୍ରାଇମ ବ୍ରାଞ୍ଚର ଜେରା ପରେ ଏଭଳି ସତ ଓଗାଳୁଛନ୍ତି ଅଭିଯୁକ୍ତ । ଅଚିହ୍ନା ଯୁବତୀ ଅଭିଯୁକ୍ତମାନଙ୍କ ସହ ଫେସବୁକରେ ଚାଟ କରିବା ପରେ ବିବାହର ମିଛ ଅଫର ଦେଉଥିଲେ । ବିବାହ ଅଫର ପାଇବା ପରେ ସବୁ କିଛି କରିବାକୁ ପ୍ରସ୍ତୁତ ଥିଲେ ଡିଆରଡିଓର କର୍ମଚାରୀ । ଆଉ ଡିଲ୍ ଅନୁସାରେ ତଥ୍ୟ ଚୋରୀ କରିବାକୁ ଯୋଜନା କରିଥିଲେ । ଡିଆରଡିଓ ତଥ୍ୟ ଚୋରୀ ମାମଲାରେ ▶▶ପୃଷ୍ଠା ୭

## ଆମେରିକା ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି



ନୂଆଦିଲ୍ଲୀ,୨୨/୦୯: ଆଜିଠାରୁ ୫ ଦିନିଆ ଆମେରିକା ଗସ୍ତରେ ଯାଇଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଜି ସକାଳୁ ବାୟୁସେନାର ସ୍ୱତନ୍ତ୍ର ବିମାନରେ ସେ ଆମେରିକା ଅଭିମୁଖେ ଯାତ୍ରା କରିଛନ୍ତି। ସେପ୍ଟେମ୍ବର ୨୬ରେ ସେ ଭାରତ ଫେରିବେ। ମହାମାରୀ କରୋନା କାରଣରୁ ଦୀର୍ଘ ୨ ବର୍ଷ ହେଲାଣି ମୋଦି ବିଦେଶ ଗସ୍ତ କରି ନଥିଲେ। ଆଜି ପ୍ରଥମଥର ପାଇଁ ସେ ବିଦେଶ ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ମୋଦି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଏହା ମୋଦି ଓ ବାଇଡେନଙ୍କ ମଧ୍ୟରେ ପ୍ରଥମ ଦ୍ୱିପାକ୍ଷିକ ଆଲୋଚନା। ଏହି ସମୟରେ ଉଭୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ମୋଦି କ୍ୱାଡ ରାଷ୍ଟ୍ରଗୁଡ଼ିକକୁ ନେଇ ଆୟୋଜିତ ସମ୍ମିଳନରେ ମଧ ଯୋଗଦେବେ। କ୍ୱାଡରେ ଭାରତ ଓ ଆମେରିକା ବ୍ୟତୀତ ଜାପାନ ଓ ଅଷ୍ଟ୍ରେଲିଆ ରହିଛନ୍ତି। ୨୨ ତାରିଖରେ ମୋଦି କୋଭିଡ-୧୯ ସମ୍ମିଳନୀରେ ଯୋଗଦେବେ। ୨୩ ତାରିଖରେ ସେ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗା ଓ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ସେହିଦିନ ୱାଶିଂଟନରେ ଆମେରିକାର ବିଭିନ୍ନ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସହ ମୋଦି କଥାବାର୍ତ୍ତା କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ଆମେରିକା ଉପ ରାଷ୍ଟ୍ରପତି କମଳା ହ୍ୟାରିସଙ୍କୁ ଭେଟିବେ। ମୋଦିଙ୍କ ପାଇଁ ସେହିଦିନ ବାଇଡେନ ଡିନର ପାର୍ଟିର ମଧ ଆୟୋଜନ କରିଛନ୍ତି। ୨୪ ତାରିଖରେ ମୋଦି ଓ ବାଇଡେନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବ। ଭାରତ-ଆମେରିକା ସହଭାଗିତା, କରୋନା, ଆଫଗାନିସ୍ତାନ ଓ ସୁରକ୍ଷା ଆଦି ପ୍ରସଙ୍ଗରେ ଉଭୟ ନେତା ଆଲୋଚନା କରିବେ। ଏହି ଦ୍ୱିପାକ୍ଷିକ ▶▶ପୃଷ୍ଠା ୭

## ସିଦ୍ଧୁଙ୍କ ବିରୋଧରେ ପ୍ରାର୍ଥୀ ଦେବେ କ୍ୟାପଟେନ୍ ଅମରିନ୍ଦର ସିଂହ



ନୂଆଦିଲ୍ଲୀ,୨୨/୦୯: ମୁଖ୍ୟମନ୍ତ୍ରୀ ପଦରୁ କ୍ୟାପଟେନ୍ ଅମିରନ୍ଦର ସିଂହ ଇସ୍ତଫା ଦେବାପରେ ଏବେ ସେଠାରେ ଚରଣଜିତ୍ ସିଂହ ସରକାର ଗଠନ ହୋଇଛି । ହେଲେ ଏହାପରେ ମଧ ସିଦ୍ଧୁ-ଅମିରନ୍ଦର ବିବାଦ ଥମିବାର ନାଁ ନେଉନି । ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଆଜି ସିଦ୍ଧୁଙ୍କୁ ପୁଣିଥରେ ଟାର୍ଗେଟ କରିଛନ୍ତି କ୍ୟାପଟେନ୍ । ଏଥିସହ ଆଗାମୀ ବିଧାନସଭା ନିର୍ବାଚନରେ ସେ ସିଦ୍ଧୁଙ୍କ ବିରୋଧରେ ନିଜ ପ୍ରାର୍ଥୀଙ୍କୁ ମଇଦାନକୁ ଓହ୍ଲାଇବେ ବୋଲି ଘୋଷଣା କରିଛନ୍ତି । ଆସନ୍ତାବର୍ଷ ପଞ୍ଜାବରେ ବିଧାନସଭା ନିର୍ବାଚନ ହେବାକୁ ଅଛି । ଆଉ ପ୍ରଦେଶ ଅଧକ୍ଷ ଭାବେ ସିଦ୍ଧୁ ଏହାର ନେତୃତ୍ୱ ନେଇପାରନ୍ତି । ହେଲେ ଏହାକୁ ବିରୋଧ କରୁଛନ୍ତି କ୍ୟାପଟେନ୍ ଅମରିନ୍ଦର ସିଂହ । ତେଣୁ ତାଙ୍କୁ ବିରୋଧ କରିବାକୁ ଯାଇ ଆଗାମୀ ବିଧାନସଭା ନିର୍ବାଚନରେ ସେ ସିଦ୍ଧୁଙ୍କ ବିରୋଧରେ ନିଜର ପ୍ରାର୍ଥୀ ଦେବେ ବୋଲି ବୁଧବାର ଘୋଷଣା କରିଛନ୍ତି । ତାଙ୍କ କହିବା କଥା, ସେ କଦାପି ସିଦ୍ଧୁଙ୍କୁ ମୁଖ୍ୟମନ୍ତ୍ରୀ ହେବାକୁ ଦେବେନି । କାହିଁକି ନା, ସିଦ୍ଧୁ ଦେଶ ପାଇଁ ବଡ ବିପଦ । କେବଳ ପଞ୍ଜାବ ନୁହେଁ, ସିଦ୍ଧୁ ସାରା ଦେଶ ପାଇଁ ବିପଦ ବୋଲି କ୍ୟାପଟେନ୍ କହିଛନ୍ତି । ଏହାପୂର୍ବରୁ ମଧ କ୍ୟାପଟେନ୍ ସେହି ସମାନ କଥା କହିଥିଲେ । ▶▶ପୃଷ୍ଠା ୭

## ୨୫ରୁ ପୁଣି ବଢ଼ିବ ବର୍ଷା

ଭୁବନେଶ୍ୱର,୨୨/୦୯ (ନି.ପ୍ର): ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ତେବେ ୨୫ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ୫ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ା ଆଦି ରହିଛି। ଉକ୍ତ ଜିଲ୍ଲାଗୁଡ଼ିକୁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅପରପକ୍ଷରେ ସେପ୍ଟେମ୍ବର ୨୨ରୁ ୨୩ ତାରିଖ ମଧ୍ୟରେ ଉତର ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଓ ବଜ୍ରପାତ ସମ୍ଭାବନା ରହିଛି। ତେବେ ସେପ୍ଟେମ୍ବର୨୩ରୁ ୨୫ ତାରିଖରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହାପରେ ସେପ୍ଟେମ୍ବର ୨୫ରୁ ବର୍ଷାର ପରିମାଣ ବୃଦ୍ଧି ପାଇବା ସହ ୨୭ ତାରିଖ ପର୍ଯ୍ୟନ୍ତ ଅନେକ ଜିଲ୍ଲାରେ ପ୍ରବଳ ବର୍ଷା। ଓ କାଳବୈଶାଖୀ ସମ୍ଭାବନା ରହିଛି।

## ସୀମା ବିବାଦର ସମାଧାନ ପାଇଁ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ୪ଟି ପ୍ରସ୍ତାବ ଦେଲେ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର,୨୨/୦୯ (ନି.ପ୍ର): ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ସୀମାବର୍ତ୍ତୀ ଜିଲ୍ଲା କୋରାପୁଟ ଏବଂ ଗଜପତିରେ ଗାଁକୁ ନେଇ ସୃଷ୍ଟି ହୋଇଥିବା ବିବାଦର ଆପୋଷ ସମାଧାନ ପାଇଁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ ଜଗନ ମୋହନ ରେଡ୍ଡୀଙ୍କୁ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିଛନ୍ତି । ଓଡିଶାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆନ୍ଧ୍ର ଏବଂ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ଓ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ କିମ୍ବା ଉନ୍ନୟନ କମିଶନରଙ୍କ ସ୍ତରରେ ଯୁଗ୍ମ କାର୍ଯ୍ୟକାରୀ କମିଟି ଗଠନ କରିବା ସହ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ପ୍ରଧାନ ମୋଟ ୪ଟି ପ୍ରସ୍ତାବ ଦେଇଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ କୋରାପୁଟ ପଟ୍ଟାଙ୍ଗୀ ବ୍ଲକ କୋଟିଆ ଗ୍ରାମ ପଂଚାୟତ ଅନ୍ତର୍ଗତ ୨୦ଟି ଗାଁରୁ ଆରମ୍ଭ ହୋଇଥିବା ବିବାଦ ଏବେ ସୀମାବର୍ତ୍ତୀ ଅଂଚଳ ଗଜପତି ଜିଲ୍ଲାକୁ ମଧ ବ୍ୟାପିଛି। ଏହା ଦ୍ୱାରା ଆନ୍ତରାଜ୍ୟ ସୀମା ବିବାଦ ସୃଷ୍ଟି ହେଉଛି ଯାହା ଗଭୀର ଚିନ୍ତାଜନକ। ଏହି ସବୁ ବିବାଦ ଦ୍ୱାରା ଆନ୍ଧ୍ର ଏବଂ ଓଡ଼ିଶାର ସୀମାବର୍ତ୍ତୀ ଗାଁର ସୁରକ୍ଷା ଏବଂ ଅଂଚଳବାସୀଙ୍କ ବିକାଶମୂଳକ ଆକାଂକ୍ଷାରେ କ୍ଷତି ପହଁଚାଉଛି। ଏହି ସୀମା ବିବାଦର ସମାଧାନ କରିବା ସମୟସାପେକ୍ଷ ଏବଂ ଏହାକୁ ସମାଧାନ କରିବା ପାଇଁ ଉଚ୍ଚ ସ୍ତରରେ ପରିପକ୍ୱ ରାଜନୈତିକ-ବ୍ୟକ୍ତିବିଶେଷଙ୍କ ହସ୍ତକ୍ଷେପ, ବୁଝାମଣା ତଥା ସହଯୋଗର ଆବଶ୍ୟକତା ରହିଛି। ତୃଣମୂଳ ସ୍ତରରେ ସୃଷ୍ଟି ହୋଇଥିବା ବିବାଦୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି କଥାବାର୍ତା। ମାଧ୍ୟମରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି । ଏହି ପୃଷ୍ଠଭୂମିରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓଡିଶାର ସ୍ୱାର୍ଥ ନିମନ୍ତେ ଦ୍ୱିପାକ୍ଷିକ ଆଲୋଚନା ପାଇଁ ଏହି ଅନୁକୂଳ ବାତାବରଣ ସୃଷ୍ଟି କରିବା ପାଇଁ ୪ଟି ପ୍ରସ୍ତାବ ଦେଇଛନ୍ତି । ପ୍ରଥମତଃ ବିବାଦୀୟ ଗ୍ରାମ ଗୁଡ଼ିକରୁ ସଶସ୍ତ୍ର ସୁରକ୍ଷା ▶▶ପୃଷ୍ଠା ୭

## ସୁବର୍ଣ୍ଣରେଖାରେ ବନ୍ୟା : ୨୦ଟି ଗ୍ରାମରେ ବନ୍ୟା ପାଣି ପ୍ରବେଶ



ବାଲିଆପାଳ,୨୨/୦୯ (ନି.ପ୍ର): ୫ଦିନର ବ୍ୟାବଧାନ ପରେ ଆଜି ପୁଣି ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସି ପରିସ୍ଥିତିକୁ ଅଧିକ ଗଭୀର କରିଛି । ଏବେ ବି ଅନେକ ଗ୍ରାମ ଜଳବନ୍ଦୀ ହୋଇ ରହିଥିବା ବେଳେ ଆଜିର ବନ୍ୟା ଲୋକଙ୍କ ଦୁର୍ଦ୍ଦଶାକୁ ବଢାଇ ଦେଇଛି । ଗତ ୨ ଦିନ ଧରି ଲଗାଣ ବର୍ଷା ସାଙ୍ଗକୁ ନଦୀର ଉପର ମୁଣ୍ଡାରେ ଥିବା ଗାଲୁଡି ବ୍ୟାରେଜରୁ ଅଧିକ ପାଣି ଛଡା ଯିବା ପରେ ଏହି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି । ରାଜଘାଟଠାରେ ଏହି ନଦୀର ସର୍ତକ ସଙ୍କେତ ୯.୩୬ ମିଟର ରହିଥିବା ବେଳେ ଆଜି ସନ୍ଧ୍ୟା ସୁଧା ଜଳସ୍ତର ୧୦ମିଟର ଉପରେପ୍ରଭାହିତ ହେଉଛି । ଫଳରେ ତଳମୁଣ୍ଡରେ ଥିବା ବାଲିଆପାଳ ବ୍ଲକର ଅସ୍ତି, ବାଲିଆପାଳ, ବିଷ୍ଣୁପୁର ଜାମକୁଣ୍ଡା, ମଧୁପୁରା ପ୍ରଭୃତି ପଂଚାୟତର ୨୦ଟି ଗ୍ରାମ ପାଣି ଘେରରେ ରହିଛି । ଆଜି ରାତି ସୁଧା ନଦୀର ବିପଦ ସଙ୍କେତ ▶▶ପୃଷ୍ଠା ୭

## ଭାରତର ଆପତ୍ତି ପରେ ନିଷ୍ପତ୍ତି ପ୍ରତ୍ୟାହାର କଲା ବ୍ରିଟେନ୍ : କୋଭିସିଲ୍ଡ ଭ୍ୟାକ୍ସିନକୁ ଦେଲା ମାନ୍ୟତା

ନୂଆଦିଲ୍ଲୀ,୨୨/୦୯: ବ୍ରିଟେନର କୋଭିସିଲ୍ଡ ଟିକାକୁ ନେଇ କଟକଣା ବିରୋଧରେ ଭାରତର କଡା ସମାଲୋଚନା ପରେ ବ୍ରିଟିସ ସରକାରଙ୍କ ତରଫରୁ ନୂଆ ଯାତ୍ରା ନୀତି କରାଯାଇ କୋଭିସିଲ୍ଡକୁ ମଞ୍ଜୁରି ଦିଆଯାଇଛି । ଭାରତର କଡା ଚେତାବନୀ ପରେ ୨ ଡୋଜ ଭ୍ୟାକସିନ ନେଇଥିବା ଭାରତୀୟ ନାଗରିକ ବ୍ରିଟେନ ଯାତ୍ରା ଉପରୁ କଟକଣା ହଟାଇଛି ବ୍ରିଟେନ୍ । କୋଭିସିଲ୍ଡ ଟିକା ନେଇଥିଲେ ୧୦ ଦିନିଆ ସଂଗରୋଧ ପୂର୍ବରୁ ବାଧତାମୂଳକ ଥିଲା । ଯାହାକୁ ଏବେ ହଟାଇଛି ବ୍ରିଟେନ । ସୋମବାର ବ୍ରିଟିସ ସରକାରଙ୍କ ତରଫରୁ ଭାରତ, ତୁର୍କି ,ରୁଷିଆ ଓ ୟୁଏଇରୁ ଯାତ୍ରା ଉପରେ କୋଭିଡ ସମ୍ପର୍କିତ ବିବାଦୀୟ କଟକଣା ଜାରି କରାଯାଇଥିଲା । ଯେଉଁଥିରେ କୋଭିସିଲ୍ଡ ଟିକାର ୨ ଟି ଡୋଜ ନେବାପରେ ବି ଭାରତୀୟଙ୍କୁ ୧୦ ଦିନ ସଂଗରୋଧ ରହିବାକୁ ପଡିବ ବୋଲି ବ୍ରିଟେନ ସରକାରଙ୍କ ତରଫରୁ କୁହାଯାଇଥିଲା । ଏହାପରେ ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଏ ବିଷୟରେ ହସ୍ତକ୍ଷେପ କରି ୟୁକେ ବୈଦେଶିକ ସଚିବଙ୍କ ସହ କଥାହୋଇଥିଲେ । ଅନ୍ୟପଟେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭ୍ୟଙ୍କୁ ଧନ୍ୟବାଦ ଜଣାଇଛି ବିଶ୍ୱ ସ୍ୱାସ୍ଥ ସଂଗଠନ । ଭାରତ ଭ୍ୟାକସିନ ମିତ୍ର ଯୋଜନା ଅନ୍ତର୍ଗତ ଆସନ୍ତା ଅକ୍ଟୋବର ମାସ ଶେଷ ସୁଦ୍ଧା ବିଦେଶକୁ ଟିକା ଯୋଗାଇବାକୁ ନିଷ୍ପତି ନେଇଛି । ଏଭଳି ଘୋଷଣା କରିଥିବାରୁ ଡବଲ୍ୟୁଏଚଓ ମୁଖ୍ୟ ଡାକ୍ତର ଟେଡରସ୍ ସ୍ୱାସ୍ଥମନ୍ତ୍ରୀଙ୍କ ପ୍ରଶଂସା କରିଛନ୍ତି । ଏ ବର୍ଷ ଶେଷ ସୁଦ୍ଧା ସାରା ବିଶ୍ୱରେ ୪୦ ପ୍ରତିଶତ ଲୋକଙ୍କ ଟିକାକରଣ ସମ୍ପୂର୍ଣ୍ଣ ହୋଇପାରିବ ବୋଲି ହୁ ମୁଖ୍ୟ କହିଛନ୍ତି । ଏନେଇ ଟ୍ୱିଟ୍ କରି ସୂଚନା ଦେଇଛନ୍ତି ଡାକ୍ତର ଟେଡରସ୍ ।

## ମହନ୍ତ ନରେନ୍ଦ୍ର ଗିରିଙ୍କୁ ଦିଆଗଲା ଭୂ-ସମାଧି



ନୂଆଦିଲ୍ଲୀ,୨୨/୦୯: ମହନ୍ତ ନରେନ୍ଦ୍ର ଗିରିଙ୍କୁ ଦିଆଯାଇଛି ଭୂ-ସମାଧି । ୟୁପି ପ୍ରୟାଗରାଜ ସ୍ଥିତ ବାଘମ୍ବରୀ ମଠରେ ଅଖିଳ ଭାରତୀୟ ଆଖଡା ପରିଷଦର ଅଧକ୍ଷ ମହନ୍ତ ନରେନ୍ଦ୍ର ଗିରିଙ୍କୁ ମନ୍ତ୍ର ଉଚ୍ଚାରଣ ଭିତରେ ସମାଧି ଦିଆଯାଇଛି । ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି ଅନେକ ସାଧୁ ସନ୍ଥ । ବିଭିନ୍ନ ଆଖଡା ଓ ମଠର ସାଧୁସନ୍ଥ ନରେନ୍ଦ୍ର ଗିରିଙ୍କ ସମାଧି ବେଳେ ସେଠାରେ ଉପସ୍ଥିତ ରହିଛନ୍ତି । ସମାଧି ଦିଆଯିବା ପୂର୍ବରୁ ତାଙ୍କ ମରଶରୀରକୁ ସଙ୍ଗମ ସ୍ଥଳକୁ ନିଆଯାଇଥିଲା । ସେଠାରେ ଟ୍ରକ ଭିତରେ ତାଙ୍କର ସ୍ନାନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯାଇଥିଲା । ପୋଷ୍ଟମର୍ଟମ କରାଯାଇଥିବା ଯୋଗୁଁ ସଙ୍ଗମରେ ତାଙ୍କର ବୁଡ ପକା ଯାଇନଥିଲା । ସେପଟେ ନରେନ୍ଦ୍ର ଗିରିଙ୍କ ମୃତ୍ୟୁକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି । ମୃତ୍ୟୁର କାରଣ ନେଇ ଖୋଳତାଡ ଜାରି ରଖିଛି ଉତ୍ତରପ୍ରଦେଶ ପୁଲିସ । ଘଟଣାରେ ଉତ୍ତରପ୍ରଦେଶ ପୁଲିସ ୧୮ଜଣିଆ ଏସଆଇଟି ଟିମ ଗଠନ କରି ତଦନ୍ତ ଚଲାଇଛି । ବଦନାମ ଭୟରେ ସେ ଆତ୍ମହତ୍ୟା କରିଥିବା ନିଜ ସୁଇସାଇଡ ନୋଟରେ ଲେଖିଛନ୍ତି । ଏହାକୁ ଆଧାର କରି ମହନ୍ତ ନରେନ୍ଦ୍ର ଗିରିଙ୍କ ଶିଷ୍ୟ ଆନନ୍ଦ ଗିରି, ପ୍ରୟାଗରାଜ ହନୁମାନ ଗଡିର ପୁରୋହିତ ଆଦ୍ୟା ପ୍ରସାଦ ତିୱାରିଙ୍କୁ ଗିରଫ କରିଛି ପୁଲିସ । ଆଦ୍ୟା ପ୍ରସାଦ ତିୱାରୀଙ୍କ ପୁଅକୁ ଥାନାକୁ ନେଇ ପଚରା ଉଚରା କରାଯାଉଛି । ଅଖିଳ ଭାରତୀୟ ଆଖଡା ▶▶ପୃଷ୍ଠା ୭

## ଜଳକା ନଦୀରେ ବନ୍ୟା : ଗାଁ ସାହିରେ ପଶିଲା ବନ୍ୟା ଜଳ ଓ ଯାତାୟତ ବିଚ୍ଛିନ୍ନ



ବସ୍ତା, ୨୨।୯(ନିପ୍ର) ବସ୍ତା ବ୍ଲକରେ ପ୍ରବାହିତ ଜଳକାନଦୀର ବନ୍ୟାପାଣି ଉଗ୍ରରୂପ ଧାରଣ କରିଛି । ସଦାନନ୍ଦପୁର, ବାହାର୍ଦ୍ଦା, ମଥାନୀ, କୁଡିଆ, ବାସୁଚକୁରୀ ପଞ୍ଚାୟତ ର ହଜାର ହଜାର ହେକ୍ଟର ଚାଷଜମି ବନ୍ୟାପାଣିରେ ବୁଡି ରହିଛି । ଗତ ମଙ୍ଗଳବାର ସଂଧ୍ୟାରୁ ମୟୂରଭଞ୍ଜ ଜିଲ୍ଲା ରେ ଲଘୁଚାପ ବର୍ଷା ହେବା ଫଳରେ ଜଳକା ନଦୀରେ ବନ୍ୟାପାଣି ଦେଖା ଦେଇଛି । ଯାହାଫଳରେ ବସ୍ତା ବ୍ଲକରେ ଥିବା ପଞ୍ଚାୟତ ର ବିଭିନ୍ନ ଗାଁ ସାହି ଗୁଡିକ, ତଳତାପଣ୍ଡା, ଉପରତାପଣ୍ଡା, ମେଳକ, ଚନ୍ଦନସିଆ, ଦତ୍ତପୁର, ବାହାର୍ଦ୍ଦା, ପେଗରପଡା, ଧଳସାହି, ଶିବଗତିଆ, ଲକ୍ଷ୍ମଣାପଡା, ଧାନହଣ୍ଡା, ପୋଡାପୁଡା, ସାନଖୁଡି, ପ୍ରଭୃତି ଗାଁ ପାଣିଘେରରେ ଅଧିକାଂଶ ଘରଭିତରେ ପାଣି ପଶିଯାଇଥିବାବେଳେ ଗାଁରାସ୍ତାରେ ଆଣ୍ଠୁଏ ପାଣି ର ସୁଅ ଛୁଟିଛି ।ହଜାର ହଜାର ହେକ୍ଟର ଚାଷଜମି ପାଣିରେ ବୁଡିରହିଛି । ଆଜି ସକାଳେ ବାହାର୍ଦ୍ଦା ପଞ୍ଚାୟତ ଚନ୍ଦନସିଆ ଓ ଦତ୍ତପୁର ପେଗରପଡା ଗ୍ରାମର ଲୋକମାନଙ୍କୁ ପାଣିଘେରରୁ ଉଦ୍ଧାରଫଟିମ ଉଦ୍ଧାରକାର୍ଯ୍ୟ କରିଥିଲେ ଓ ପ୍ରତ୍ୟେକ ସ୍ଥାନରେ ଥିବା ଅଙ୍ଗନବାଡି, ସ୍କୁଲରେ ରଖାଯାଇଅଛି । ପ୍ରଶାସନ ପକ୍ଷରୁ ଶୁଖିଲାଖାଦ୍ୟ ଯୋଗାଇ ଦିଆଯାଇଛି । ଅପରପକ୍ଷେ ଜଳକାନଦୀ ଦିର୍ଘ ୧୦ବର୍ଷ ପୂର୍ବରୁ ମରାମତି ହୋଇଥିଲା ଏବେ ବାରମ୍ବାର ବନ୍ୟାପାଣି ର ସୁଅବେ ଦୁଇପଟ ବନ୍ଧ ଦୁର୍ବଳ ହେବାସହିତ ମଥାନୀ ଠାରେ ଘାଇସୃଷ୍ଟି ହୋଇଛି । ସେହିପରି ସାନଖୁଡି ଅଜୟ ମହାନ୍ତି, ଲକ୍ଷ୍ମଣାପଡା ଜଗବନ୍ଧୁଭୂୟାଁ, ଶିବଗତିଆ ର ସଞ୍ଜୟ ବେହେରା, ରବି ବେହେରା ଘରପାଖ ନଦୀ ବନ୍ଧରୁ ଭାଙ୍ଗି ପାଣି ଗାଁ ଦାଣ୍ଡରେ ପ୍ରବାହିତ ହେଉଛି । ଧାନହଣ୍ଡାରୁ ଚକୁରୀ ଓ ଇଡିଦା ଯିବାରାସ୍ତା ଜନ୍ତାଳ ଚଟାଣ, ବାହାର୍ଦ୍ଦା ଚଟାଣ, କୁଡିଆଚଟାଣ ରେ ୪ ରୁ ୫ ଫୁଟରେ ପାଣିର ସୁଅଛୁଟିଛି, ଯାତାୟତ ଠପ ହୋଇଯାଇଛି । ବନ୍ୟା ପରିସ୍ଥିତି ଦେଖିବା ପାଇଁ ବାଲେଶ୍ୱର ଜିଲ୍ଲାପାଳ ପୂର୍ବତନ ▶▶ପୃଷ୍ଠା ୭

# ଇଂ.ସମୀର ଦେଙ୍କ ଦାୟିତ୍ୱ ଗ୍ରହଣ ପରେ ତତ୍ପର 'ଆରଡବ୍ଲ୍ୟୁଏସଏସ'

## ଅଢ଼େଇ ମାସରେ ୨୫ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ଓ ୨ ମେଗା ପ୍ରକଳ୍ପ ଶୁଭାରମ୍ଭ

ବାଲେଶ୍ୱର,୨୨/୯ (ନି.ପ୍ର): ଜିଲା ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗ (ଆରାଡବ୍ଲ୍ୟୁଏସଏସ) ନିର୍ବାହୀ ଯନ୍ତ୍ରୀ ଭାବେ ନିକଟ ଅତୀତରେ କାର୍ଯ୍ୟଭାର ଗ୍ରହଣ କରିଥିବା ଇଂ. ସମୀର ଦେ ଏବେ ବିଭାଗୀୟ କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିଛନ୍ତି। ବିଶେଷ କରି ଦୀର୍ଘଦିନ ଧରି ମନ୍ଥର ଗତିରେ ଚଳିଥିବା ବଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସାଙ୍ଗକୁ ଅନୁମୋଦିତ ନୂଆ ପ୍ରକଳ୍ପ କାର୍ଯ୍ୟାରମ୍ଭ ଉପରେ ସେ ଗୁରୁତ୍ୱ ଇେଦଇଛନ୍ତି। ଗ୍ରାମାଞ୍ଚଳ ପାନୀୟଜଳ ଯୋଗାଣ କ୍ଷେତ୍ରରେ ଆରଡବ୍ଲ୍ୟୁଏସଏସ ଗୁରୁ ଦାୟିତ୍ୱ ବହନ କରୁଥିବା ବେଳେ ଯୁଦ୍ଧକାଳୀନ ଭିତ୍ତିରେ ସେବା ପ୍ରଦାନ ସହ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ପାଇଁ ଇଂ ଦେ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଉଛନ୍ତି। ଜୁଲାଇ ୭ ତାରିଖରେ ସେ ନିର୍ବାହୀ ଯନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ ପରଠାରୁ ବିଭାଗରେ ଉଭୟ ଅଧିକାରୀ ଓ କର୍ମଚାରୀଙ୍କ ମନୋବଳ ବୃଦ୍ଧି କରି ପ୍ରତିଟି କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ ଜାରି ରଖିଛନ୍ତି। ପୂର୍ବରୁ ବିଭିନ୍ନ କାରଣ ପାଇଁ ଅଟକି ରହିଥିବା ୨୫ ଗୋଟି ପ୍ରକଳ୍ପ କାର୍ଯ୍ୟ ଶେଷ ସହ ନୀଳଗିରି ଓ ଭୋଗରାଇର ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଶୁଭାରମ୍ଭ କରିପାରିଛନ୍ତି ସେ। ମାତ୍ର ଅଢ଼େଇମାସ ମଧ୍ୟରେ ସେ ତାଙ୍କର ଦକ୍ଷତାବେଶ ପ୍ରତପାଦିତ କରି ପାରିଛନ୍ତି। ତାଙ୍କର ମାର୍ଗଦର୍ଶନରେ ବିଭାଗୀୟ କର୍ମଚାରୀ ଓ ଅଧିକାରୀମାନେ ବେଶ ସମୟାନୁବର୍ତ୍ତିତା ହୋଇ ନିଜ ନିଜର କର୍ତ୍ତବ୍ୟ କରି ଚାଲିଛନ୍ତି। ଏହା ବାଲେଶ୍ୱର ଜିଲାର ଅନ୍ୟାନ୍ୟ ବିଭାଗ ପାଇଁ ଉଦାହରଣ ହୋଇଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ତିନିଟି ସାଧାନ କେନ୍ଦ୍ରର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଜାତୀୟ ଉପଲବ୍ଧି ସର୍ବେକ୍ଷଣ ପାଇଁ ପ୍ରଶ୍ନ ପ୍ରସ୍ତୁତି କର୍ମଶାଳା

ଧାମନଗର,୨୨/୯ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଚୁଡ଼ାକୁଟି ଆଞ୍ଚଳିକ ସାଧାନକେନ୍ଦ୍ର ଅଧିନସ୍ଥ ଇନ୍ଦ୍ରମଣୀ ସରକାରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ତାଳପଦା, ତପନେଶ୍ୱର ଓ ଚୁଡ଼ାକୁଟି ସାଧନକେନ୍ଦ୍ର ର ସମସ୍ତ ପ୍ରଧାନ ଶିକ୍ଷକ, ଦକ୍ଷ ବିଷୟ ଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଜାତୀୟ ଜାତୀୟ ଉପଲବ୍ଧି ସର୍ବେକ୍ଷଣର ପ୍ରଶ୍ନ ପ୍ରସ୍ତୁତି ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ଇନ୍ଦ୍ରମଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶେଖର କୁମାର ଜେନାଙ୍କ ସଭାପତିତ୍ୱ କରିଥିବାବେଳେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ପିତାମ୍ବର ବାରିକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ, ବିଆରସିସି ଶ୍ରୀଚରଣ ମଲ୍ଲିକ ଜାତୀୟ ଉପଲବ୍ଧି ସର୍ବେକ୍ଷଣ କ'ଣ କାହିଁକି ଓ କିପରି ଆବଶ୍ୟକତା ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସିଆରସିସି ଅଶୋକ ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ସିଆରସିସି ରିୟାଜୁଲ ହୋଦା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ଇନ୍ଦ୍ରଗୋବିନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶ୍ୱର ଜେନା, ପ୍ରଧାନ ଶିକ୍ଷକ ରବିନ୍ଦ୍ର ପଣ୍ଡା, ରମେଶଚନ୍ଦ୍ର ସେଠୀ, ଭାବଗ୍ରାହୀ ଖୁଣ୍ଟିଆ, ମନୋଜ ସିଂହ, ରମେଶଚନ୍ଦ୍ର ପତି, ପ୍ରଭାତ କୁମାର ଜେନା, ବଳରାମ ମୁଖି, ଖଗେଶ୍ୱର ସାମଲ, ଶଶିଭୁଷଣ ସେଠୀ, ପ୍ରତାପ ଜେନା, ସୁଧାଂଶୁଶେଖର ଜେନା, ନିରୋଦ କୁମାର ଜେନା, ସନାତନ ମୁର୍ମୁ, କୃଷ୍ଣଚନ୍ଦ୍ର ବେହେରା, ଶିକ୍ଷୟିତ୍ରୀ ସବିତା ସାହୁ, ମସ୍କୁସ୍ମିତା ମିଶ୍ରୀ, ତିଳୋତ୍ତମା ବାରିକ ଯୋଗଦେଇଥିଲେ। ମୁଖ୍ୟଅତିଥି, ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ବାରିକ ତାଙ୍କ ଅଭିଭାଷଣରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିବାସହିତ ଆସନ୍ତା ନଭେମ୍ବର ୧୨ତାରିଖରେ ହେବାକୁ ଥିବା ଜାତୀୟ ଉପଲବ୍ଧି ସର୍ବେକ୍ଷଣରେ ଆମ ବ୍ଲକ କିପରି ଭାବରେ କିପରି ଭଲକରିବା ସହିତ ଓଡ଼ିଶାର ନାଁ କରିବ ତାହା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଶେଷରେ ସିଆସିସି ପ୍ରଶାନ୍ତ କୁମର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱର ଔଷଧ ବିକ୍ରେତା ସଂଘ ପକ୍ଷରୁ କୋଭିଡ ଟିକାକରଣ କେନ୍ଦ୍ର




ବାଲେଶ୍ୱର,୨୨/୯ (ନି.ପ୍ର): ବାଲେଶ୍ୱରର ଔଷଧ ବିକ୍ରେତା ସଂଘ 'କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନ' ସହଯୋଗରେ ଏକ କୋଭିଡ ଟିକାକରଣ ଶିବିର ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଔଷଧ ବିକ୍ରେତାଙ୍କ କର୍ମଚାରୀ ଓ ତାଙ୍କ ପରିବାର ବର୍ଗଙ୍କ ଉଦ୍ଦେଶ୍ୟରେ ଏହି ଟିକାକରଣ ଶିବିର ଆୟୋଜିତ ହୋଇଥିଲା। ଶିବିର ଶେଷ ସୁଦ୍ଧା ୨୫୦ ଜଣ ଦ୍ୱିତୀୟ ପାନ ଟିକା ନେଇଥିଲେ। ଔଷଧ ବିକ୍ରେତା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଟିକାଦାନ ଶିବିର ଆୟୋଜନ ପାଇଁ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦୁଲାଲ ସେନ ଜଗଦେବଙ୍କୁ ସଂଘର ସଭାପତି ସିଦ୍ଧାର୍ଥ ସାରଥୀ ଦାସ ଏବଂ ସମ୍ପାଦକ ସମୀର ଜଟାନିଆ କୃତଜ୍ଞତା ଜଣାଇଛନ୍ତି। ସଂଗଠନର ସାଲାଇଜୁ ମିଶ୍ର, ସୁଦୀପ ଚକ୍ରବର୍ତ୍ତୀ, ଶେଖ ଅକ୍ତର ଅଲୀ, ନିରୋଜ ପୋଦାର, ଅରୁଣ ଖଣ୍ଡେଲୱାଲ, ବିକ୍ରମଜିତ କର, ବିକାଶ ପୋଦାର, ଅଶୋକ ନନ୍ଦ ପ୍ରମୁଖ ଏହି ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ନଚ୍ଛିମପୁର ରେସନ ଉପଭୋକ୍ତା ମାମଲା : ୨୮ରେ ବିଜେପିର ବ୍ଲକ ଆଗରେ ବିକ୍ଷୋଭ

ଜଳେଶ୍ୱର ,୨୨/୯ (ନି.ପ୍ର): ନଚ୍ଛିମପୁର ଗ୍ରାମର କତିପୟ ରେସନ ହିତାଧିକାରୀ, ଯୋଗାଣ ବିଭାଗ ଅଧିକାରୀ, ବ୍ଲକ ଉପାଧ୍ୟକ୍ଷଙ୍କୁ ନେଇ ରେସନକାର୍ଡ ସମ୍ବନ୍ଧୀୟ ମାମଲାାରେ ବିଜେପି ପକ୍ଷରୁ ଆସନ୍ତା ୨୮ ତାରିଖରେ ବ୍ଲକ ଘେରାଓ ଓ ବିକ୍ଷୋଭ ହେବବୋଲି ଆଜି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଜଣାଇଛନ୍ତି । ଏଥିନେଇ ଥାନାରେ ୩ଟି ମାମଲା ହୋଇଛି । ବିଡିଓ ଏଭଳି ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ପକ୍ଷରରୁ ମଣ୍ଡଳ ସଭାପତି ତପନ କୁମାର ବିଶ୍ୱାଳ, ଅରୁଣ କୁମାର ଜେନା, ଦେବୁ କୁମାର ଦତ୍ତ, ଅରୁଣ କୁମାର ବେଜ, ଶାନ୍ତନୁ ପଟ୍ଟନାୟକ, ସମୀର ପାତ୍ର, ଫାଲଗୁନୀ ପାଣିଗ୍ରାହୀ. ସାବିତ୍ରୀ ଜେନା ପ୍ରମୁଖ ବିଡିଓଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ସହାୟୀତା କାଦମ୍ବିନୀ ସିଂଙ୍କୁ ପ୍ରଦାନ କରାଯାଇଛି ।

# ଥାନାରୁ ନ୍ୟାୟ ପାଇଲେ ନାହିଁ: ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଲେ ବୀରେନ୍ଦ୍ର

କନ୍ଧମାଳ,୨୨/୯ (ନି.ପ୍ର): ଫୁଲବାଣୀ ହାଟପଦାର ବିରେନ୍ଦ୍ର ଦିଗାଲ ୨୦୦୭ ରେ ଡୁଡୁକିବାଡିର ଗୀତାଞ୍ଜଳୀ ନାୟକଙ୍କୁ ହିନ୍ଦୁ ରୀତିନୀତିରେ ବିବାହ କରିଥିଲେ। ତାଙ୍କ ର ୧୧ ଓ ୫ ବର୍ଷ ର ଦୁଇଟି ପୁଅ ଅଛନ୍ତି । ଗୀତାଞ୍ଜଳୀ ୨୦୧୭ ମସିହାରେ ପୁରୀ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଯୁକ୍ତ ଦୁଇ ସାର୍ଟିଫିକେଟ ଆଣିବାକୁ ଯିବାକୁ ନେଇ ଘରେ ବିବାଦ ଆରମ୍ଭ ହୋଇଥିଲା । କିନ୍ତୁ ପରେ ବିରେନ୍ଦ୍ର ଉପରେ ସ୍ତ୍ରୀ ଗୀତାଞ୍ଜଳୀ ସାମାନ୍ୟ କଥାରେ ଉତକ୍ଷୀପ୍ତ ହୋଇ ଗଣ୍ଡଗୋଳ କରିବାକୁ ଲାଗିଲେ ବୋଲି ବିରେନ୍ଦ୍ର ଅଭିଯୋଗ କରିଛନ୍ତି । ଏପରିକି ରାସ୍ତାରେ ଗୋଡେଇ ବାଡେଇଥିବା, ମୋବାଇଲରେ ଧମକ ଦେବା, ପୋଷାକ ପତ୍ର ବୀରେନ୍ଦ୍ର ଘରୁ ଫୋପାଡ଼ି ଦେଇ ଫୁଲବାଣୀ ଫ୍ୟାମିଲି କୋର୍ଟ ଏବଂ ବାଲିଗୁଡା ଏଡିଜେ କୋର୍ଟରେ ଛାଡପତ୍ର କେସ୍ କରି ଛାଡପତ୍ର ନେଇଛନ୍ତି। ହେଲେ ବିରେନ୍ଦ୍ରର ଘର ନ ଛାଡି ସେଠାରେ ବୁଲୁ ମନ୍ତ୍ରୀ ନାମକ ଜଣେ ପରୁଷ ସହ ରହୁଛନ୍ତି ବୋଲି ଅଭିଯୋଗ ପତ୍ରରେ ସେ ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇଛନ୍ତି । ବୁଲୁ ମନ୍ତ୍ରୀଙ୍କ ସ୍ତ୍ରୀ ଗୀତାଞ୍ଜଳୀ ନାୟକ ବୁଲୁଙ୍କ ଅନୈତିକ ସମ୍ପର୍କ ବିଷୟରେ ଦାରିଙ୍ଗବାଡି ଥାନାରେ ବାରମ୍ବାର ଅଭିଯୋଗ କରିଛନ୍ତି। ଦୁହିଁଙ୍କୁ ଜୁନ ୪ ତାରିଖରେ ଦାରିଙ୍ଗବାଡି ପୋଲିସ ବୀରେନ୍ଦ୍ରର ହାଟପଦା ଘରୁ ଧରି ଥାନାକୁ ନେଇଥିଲେ। କିନ୍ତୁ, ଇତି ମଧ୍ୟରେ ଅଧିକ ଯିବାଆସିବା ଲାଗିଥିବା ଅଭିଯୋଗ କରିଛନ୍ତି ବିରେନ୍ଦ୍ର। କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଆଜି ସେ ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରି ନ୍ୟାୟ ଭିକ୍ଷା କରିଛନ୍ତି। ଏପରିକି ତାଙ୍କ ପୁଅ ଦୁହିଁଙ୍କ ପ୍ରତି ବିପଦ ଥିବା ଆଶଙ୍କା କରିଛନ୍ତି। ଛାଡପତ୍ର ନେଇ ପର ପୁରୁଷ ସହ ରହୁଥିବାରୁ ଏବଂ କୌଣସି ଅଘଟଣ ଘଟିବା ପୂର୍ବରୁ ତାଙ୍କ ଘର ଓ ପୁଅ ଦୁହିଁଙ୍କୁ ବିରେନ୍ଦ୍ରଙ୍କୁ ହସ୍ତାନ୍ତର କରିବାକୁ ଆରକ୍ଷୀ ଅଧିକ୍ଷକଙ୍କୁ ଅନୁରୋଧ କରିଛନ୍ତି। ଦାରିଙ୍ଗବାଡି ଥାନା ଅଧିକାରୀଙ୍କୁ ସେ ଏ ବାବଦରେ ବହୁବାର ଲିଖିତ ଅଭିଯୋଗ କରି ଜଣାଇଛନ୍ତି। ତୁରନ୍ତ ଏ ଦିଗରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଆରକ୍ଷୀ ଅଧିକ୍ଷକ ଦାରିଙ୍ଗବାଡି ଥାନା ଅଧିକାରୀଙ୍କୁ ଫୋନ ଯୋଗେ ନିର୍ଦ୍ଦେଶ ଦେଇଛନ୍ତି। ନଚେତ ଆଗାମୀ ଦିନରେ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି ବିରେନ୍ଦ୍ର ଦିଗଲ।

# ପଦ୍ମାଳୟା ପୀଠରେ ଭାଗବତ ଜନ୍ମ ଉତ୍ସବ ପାଳିତ

ଭଦ୍ରକ,୨୨/୯ (ନି.ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ ଓଲଂଗ ପଞ୍ଚାୟତ ଅଧିନସ୍ଥ ପଦ୍ମାଳୟାପୀଠ ସରମଂଗାଠାରେ ନିରାଡ଼ମ୍ବର ସହ ଶ୍ରୀମଦ ଭାଗବତ ଜନ୍ମ ଉତ୍ସବ ଓ ଅନନ୍ତ ନାରାୟଣ ବ୍ରତ ପୂଜା ନିରାଡ଼ମ୍ବର ଭାବେ ସମ୍ପାଦିତ ହୋଇଅଛି। ମଧ୍ୟାହ୍ନରେ ଭଜନ ଓ କୀର୍ତ୍ତନ କରାଯାଇ ପୂଜାସମାପନ ହୋଇଥିଲା। ଭଜନ କୀର୍ତ୍ତନରେ ମୋହିନୀ ମୋହନ ମହାପାତ୍ର, ଦୁଃଶାସନ ଗାହାଣ, ଜଟାଧାରି ଦାସ, ଅମୀୟ ମହାପାତ୍ର, ଗୌରାଂଗ ଚନ୍ଦ୍ର ବାରିକ, ଗୋପାଳ ମୁଖୀ, ଲକ୍ଷ୍ମୀଧର ସେଠି, କାଠିଆ ମହାକୁଡ, ସୁଦର ମହାନ୍ତି, ସୁବାସ ଚନ୍ଦ୍ର ମଲ୍ଲିକ ପ୍ରମୁଖ ସଂଗୀତ ଗାନ କରିଥିଲେ। ଆୟୋଜକ ଗଂଗାଧର ରାଉଳ, କୃଷ୍ଣ ଚନ୍ଦ୍ର ରାଉଳ, ଦୋଳଗୋବିନ୍ଦ ଧଳ, ଧନଞ୍ଜୟ ସେଠୀ, ବସନ୍ତ କୁମାର ମହାପାତ୍ର, ବିଜୟ ସାମଲ, ପ୍ରାକ୍ତନ ସରପଞ୍ଚ ଅକ୍ଷୟ ମହାନ୍ତି ପ୍ରମୁଖଙ୍କ ସହଯୋଗରେ ଉତ୍ସବଟିକୁ ସଫଳ କରାଇଥିଲେ। ସ୍ୱର୍ଗତ ଶିକ୍ଷକ ବଳରାମ ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ଏହି ଭାଗବତ ସତସଂଗଟି ଗଠନ କରାଯାଇଥିଲା। ତାଙ୍କର ଆତ୍ମାର ସଦଗତି ନିମନ୍ତେ ଭାଗବତ ଗୋସାଇଁଙ୍କ ପାଖେ ପ୍ରାର୍ଥନା କରାଯାଇଥିଲା।

# କନ୍ଧମାଳ ସାଂସଦଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ଜିଲ୍ଲା ପ୍ରେସ୍ କ୍ଲବର କର୍ମକର୍ତ୍ତା

କନ୍ଧମାଳ,୨୨/୯ (ନି.ପ୍ର): ଗତ କିଛି ଦିନ ମଧ୍ୟରେ ଜିଲ୍ଲା ପ୍ରେସ କ୍ଲବ ଫୁଲବାଣୀର ନୂତନ କର୍ମକର୍ତ୍ତା ଚୟନ ସରିଛି । ଆଜି କନ୍ଧମାଳ ସାଂସଦ ଡ.ଅଚ୍ୟୁତ ସାମନ୍ତ ଫୁଲବାଣୀ ଗସ୍ତରେ ଆସୁଥିବା ନେଇ ଖବର ପାଇ ସଭାପତି ସୁନୀଲ କୁମାର ପଟ୍ଟନାୟକ ଏବଂ ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ଅନ୍ୟ ସମସ୍ତ କର୍ମକର୍ତ୍ତା ମାନେ ସ୍ଥାନୀୟ ସର୍କିଟ ହାଉସରେ ସାଂସଦଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ସାଂସଦ ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଜିଲ୍ଲାର ଉନ୍ନୟନମୂଳକ କାର୍ଯ୍ୟରେ ସାମ୍ବାଦିକ ମାନଙ୍କୁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ସାମ୍ବାଦିକ ମାନଙ୍କ ଉନ୍ନୟନ ଦିଗରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକ ମାନଙ୍କୁ ସମସ୍ତ ପ୍ରକାରର ସହଯୋଗ ତାଙ୍କ ପକ୍ଷରୁ ରହିଛି ଏବଂ ଆଗକୁ ରହିବ ବୋଲି କହିଥିଲେ । ଏହା ସହିତ ଆଗାମୀ ଗାନ୍ଧୀଜୟନ୍ତୀ ଅକ୍ଟୋବର ମାସ ୨ ତାରିଖରେ ଫୁଲବାଣୀ ପ୍ରେସ କ୍ଲବର ଅତିରିକ୍ତ ଗୃହକୁ ଅନୁଷ୍ଠାନିକ ଭାବରେ ସେ ନିଜେ ଉଦଘାଟନ କରିବା ନେଇ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ଏଥିରେ ପ୍ରେସ କ୍ଲବର ସଭାପତିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ମାନେ ତାଙ୍କୁ ସାଧୁବାଦ ଜଣାଇଛନ୍ତି । ଏହି ଅବସରରେ ସେଠାରେ ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ପରିଡା, ଉପସଭାପତି ସୁନୀଲ କୁମାର ବିଶ୍ୱାଳ, ସତ୍ୟନାରାୟଣ ବେହେରା, ଯୁଗ୍ମସମ୍ପାଦକ ରମେଶ କୁମାର ପ୍ରଧାନ, କାର୍ଯ୍ୟକାରୀ ସଦସ୍ୟ ଜୟସେନ ପରିଡା, ଶିବାନନ୍ଦ ପଟ୍ଟନାୟକ, ସଦସ୍ୟ ଆଦିତ୍ୟପ୍ରସାଦ ତ୍ରିପାଠୀ, ରାକେଶ ରାଉତ ଏବଂ ଅନ୍ୟ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ ।

# ପ୍ରାଥମିକ ଉପଚାର ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ,୨୨/୯ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଜୁନିୟର ରେଡ଼କ୍ରସ ୟୁନିଟ ପକ୍ଷରୁ ସୋମବାର ଦିନ ପ୍ରାଥମିକ ଉପଚାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ମିନା ଦିଗାଲଙ୍କ ତତ୍ୱାବଧାନରେ ଜୁନିୟର ରେଡ଼କ୍ରସର ଫାଷ୍ଟଏଡ଼ର ତଥା ପ୍ରାଥମିକ ଉପଚାରିକା ସୁନିତା ଦିଗାଲ ପ୍ରାଥମିକ ଉପଚାରର ଲକ୍ଷ୍ୟ ଓ ଆବଶ୍ୟକତା ଉପରେ ଛାତଛାତ୍ରୀ ମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ହଠାତ୍ ଦୁର୍ଘଟଣାରୁ କିଭଳି ଭାବେ ରକ୍ଷା ପାଇବା ଏବଂ ରିକଭରି ଆସିବ, ହାତଗୋଡ ଭଙ୍ଗା, ନାକରୁ ରକ୍ତ ବାହାରିବା, ମୂର୍ଚ୍ଛା, ମୁଣ୍ଡର ଖପୁରୀ ଚଡ଼ିକିବା, ରକ୍ତ ବନ୍ଦ କରିବା ଆଦିର ଉପଚାର ସମ୍ବନ୍ଧରେ ଛାତଛାତ୍ରୀ ମାନଙ୍କୁ ଡେମୋଷ୍ଟ୍ରେସନ ମାଧ୍ୟମରେ ବୁଝେଇଥିଲେ।

# ଧାମନଗର ଅଞ୍ଚଳର ଖବରକାଗଜ ବିତରକ ଧନେଶ୍ୱର ଜେନାଙ୍କ ପରଲୋକ: ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା



ଧାମନଗର ତା ୨୧/୦୯: ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଗୋଖାଦିଗି ଗ୍ରାମର ଦୈନିକ ସମ୍ବାଦ ଖବର କାଗଜର ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନାଙ୍କ ପୁତୁରା ତଥା ଖବରକାଗଜର ବିତରକ ଧନେଶ୍ୱର ଜେନା (କାଳିଆ) ବୟସ ୪୦ ଙ୍କର ଅକାଳ ବିୟୋଗ ଘଟିଛି। ସୂଚନା ଅନୁଯାୟୀ ଧନେଶ୍ୱରଙ୍କ କିଛିଦିନ ହେବ ଅସୁସ୍ଥଥାଇ ଚିକିତ୍ସିତ ହେଉଥିଲେ। କିନ୍ତୁ ହଠାତ୍ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଉତ୍ତମ ଚିକିତ୍ସା ନିମନ୍ତେ ତୁରନ୍ତ କଟକର ଏକ ଘରୋଇ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ସୋମବାର ରାତିରେ ପରଲୋକ ଘଟିଛି। ସେ ଜଣେ ମେଳାପୀ, ସ୍ନେହୀ, ପରୋପକାରୀ, ସମସ୍ତଙ୍କର ଜଣାସୁଣା ବ୍ୟକ୍ତିଥିଲେ। ତାଙ୍କର ଅସମୟରେ ପରଲୋକ ଘଟିବାର ଖବର ପାଇ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ତାଙ୍କ ବାସଭବନରେ ପହଞ୍ଚି ଶୋକ ପ୍ରକାଶ କରିବା ସହିତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ଦୁଃଖଦ ଖବର ଶୁଣି ଧାମନଗର ପଂଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିଜେଡ଼ି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ମନୋରଂଜନ ମଲ୍ଲିକ, ବିଜେଡ଼ି ବ୍ଲକ ସଭାପତି ଉମେଶଚନ୍ଦ୍ର ମହାନ୍ତି, ବିଜେଡ଼ି ନଗର ସଭାପତି ସୁଶାନ୍ତ ରାଉତ, ସମାଜସେବୀ ଲମ୍ବୋଦର ଜେନା, ଏମ୍ଡ଼ି ହବିବୁର ରହେମାନ୍, ସରୋଜ ପରିଡ଼ାଙ୍କ ସମେତ ବିଭିନ୍ନ ଦଳର ରାଜନୈତିକ ନେତା ଓ କର୍ମୀ , ଧାମନଗର ପ୍ରେସ୍ କ୍ଲବର ସଭାପତି ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର, ସାମ୍ବାଦିକ ଅନିଲ କୁମାର ବାରିକ, ସୁଧାକର ଦାଶ, ସେକ୍ ଜାଫର ଅଲ୍ଲୀ, କିଶାନ କୁମାର ରାଉତ, ବୈକୁଣ୍ଠ ନାଥ ସାହୁ, କୈଳାଶଚନ୍ଦ୍ର ଗୁପ୍ତା, ବିରେନ୍ଦ୍ର କୁମାର ଜେନା, ସରୋଜ କୁମାର ସେଠୀ, ଅନନ୍ତ ଜେନା, ବରିଷ୍ଠନାଗରିକ ପରିଷଦର ସମ୍ପାଦକ ଶଚିକାନ୍ତ ପଣ୍ଡା, ଶିକ୍ଷାବିତ୍ ନୀରାକାର ଧଳ, ଶିକ୍ଷକ ମନୋଜ କୁମାର ସିଂହ ତଥା ଧାମନଗର ଅଂଚଳର ବୁଦ୍ଧିଜୀବୀ ଗଣ ସ୍ୱର୍ଗତ ଜେନାଙ୍କ ବାସ ଭବନରେ ପହଂଚି ଶେଷ ଦର୍ଶନ କରିବା ସହିତ ଗଭୀର ଦୁଃଖ ପ୍ରକାଶ କରିଥିଲେ। ଖୁବ୍ କମ୍ ବୟସରେ ଅକାଳ ବିୟୋଗ ଘଟିଥିବାରୁ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଥିବାରୁ ମୃତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏହି ଦୁଃଖଦ ଖବର ଶୁଣି ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ, ବାଲେଶ୍ୱର- ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ପୂର୍ବତନ ସଭାପତି ରଘୁନାଥ ଲେଙ୍କା, ସାଂସଦ ପ୍ରତିନିଧି ନାରାୟଣଚନ୍ଦ୍ର ସାହୁ, ସମିତିସଭ୍ୟ ହରେକୃଷ୍ଣ ପାଢୀ, ନଗର ସାଂସଦ ପ୍ରତିନିଧି ଶରତଚନ୍ଦ୍ର ମହାନ୍ତି, ବିଜେଡ଼ି ନେତା ବିଦ୍ୟାଧର ରାଉତ, ପ୍ରତାପ ସାମଲ, ଦୟାନିଧି ମିଶ୍ର, ଭାନୁପ୍ରକାଶ ପଲାଇ, ଭାରତବିଜୟ ଦଳାଇ ସୁଶାନ୍ତ ପଣ୍ଡା, ହିମାଦ୍ରୀନନ୍ଦ ଦାସ, ଜ୍ଞାନରଂଜନ ମହାକୁଡ଼ ପ୍ରମୁଖ ସ୍ୱର୍ଗତ ଜେନାଙ୍କ ଅକାଳ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରି ମୃତ ପରିବାରକୁ ସମବେଦନା ଜଣାଇବା ସହିତ ତାଙ୍କର ଅମରଆତ୍ମାର ସଦ୍‌ଗତି କାମନା କରିଥିବା ଜଣାଯାଇଛି। ସ୍ୱର୍ଗତ ଜେନାଙ୍କ ଅନ୍ତିମ ସଂସ୍କାର ସମୟରେ ତାଙ୍କ ଦୁଇପୁତ୍ର, ବନ୍ଧୁବାନ୍ଧବ ସହ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।

## ଜିଲ୍ଲାସ୍ତରୀୟ ସମନିତ ଶିଶୁ ବିକାଶ ଯୋଜନାର ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା,୨୨/୯ (ନି.ପ୍ର): ସମନିତ ଶିଶୁ ବିକାଶ ଯୋଜନାର ସମୀକ୍ଷା ବୈଠକ ଉପ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ପ୍ରସୁତି ମାତା ଓ ନବ ଜାତକ ଶିଶୁଙ୍କ ସ୍ୱାସ୍ଥ୍ୟ ସଂପର୍କିତ ବିଭିନ୍ନ ଦିଗ ଉପରେ ସମୀକ୍ଷା କରା ଯାଇଥିଲା । ମୋ ସରକାର ଯୋଜାନ ଅନ୍ତର୍ଗତ ସମସ୍ତ କାର୍ଯ୍ୟକୁ ସଫଳ ରୂପାୟନ କରିବା ପାଇଁ ବୈଠକରେ ଗୁରୁତ୍ୱ ପ୍ରକାଶ କରାଯିବା ସହ ପ୍ରସୂତି ମାର ସ୍ୱାସ୍ଥ୍ୟବସ୍ଥା , ସ୍ୱାସ୍ଥ୍ୟ ପରୀକ୍ଷା, ପୁଷ୍ଟିକର ଖାଦ୍ୟ , ଉତ୍ତମ ଚିକିତ୍ସା ସହ ଶିଶୁର ଯତ୍ନ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇ ଥିଲା । ଏ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଅଙ୍ଗନୱାଡି କର୍ମଙ୍କ ଦ୍ୱାରା ସଂଗ୍ରହ କରି ସୁପର ଭାଇଜର ସିଡିପିଓଙ୍କୁ ପ୍ରଦାନ କରିବା ପାଇଁ ଉପ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

# ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ କାର୍ଯ୍ୟାଳୟ ବିପଦ ସଂକୁଳ



ଜଳେଶ୍ୱର ,୨୨/୯ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ଷ୍ଟେସନବଜାର ଠାରେ ଭଡାଘରେ ଚାଲିଥିବା ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଜଳେଶ୍ୱର ସାଂଧ୍ୟ ଶାଖା କାର୍ଯ୍ୟାଳୟ ବିପଦ ସଂକୁଳ ଅବସ୍ଥାରେ ଚାଲିଛି । ଏଥିପାଇଁ ଗ୍ରାହକମାନେ ବ୍ୟାଂକ କାର୍ଯ୍ୟାଳୟକୁ ଆସିବାକୁ ନିରାପଦ ମଣୁନାହାନ୍ତି । ବର୍ଷାଦିନେ ପାଣି ଗଳୁଥିବା ବେଳେ ଛାତ ପୋଲସ୍ତରା ଖଣ୍ଡ ଖଣ୍ଡ ଖସିପଡୁଛି । କାଗଜପତ୍ର ଓଦା ସରସର ବେଳେ ଜରୁରୀ କାଗଜପତ୍ର ନଷ୍ଟ ହେବାକୁ ବସିଛି । ଏହି ସାଂଧ୍ୟ ଶାଖା ଯୋଗୁଁ ଲୋକେ ସଂଧ୍ୟାକାଳରେ ଟଙ୍କା ଆଦାନ ପ୍ରଦାନର ସୁବିଧା ଆସୁଛନ୍ତି । ଏହି ସୁବିଧା ଯୋଗୁଁ ଗ୍ରାହକ ସଂଖ୍ୟ ବଢିଚାଲିଥିବା ବେଳେ ବିପଦଜନକ କାର୍ଯ୍ୟାଳୟ ଯୋଗୁଁ ଲୋକେ ପ୍ରମାଦ ଗଣୁଛନ୍ତି । କେତେକ ସମୟରେ ସାପ, ବେଙ୍ଗ, ପୋକଜୋକ ଇତ୍ୟଦି ଦେଖିବାକୁ ମିଳୁଛି । ଗୃହର ମରାମତି କିମ୍ବା ନୂତନ ଗୃହକୁ କାର୍ଯ୍ୟାଳୟ ସ୍ଥାନାନ୍ତର ଲାଗି ସାଧାରଣରେ ଦାବି ହେଉଛି ।

# ଗିରଫ ଅଭିଯୁକ୍ତ ଫାଣ୍ଡି ପରିସରରୁ ଫେରାର : ପୁଲିସର ତଦନ୍ତ ଜାରି

ଧର୍ମଶାଳା,୨୨/୯ (ନି.ପ୍ର): ଗିରଫ ହୋଇଥିବା ଅଭିଯୁକ୍ତ ଆଜି ଫାଣ୍ଡି ପରିସରରୁ ଫେରାର ହୋଇଯାଇଥିବା ନେଇ ଚଣ୍ଡିଖୋଲ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଚଣ୍ଡିଖୋଲ ଫାଣ୍ଡି କ୍ଷେତ୍ରରେ । ଫେରାର ଅଭିଯୁକ୍ତ ଜଣକ ହେଲେ ସ୍ଥାନୀୟ ନିଶିମଳା ଗ୍ରାମର ସିପୁଆ ଜେନା ବୋଲି ଜଣାପଡିଛି । ସୂଚନା ମୁତାବକ ଗତକାଲି ଚଣ୍ଡିଖୋଲ ଫାଣ୍ଡି ପୁଲିସ ଏକ ୱାରେଂଟ ମାମଲାରେ ନିଶିମଳା ଗ୍ରାମର ସିପୁଆକୁ ଗିରଫ କରିଥିଲା । ତେବେ ଆଜି ଫାଣ୍ଡି ପରିସରରେ ଶୌଚ ହେବାକୁ କହି ପୁଲିସକୁ ଚକମା ଦେଇ ଫେରାର ହୋଇଯାଇଥିବା ଜଣାପଡିଛି । ଅଭିଯୁକ୍ତ ସିପୁଆକୁ ଧରିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଛି । ଏନେଇ ଫାଣ୍ଡି ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ । ଏଭଳି ଘଟଣାକୁ ନେଇ ଆଜି ବଡଚଣା ବ୍ଲକରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ଜନସ୍ୱାସ୍ଥ୍ୟ ଅନୁଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେପିର ଧାରଣା

ଜଳେଶ୍ୱର ୨୧/୯(ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ପୌରପାଳିକା ଅଧିନ ଶାନ୍ତିଆସ୍ଥିତ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ବିଜେପି ପକ୍ଷରୁ ଗଣଧାରଣା ଦିଆଯାଇଛି । କାର୍ଯ୍ୟାଳୟ ସମୟ ଦିନ ୧୦ଟାରେ ବିଜେପିର କେତେକ କର୍ମକର୍ତ୍ତା ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ଇଂ ରତନ କୁମାର ମାଝୀଙ୍କ ସହିତ ସାକ୍ଷାତ ଏକ ସୂଚନା ଆଇନ୍ ସଂପର୍କରେ କେତେକ ତଥ୍ୟ ଆଣିବାକୁ ଯାଇଥିବା ବେଳେ ଶ୍ରୀ ମାଝୀ କାର୍ଯ୍ୟାଳୟରେ ଗାମୁଛା ପିନ୍ଧି ବୁଲୁଥିବାରୁ ବିଜେପି କର୍ମୀମାନେ ଉତ୍ୟକ୍ତ ହୋଇଥିଲେ । ବିଜେପିର ପୌର ସଭାପତି ଫାଲଗୁନୀ ପାଣିଗ୍ରାହୀ ବିରକ୍ତ ପ୍ରକାଶ କରିବା ସହ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣରେ ବସିଛନ୍ତି । ଏହି ଧାରଣାରେ ଜିଲା ଉପସଭାପତି ସାବିତ୍ରୀ ଜେନା, ନଗର ଯୁବମୋର୍ଚ୍ଚା ସଭାପତି ରବିନ୍ଦ୍ର ପାତ୍ର, ବରିଷ୍ଠ ନେତା ପ୍ରବୀର ପ୍ରଧାନ, ସମୀର ପାତ୍ର. ରାମକୃଷ୍ଣ ସାହୁ, ତନ୍ମୟ ଚନ୍ଦ, ମନମୋହନ ଆଚାର୍ଯ୍ୟ, ସଂଜୀବ ସେନାପତି, ନିତ୍ୟାନନ୍ଦ ଦାସ, ନଗେଗନ୍ଦ୍ର ପାତ୍ର, ଅନନ୍ତ ଦାସ, ଗୌରଗୋପାଳ ଦାସ ଅଧିକାରୀ ଏହି ଆନ୍ଦୋଳନରେ ବସିଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି କର୍ତ୍ତୃପକ୍ଷ ଆଲେଲୋଚନାଲାଗି ଆସିନଥିବା ଜଣାଯାଇଛି ।

## ପୋଷ୍ଟନାଟାଲ ଡିପ୍ରେସନ୍

ପିଲାଜନ୍ମ ପରେ ମା ଠାରେ ଦେଖା ଯାଉଥିବା ଅବସାଦକୁ ପୋଷ୍ଟନାଟାଲ ଡିପ୍ରେସନ ବୋଲି କୁହାଯାଏ । ଗର୍ଭାବସ୍ଥା ସମୟରେ କିମ୍ବା ପିଲା ଜନ୍ମ ପରେ ପରେ ୫ଜଣ ମାଙ୍କ ମଧ୍ୟରୁ ଜଣଙ୍କଠାରେ ପୋଷ୍ଟନାଟାଲ ଡିପ୍ରେସନ୍ ଦେଖା ଦେଇଥାଏ । ଏ ସମୟରେ ମହିଳାଙ୍କଠାରେ ପୋଷ୍ଟନାଟାଲ ଡିପ୍ରେସନ ଦେଖା ଦେଇଥାଏ । ଏ ସମୟରେ ମହିଳାଙ୍କ ଠାରେ ଉଦାହରଣ, ଜୀବନରୁ ରୁଚି ହ୍ରାସ ହେବା, ପ୍ରତି



କଥାରେ ନିଜକୁ ଦୋଷୀ ଭାବିବା, ନିଜ ଉପରେ ଆରୋପ ଲଗାଇବା ଲକ୍ଷଣ ଦେଖାଯାଏ । କିନ୍ତୁ ଏ ସମସ୍ତ ଲକ୍ଷଣକୁ ସାଧାରଣ ଭାବି ଦମ୍ପତ୍ତି ଅଣଦେଖା କରିଦିଅନ୍ତି । ଯଦ୍ୱାରା ପୋଷ୍ଟନାଟାଲ ଡିପ୍ରେସନର ଚିକିତ୍ସାରେ ବିଳମ୍ବ ହୋଇଥାଏ । ୟୁନିଭର୍ସିଟି ଅଫ୍ ବ୍ରିଟିଶ୍ କଲମ୍ବିଆ ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି, ଅଧିକାଂଶ ମହିଳାଙ୍କ ଠାରେ ଏସମୟରେ କ୍ରୋଧ ଭାବନା ଅଧିକ ଦେଖାଦିଏ । ବିଶେଷଜ୍ଞଙ୍କ ଅନୁସାରେ, କୋଧ ପୋଷ୍ଟନାଟାଲ ଡିପ୍ରେସନରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଯଦି ଏହାର ଚିକିତ୍ସା ସମୟ ପୂର୍ବରୁ କରାନଯାଏ, ତେବେ ମହିଳା ରୋଗମୁକ୍ତ ହେବାରେ ବାଧା ସୃଷ୍ଟି ହୁଏ । ଏହାଦ୍ୱାରା ମା ପିଲା ଏବଂ ପରିବାର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ଏମକିତି ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ ମଧ୍ୟ ଖରାପ ହୋଇଥାଏ । ଫଳରେ ପରିବାର ଓ ସ୍ୱାମୀଙ୍କ ସାହାଯ୍ୟ ମିଳିବା ପରିବର୍ତ୍ତେ ସମ୍ପର୍କରେ ଫାଟ ସୃଷ୍ଟି ହୁଏ ।

## ସ୍ତନ କର୍କଟ ନହେବା ପାଇଁ ସାବଧାନତା

ତିରିଶ ବର୍ଷ ପରେ ମହିଳାମାନେ ସ୍ତନ କର୍କଟରେ ଆକ୍ରାନ୍ତ ହେଉଥିବାର ଦୃଷ୍ଟାନ୍ତ ଅଧିକ। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଭାରତରେ ପ୍ରତି ତିରିଶ ଜଣରେ ଜଣେ ମହିଳା ସ୍ତନ କର୍କଟରେ ଆକ୍ରାନ୍ତ ହେଉଛନ୍ତି। ସାବଧାନ ତଥା କେତେକ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ ଦ୍ୱାରା ସ୍ତନ କର୍କଟ ଆଶଙ୍କା ରହେନାହିଁ। ନିତିଦିନିଆ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ। ଠିକ୍ ସମୟରେ ଶୋଇବା ଓ ଉଠିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସନ୍ତୁଳିତ ତଥା ଭିଟାମିନ ଡି, ସି ଏବଂ ବି-୧୨ ପେଷାକଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ତାଜା ଫଳ, ସବୁଜ ପନିପରିବା, ଶାଗ ସାମିଲ କରନ୍ତୁ। କଂଚା ରସୁଣ କର୍କଟ ପ୍ରତିରୋଧକ ହୋଇଥିବାରୁ ପ୍ରତିଦିନ



ଖାଦ୍ୟରେ ଖାଇବା ଉପକାରୀ। ସବୁଜ ଚାହା ପିଅନ୍ତୁ। ଏହା ଏଣ୍ଟିଅକ୍ସିଡାଣ୍ଟଯୁକ୍ତ ହୋଇଥିବାରୁ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ନିୟମିତ ବ୍ୟାୟାମ ଦ୍ୱାରା ସ୍ତନ କର୍କଟ ସମସ୍ୟା ଦୂରହୁଏ। ପ୍ରତିଦିନ କିଛି ସମୟ ଚାଲନ୍ତୁ କିମ୍ବା ଧୀରେ ଦୌଡ଼ନ୍ତୁ।



ସନ୍ତରଣ ଅଭ୍ୟାସ କରିପାରନ୍ତି। ଏହାଦ୍ୱାରା ଓଜନ ଠିକ୍ ରହେ, ରକ୍ତ ଚାପ ନିୟନ୍ତ୍ରିତ ହୁଏ, ଯକୃତରେ ଚର୍ବି ଜମେକନାହିଁ ଏବଂ ସ୍ତନ କର୍କଟ ସମସ୍ୟା ଟଳିଯାଏ। ମାନସିକ ଚାପରେ ରହନ୍ତୁ ନାହିଁ। ଚାପରୁ ମୁକ୍ତି ପାଇଁ ସବୁଠାରୁ ଭଲ ଉପାୟ ହେଲା ପ୍ରତିଦିନ ଧ୍ୟାନ ଓ ଯୋଗ ଅଭ୍ୟାସ କରନ୍ତୁ। କର୍କଟ ରୋଗର ପାରିବାରିକ ଇତିହାସ, ଚାଳିଶବର୍ଷ ପରେ ପ୍ରଥମ ସନ୍ତାନ ଜନ୍ମ, ଆଲକହଲ ସେବନ, ପ୍ରଜେଷ୍ଟରେନ କି୍ବା ଏଷ୍ଟ୍ରୋଜେନ ହରମନ ବଟିକା ଖାଉଥିବା ମହିଳାଙ୍କ କ୍ଷେତ୍ରରେ ସ୍ତନ କର୍କଟ ଆଶଙ୍କା



ଥାଏ। ଏଥିପ୍ରତି ସତର୍କ ହିବା ଜରୁରୀ। ନିୟମିତ ବ୍ୟଧଶନରେ ବିଭାଗୀୟ ଡାକ୍ତରଙ୍କ ଠାରେ ପରୀକ୍ଷା କରାଇବା ଦ୍ୱାରା ସ୍ତନ କର୍କଟ ସମସ୍ୟା ଜଣାପଡ଼େ।

## ପ୍ରଥମ ହିନ୍ଦୀ କହୁଥିବା ମାନବ ରୋବୋ

ରାଞ୍ଚିରେ ରହୁଥିବା ୩୮ବର୍ଷୀୟ ରଣଜିତ ଶ୍ରୀବାସ୍ତବ ଦୁନିଆରେପ୍ରଥମ ହିନ୍ଦୀ କହୁଥିବା ମାନବ ରୋବୋଟ୍ ତିଆରି କରିଛନ୍ତି । ସେହି ମାନବ ରୋବୋଟର ନାମ ରଖିଛନ୍ତି ରଶ୍ମୀ ।ଏହା ସୋଫିଆ ଭଳି କାର୍ଯ୍ୟ କରିବ । ସୋଫିଆ ହେଉଛି ପ୍ରଥମ ମାନବ ରୋବୋଟ୍ । ଏହାକୁ ପ୍ରସ୍ତୁତ କରିଥିଲେ ହଙ୍ଗକଙ୍ଗର ଏକ ରୋବୋଟିକ୍ କମ୍ପାନି । ରଶ୍ମୀ ମଣିଷଙ୍କ ଭଳି ଭାବନା ବୁଝିପାରିବା ସହ କାର୍ଯ୍ୟ ମଧ୍ୟ କରିପାରିବ । ଏଥି ସହ ରଶ୍ମୀ ଭୁହଁର ଭାବ ଜାଣିବା ସହ ବୁଦ୍ଧି ଏବଂ ପରିସ୍ଥିତିକୁ ବ୍ୟାଖ୍ୟା ମଧ୍ୟ କରିପାରିବ । ରଣଜିତ କହିଛନ୍ତି- ଏହି ରୋବୋଟ୍ ତିଆରି କରିବାରେ ୮୦ପ୍ରତିଶତ କାମ ସରିସାରିଛି । ବାକି କାମ କିଛିମାସ ଭିତରେ ପ୍ରସ୍ତୁତ ହୋଇଯିବ । ବର୍ତ୍ତମାନ ରଶ୍ମୀ ଆଖି ଏବଂ ଓଠ ହଲାଇପାରୁଛି । ଏହା ସହ ବେକ ବୁଲାଇ ଇଙ୍ଗିତ ମଧ୍ୟ ଦେଇପାରୁଛି । ରଶ୍ମୀ ଭିତରେ ମଣିଷଙ୍କ ମୁହଁ ମନେରଖି ପାରିବାର କ୍ଷମତା ମଧ୍ୟ ରହିଛି । କାରଣ ଏହି ରୋବୋଟ୍ ଆଖିରେ ଏକ କ୍ୟାମେରା ଲାଗିଛି । ଦୁଇ ବା ତିନି ଥର ଜଣେ ମଣିଷକୁ ଦେଖିଲେ ସେ ମନେ ରଖିପାରିବ । ରଶ୍ମୀଙ୍କୁ ତିଆରି କରିବାରେ ରଣଜିତଙ୍କୁ ଏପର୍ଯ୍ୟନ୍ତ ୨ବର୍ଷ ସମୟ ଲାଗିଲାଣି ।

## ପାଦରେ ଫୋଟକା ହେଉଥିଲେ...



ଟାଇଟ୍ ଜୋତା ପିନ୍ଧିବା, ଅଧିକ ଚାଲିବା, ଷ୍ଟାଇଲ ପାଇଁ ବାରମ୍ବାର ନୂଆ ଜୋତା ବଦଳାଇବା ଆଦି ବିଭିନ୍ନ କାରଣରୁ ଅନେକ ଯୁବତୀମାନଙ୍କ ଠାରେ ପାଦରେ ଫୋଟକା ହେଉଥିବା ଦେଖାଦେଇଥାଏ । ଏହା ପରବର୍ତ୍ତୀ ସମୟରେ ଜୋତା ପିନ୍ଧିବାରେ, ଚାଲିବାରେ ଖୁବ୍ କଷ୍ଟ ଦେଇଥାଏ । କେହି କେହି ଶୀଘ୍ର ଭଲ ହୋଇଯିବା ଲାଗି ଏହାକୁ ଫଟାଇବା ଯୋଗୁ ତାହା ଇନଫେକ୍ସନ ହୋଇ ଜଟିଳ ରୂପ ନେଇଥାଏ । ତେଣୁ ପାଦରେ ଫୋଟକା ହେଉଥିଲେ ଏହାକୁ ଭଲ କରିବା ଲାଗି ଫଟାଇବା କିମ୍ବା ଖଣ୍ଡିଆ କରିବା ପରିବର୍ତ୍ତେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ବ୍ୟବହାର କରନ୍ତୁ ନଚେତ୍ କେତୋଟି ଘରୋଇ ଉପଚାର ବି ଆପଣାଇ ପାରିବେ ...



**ଘିକୁଆଁରୀ:**

ଯଦି ଆପଣଙ୍କ ପାଦରେ ଫୋଟକା ହୋଇଛି ଏବଂ ଜୋତା ପିନ୍ଧିବାରେ କିମ୍ବା ଚାଲିବାରେ କଷ୍ଟ ହେଉଛି ତେବେ ଉକ୍ତ ସ୍ଥାନରେ ଘିକୁଆଁରୀ ରସ ବା ଜେଲ ଲଗାଇ ଶୁଖିବା ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ । ଅନେକ ପ୍ରକାର ସମାଧାନ ଲାଗି ଘିକୁଆଁରୀ ଏକ ଭଲ ଔଷଧ । ଏହାର ଥଣ୍ଡା ଏବଂ ଆରୋଗ୍ୟ ଗୁଣ ଫୋଟକାରେ ହେଉଥିବା ଜଳାପୋଡ଼ା କଷ୍ଟ ସହ ଫୁଲା କମାଇବାରେ ସାହାଯ୍ୟ କରିଥାଏ । ଏହାକୁ ଲଗାଇବା ସମୟରେ ଅଳ୍ପ ପୋଡିବା ଏବଂ କୁଣ୍ଡାଇହେବା ଭଳି ଅନୁଭବ ହୋଇଥାଏ, ହେଲେ ଏଥିରେ ବ୍ୟସ୍ତ ହେବାର କାରଣ ନାହିଁ । ଦିନକୁ ଦୁଇଥର ଏହି ଜେଲ ଫୋଟକା ଉପରେ ଲଗାନ୍ତୁ ଏବଂ ଶୁଖିବା ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ ।

**ଗ୍ରୀନ୍ ଟି:**



ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ଫୋଟକାର କଷ୍ଟ ଏବଂ ଫୁଲା କମାଇଥାଏ । ଏଥିରେ ଥିବା ଆଣ୍ଟି ଇନ୍‌ଫ୍ଲାମେଟୋରି ଗୁଣ ଫୋଟକା ସ୍ଥାନରେ ହେଉଥିବା ପୋଡ଼ାଜଳା କମ୍ କରେ । ଏକ ଗ୍ରୀନ୍ ଟି ବ୍ୟାଗକୁ ଗରମ ପାଣିରେ ବୁଡ଼ାନ୍ତୁ ଏବଂ ସେଥିରେ ସାମାନ୍ୟ ବେକିଂ ସୋଡ଼ା ପକାନ୍ତୁ । ଥଣ୍ଡା ହେବା ପରେ ଫୋଟକା ଉପରେ ଟି ବ୍ୟାଗକୁ ଲଗାଇ କିଛି ସମୟ ରଖନ୍ତୁ । ବେକିଂ ସୋଡ଼ାରେ ଥିବା ଆଣ୍ଟିସେପ୍ଟିକ୍ ଗୁଣ ଇନଫେକ୍ସନ୍ ହେବାକୁ ଦେଇନଥାଏ ।

**ଆପଲ ସାଇଡର ଭିନେଗାର:**

ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ ଏବଂ ଆଣ୍ଟି ଇନ୍‌ଫ୍ଲେମେଟୋରି ଏବଂ ଅନ୍ୟାନ୍ୟ ଉପାଦାନ ଫୋଟକାର କଷ୍ଟ ଏବଂ ଫୁଲା କମାଇବା ସହିତ ଇନଫେକ୍ସନ୍ ଆଶଙ୍କା ଦୂର କରିଥାଏ । ତୁଳାରେ ଅଳ୍ପ ଆପଲ ସାଇଡର ଭିନେଗାର ଆଣି ଫୋଟକା ଉପରେ ଲଗାନ୍ତୁ ଏବଂ କିଛି ସମୟ ରଖିବା ପରେ ଧୋଇଦିଅନ୍ତୁ । ଯଦିଓ ଏହାକୁ ଲଗାଇବା ସମୟରେ ଖୁବ୍ ପୋଡ଼ିଥାଏ ହେଲେ ଶୀଘ୍ର ଉପଶମ ମଧ୍ୟ ମିଳିଥାଏ ।



**ଜଡ଼ାତେଲ:**

ଅନେକ ସମୟରେ ଦେଖାଯାଏ, ଫୋଟକା ରହିଯିବା କାରଣରୁ ଧୀରେ ଧୀରେ ଟାଣ ହୋଇ ଲାଲ୍ ପଡ଼ି ଦରଜ ଏବଂ କୁଣ୍ଡାଇ ହେବା ଭଳି ସମସ୍ୟା ସୃଷ୍ଟିକରେ, ଯାହାକି ବେଶି କଷ୍ଟ ଦେଇଥାଏ । ଏହାକୁ ଦୂରକରିବା ଲାଗି ସବୁଠୁ ସହଜ ଏବଂ ସରଳ ଘୋରୋଇ ଉପଚାର ହେଉଛି ଜଡ଼ାତେଲ । ଏହାକୁ ରାତିରେ ଫୋଟକା ଉପରେ ଲଗାଇ ଶୋଇପଡ଼ନ୍ତୁ, ଦେଖିବେ ସକାଳେ କେତେ ଆରାମ ଲାଗିବ । ଦିନକୁ ୨-୩ଥର ବ୍ୟବହାର କଲେ ଅଧିକ ଉପକୃତ ହୋଇପାରିବେ । ଏସବୁ ବ୍ୟତୀତ ସୋରିଷ ତେଲ, ପେଷଟ୍ରାଲିୟମ ଜେଲି ଆଦି ବି ଫୋଟକା ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ ।




## ଆମେରିକାରେ ଲୋକପ୍ରିୟ ‘କ୍ଲାରିଫାଏଡ୍ ବଟର’

ଆମ ଭାରତର ଯେକୌଣସି ପ୍ରନ୍ତର ମହାନଗରୀ ହେଉ ଅବା ସହରକୁ ଗଲେ, ସେଠା ଲୋକଙ୍କ ସ୍ୱାସ୍ଥ୍ୟ ସଚେତନତା ଦେଖିବାକୁ ମିଳୁଛି । ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଲୋକେ ଏବେ ରିଫାଇନ୍ ତେଲ, ଅଲିଭ ତେଲରେ ପ୍ରସ୍ତୁତ ବ୍ୟଞ୍ଜନଖଇେବକୁେ ପସନ୍ଦ କରୁଛନ୍ତି । ଏପରିକି ଲୋ-ଫ୍ୟାଟ୍ ତେଲର ଚାହିଦା ମଧ୍ୟ ଖୁବ୍ ଅଧିକ । ହେଲେ କିଛି ବର୍ଷ ତଳେ ଭାରତୀୟ ଖାଦ୍ୟ ବଜାରର ସ୍ଥିତି ଥିଲା ଭିନ୍ନ । ଅଧିକାଂଶ ରେଷ୍ଟୋରାଁ ଓ ହୋଟେଲରେ ଘିଅରେ ହିଁ ଖାଦ୍ୟ ତିଆରି କରାଯାଉଥିଲା । ଆଜି ମଧ୍ୟ ଦିଲ୍ଲୀର କେତେକ ଅଞ୍ଚଳରେ ଶୁଦ୍ଧ ଦେଶୀ ଘିଅ ପ୍ରସ୍ତୁତ ବ୍ୟଞ୍ଜନ ଉପଲବ୍ଧ ହୋଇଥାଏ । ଆମେ ଭାରତୀୟ ଲୋକ ଅଲିଭ ତେଲ ଓ ରିଫାଇନ୍ ତେଲର ମୋହରେ ବାନ୍ଧି ହେଉଥିବାବେଳେ ଯୁକ୍ତରାଷ୍ଟ୍ର ଆମେରିକାରେ କିନ୍ତୁ ଆମ ଦେଶୀ ଘିଅର ଲୋକପ୍ରିୟତା ବଢ଼ିବାରେ ଲାଗିଛି । ଅବଶ୍ୟ ସେମାନେ ଏହାକୁ ଏକ ଭିନ୍ନ ନାମ ‘କ୍ଲାରିଫାଏଡ୍‌ବଟର’ ଦେଇଛନ୍ତି । ଭାରତୀୟ ଖାଦ୍ୟ ବିଶେଷଜ୍ଞ ରୁଜୁତାଦିୱେକର ମଦ୍‌ଜ୍ଞ ସମାନ ତଥ୍ୟ ଗଣମାଦ୍‌ଜ୍ଞମକୁ ଅବଗତ କରାଇଛନ୍ତି । ଅନେକ ବର୍ଷ ପୂର୍ବେ ଭାରତୀୟ ଲୋକେ ଘିଅର ଉପଯୋଗ ନିୟମିତ କରି ସୁସ୍ଥ ଜୀବନ ଅତିବାହିତ କରୁଥିଲେ, ତେବେ ବର୍ତ୍ତମାନ କିପରି ଏହାର କୁପ୍ରଭାବ ଶରୀର ଉପରେ ପଡ଼ିବ ? ଦୈନିକ ଅଳ୍ପ ପରିମାଣର ଘିଅର ଉପଯୋଗ କରି ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କଲେ ତାହା ବରଂ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ଆମେରିକୀୟ ଖାଦ୍ୟ ବିଶେଷଜ୍ଞ ସଂଘ ମଧ୍ୟ ସମାନ ମତ ଉପସ୍ଥାପନା କରିଛି । ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ନିୟମିତ ଘିଅର ଉପଯୋଗ ସବୁଠୁ ଉତ୍ତମ । ତେବେ ଏହା ଅଧିକ ପରିମାଣରେ ହେବା ହାନିକାରକ । ଆମ ଭାରତୀୟ ଖାଦ୍ୟଶୈଳୀରେ ସକାଳ ଜଳଖିଆରେ ଉପମା, ଦୋସା, ପରଟା, ତରକାରୀ କିଛଇ ମଧ୍ୟ ଅଳ୍ପ ଘିଅର ଉପଯୋଗରେ ପ୍ରସ୍ତୁତ କରିହେବ । ଏହାର ଅର୍ଥ ନୁହେଁ ଯେ ସକାଳ ଜଳଖିଆରେ ଘିଅ ଲଗା ପରଟା ଗୋଟିଏ ବଦଳରେ ଜଣେ ବ୍ୟକ୍ତି ୪ଟା ଖାଇବ । ଏହା ନିଶ୍ଚିତ ଭାବେ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇବ । ଯେ କୌଣସି ବ୍ୟଞ୍ଜନ ପ୍ରସ୍ତୁତ କରୁଥିଲେ ମଧ୍ୟ ଅଧ ଚାମଚରୁ ୧ଚାମଚ ଘିଅର ବ୍ୟବହାର କରନ୍ତୁ । ଘିଅ ଆମ ପାଚନ ଶକ୍ତି ସହ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ନିକଟରେ ହୋଇଥିବା ଏକ ଆମେରିକା ଫୁଡ୍ ଷ୍ଟୋର ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସେଠାକାର ଏନଆରଆଇ ଭାରତୀୟ ଅଲିଭ ତେଲ କିଣୁଥିବାବେଳେ ଆମେରିକୀୟ ନାଗରିକମାନେ କିନ୍ତୁ ଭାରତୀୟ ଦେଶୀ ଘିଅ କିଣି ନିଜ ଭୋଜନରେ ସାମିଲ କରାଉଛନ୍ତି ।




## ରକ୍ତଚାପକୁ ନିୟନ୍ତ୍ରଣରେ ରଖେ ଓ ହୃଦ୍‌ରୋଗୀଙ୍କ ପାଇଁ ମହୋଷଧି ଏହି ଫଳ



ଆପଣଙ୍କୁ ନଡ଼ିଆ ଖାଇବାକୁ କେମିତି ଲାଗେ ? ଏହି ଫଳ ଖାଇବାର ଅଭ୍ୟାସ ଅଛି ତ ? ଗୋଟାଏ ଫଳ, ହେଲେ ଏହାକୁ ବିଭିନ୍ନ ପ୍ରକାରର ବ୍ୟବହାର କରିପାରିବେ ଆପଣ। ନଡ଼ିଆ କେବଳ ପାଟିକୁ ସୁଆଦ ଲାଗୁଥିବା ପରି ଏକ ଫଳ ନୁହେଁ ବରଂ ଏଥିରେ ଅନେକ ଭଲ ଗୁଣ ରହିଛି, ଯାହାକି ଶରୀର ପାଇଁ ଖୁବ୍ ଉପକାରୀ। ନଡ଼ିଆରେ ପ୍ରଚୁର ପରିମାଣର ପ୍ରୋଟିନ୍ ରହିଛି। ଭିଟାମିନ୍ ବି ମଧ୍ୟ କିଛି ପରିମାଣରେ ରହିଛି ଏଥିରେ। କେତେକ ଗୁରୁତ୍ୱପୂର୍ଣ୍ଣ ମିନେରାଲ୍ ଥିବା ଏହି ଫଳକୁ ଖାଇବା ଦ୍ୱାରା ଶରୀର ଫୂର୍ତ୍ତି ହୋଇଥାଏ।

ଏଥିରେ ପ୍ରବଳ ମାତ୍ରାରେ ମ୍ୟାଗ୍ନେସିୟମ୍ ରହିଛି, ଯାହାକି ହାଡ଼କୁ ଶକ୍ତ କରିବାରେ ସହାୟ ହେବ। ଏଥିରେ କପର ଓ ଆଇରନ୍ ମଧ୍ୟ ରହିଛି। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ୍ ଆମ ସେଲ୍‌କୁ ସୁରକ୍ଷା ଦେଇଥାଏ। ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ ହୃଦ୍‌ରୋଗୀମାନଙ୍କ ପାଇଁ ନଡ଼ିଆ ଖାଇବା ବହୁତ ଭଲ ହୋଇଥାଏ। ଏହାକୁ ଖାଇବା ଦ୍ୱାରା ହୃଦ୍‌ଘାତର ସମ୍ଭାବନା କମ୍ ରହିଥାଏ।

ଏହା ପେଟରେ ଥିବା ଅତିରିକ୍ତ ଚର୍ବିକୁ କମ୍ କରିଥାଏ। ଶରୀରରେ ଜମିଥିବା ଅତିରିକ୍ତ ଚର୍ବି ମଧୁମେହ ଓ ହୃଦ୍‌ରୋଗର କାରଣ ହୋଇଥିବାରୁ ନଡ଼ିଆ ଖାଇବା ଦ୍ୱାରା ଏହି ଦୁଇ ରୋଗକୁ ଦୂରେଇ ଦେଇ ହେବ। ନଡ଼ିଆ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ ହଜମ ପ୍ରକ୍ରିୟାକୁ ମଧ୍ୟ ତ୍ୱରାନ୍ୱିତ କରିଥାଏ। ଦୈନିକ ଏହାକୁ ଖାଇଲେ ଅନେକ ରୋଗକୁ ଦୂରେଇ ଦେଇ ହେବ।



## ଖାଦ୍ୟ ପ୍ରତି ସତର୍କତା

♦ଖାଦ୍ୟ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ଯେ ଅଧିକ ଲୁଣି ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ତେବେ କେବଳ ଲୁଣ ନୁହେଁ, ଅନ୍ୟ ଖାଦ୍ୟ ମଧ୍ୟ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ ।

♦ଚିନି ଖାଇବା ଉପରେ ନିୟନ୍ତ୍ରଣ କରନ୍ତୁ । ଅଧିକ ପରିମାଣର ଚିନି ଖାଇଲେ ଚିଡ଼ଚିଡ଼ା ଲାଗିବା, ବିରକ୍ତି ଲାଗିବା, ମୋଟାପଣ, ଶ୍ୱାସ ବଢ଼ିବାର ଆଶଙ୍କା ରହିଛି ।

♦ଲୁଣରେ ସୋଡ଼ିୟମ ମାତ୍ରା ଅଧିକ ଥିବାରୁ ତାହା ରକ୍ତଚାପ, ହୃଦଘାତ ଓ କର୍କଟର ଆଶଙ୍କା ବଢ଼ାଇଥାଏ । ବଜାରରେ ମିଳୁଥିବା ଲୁଣିଆ ଚିପ୍ସଠାରୁ ଯଥା ସମ୍ଭବ ଦୂରେଇ ରହନ୍ତୁ ।

♦ମଇଦାରେ ଫାଇବର ଆଦୌ ନାହିଁ । ମଇଦାଜାତୀୟ ଖାଦ୍ୟ ଖାଇଲେ ତାହା ସହଜରେ ହଜମ ହୋଇନଥାଏ ଏଥିରେ ଥିବା ବ୍ଲିଚିଙ୍ଗ ତତ୍ତ୍ୱ କାରଣରୁ ହୃଦଘାତର ଆଶଙ୍କା ବଢ଼େ ।

♦ମୃଦୁ ପାନୀୟରେ ଥିବା କାର୍ବୋହାଇଡ୍ରେଟ୍ ଓ ଅନ୍ୟାନ୍ୟ ତତ୍ତ୍ୱ ସ୍ମୃତି ଶକ୍ତି ହ୍ରାସ କରେ ।



## ରକ୍ତହୀନତା ଦୂର ସାଙ୍ଗକୁ କୋଷ୍ଠକାଠିନ୍ୟ ଦୂର କରିଥାଏ ପୋଟଳ

ପୋଟଳ ଏକ ଭଲ ପରିବା, ଯାହାକି ସ୍ୱାସ୍ଥ୍ୟ ଲାଗି ଅତ୍ୟନ୍ତ ଲାଭପ୍ରଦ। ତେବେ ପୋଟଳରେ ଭିଟାମିନ୍ ଏ, ବି ୱାନ୍, ବି ଟୁ ଏବଂ ଭିଟାମିନ୍ ସି ଆଦି ବହୁଳ ମାତ୍ରାରେ ରହିଥିବା କାରଣରୁ ଏହା ଆମ ଶରୀରରେ ରୋଗ ପ୍ରତିରୋଧକ କ୍ଷମତାକୁ ବଢାଇ ରୋଗ ଦାଉରୁ ଲଢ଼ିବାରେ ସାହାଯ୍ୟ କରିଥାଏ। ଏତଦ୍‌ବ୍ୟତୀତ ପୋଟଳ ଆମର କି କି ଉପକାର କରିଥାଏ ଆସନ୍ତୁ ଜାଣିବା ...

୧-ପୋଟଳ ଖାଇଲେ ଆମ ଶରୀରର ହାଡ଼ ସୁସ୍ଥ ରହିବା ସହିତ କଫଜନିତ ସମସ୍ୟାକୁ ମଧ୍ୟ ଦୂର ହୋଇଥାଏ।

୨-ରକ୍ତ ସଫା କରିବାରେ ବି ବେଶ୍ ସହାୟକ ହୋଇଥାଏ ପୋଟଳ।

୩-ତେବେ ପୋଟଳରେ ଫାଇବରର ମାତ୍ରା ଅତ୍ୟଧିକ ରହିଥିବା ଯୋଗୁଁ , ଏହା ଆମ ହଜମ କ୍ରିୟାରେ ସହାୟକ ହେବା ସାଂଗକୁ ଗ୍ୟାସ୍ ଜନିତ ସମସ୍ୟାକୁ ମଧ୍ୟ ଦୂର କରିଥାଏ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୨୩ ସେପ୍ଟେମ୍ବର ୨୦୨୧, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ପାଗ ଭିଡୁ ଭିଡୁ...

ସଂଘୀୟ ବ୍ୟବସ୍ଥାରେ ବିଭିନ୍ନ ରାଜ୍ୟଗୁଡ଼ିକ ଭିତରେ ଭଲ ପ୍ରତିବେଶୀ ସମ୍ପର୍କ ରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି ସମ୍ବିଧାନରେ ଉଲ୍ଲିଖିତ ବ୍ୟବସ୍ଥା ପ୍ରକାରେ ଏହାର ଅନୁପାଳନ କିଭଳି ହେଉଛି, ତାହାର ତଦାରଖ ଦାୟିତ୍ୱ କେବଳ ସମ୍ପୃକ୍ତ ରାଜ୍ୟଗୁଡ଼ିକର ନୁହେଁ, କେନ୍ଦ୍ରର ମଧ ରହିଛି । ସମ୍ବିଧାନରେ ଥିବା ବ୍ୟବସ୍ଥାର ଅନୁପାଳନ କିଭଳି ହେଉଛି, ତାହାର ବସ୍ତୁନିଷ୍ଠ ସମୀକ୍ଷା କେବେ ହେଉଥିଲା ଭଳି ମନେ ହେଉଥିଲା । ମଧ୍ୟେ ମଧ୍ୟେ କେବଳ ବୈଠକ ଡକାଯାଇ ଯେଉଁ ଆଲୋଚନା ହେଉଥିଲା, ତାହା ବହୁବର୍ଷ ହେଲା ଆଦୌ ହେଉନାହିଁ । ରାଜ୍ୟ-ରାଜ୍ୟ ସୀମା ବିବାଦ, ଜଳ ବଣ୍ଟନ ବିବାଦ ଭଳି ଅନେକ ପ୍ରସଙ୍ଗ ରହିଛି । ସେଗୁଡ଼ିକ ଯେତେଦିନ ଅସମାହିତ ରହିବ, ପରେ ତାହା ଅଧିକ ବିବାଦପୂର୍ଣ୍ଣ ହୋଇ ମୁଣ୍ଡ ଟେକିବ । ସେତେବେଳକୁ ତାହା କାହାରି ନିୟନ୍ତ୍ରଣରେ ନଥିବ । କଥାରେ ଅଛି: ନେଡ଼ିଗୁଡ଼ କହୁଣିକୁ ବୋହିଗଲା ପରେ କଥା ବିଗିଡ଼ିଯିବା ସାର । ଯଦି ସମସ୍ୟା ଅଧିକ ଜଟିଳ ହୋଇଯାଇଥିବ, ଦୁର୍ବଳ ଉପରେ ସବଳର ଅତ୍ୟାଚାର ହେବ ଅଧିକରୁ ଅଧିକ । ଏହା କିଛି ମନଗଢ଼ା କଥା ନୁହେଁ, ଏପଟେ ଛତିଶଗଡ଼, ସେପଟେ ଅନ୍ଧ୍ରପ୍ରଦେଶ ଭଳି ପଡ଼ୋଶୀ ରାଜ୍ୟ ଥରଥର କରି ଆମ ରାଜ୍ୟ ଉପରେ ଦାଉ ସାଧିଛନ୍ତି, ତାହାର ଅନେକ ପ୍ରମାଣ ହାତେ ହାତେ ରହିଛି । ଛତିଶଗଡ଼ ସହ ମହାନଦୀ ଜଳ ବବାଦ ହେଉ, ଅନ୍ଧ୍ର ସହ ପୋଲାଭରମ କି' କୋଟିଆ ଗ୍ରାମପୁଞ୍ଜି ନେଇ ବିବାଦ ହେଉ, ଅଧିକାଂଶ କ୍ଷେତ୍ରରେ ଆମକୁ ପକ୍ଷ ଉପସ୍ଥାପନାରେ ଦୁର୍ବଳତା ପାଇଁ ମହଙ୍ଗା ମୂଲ୍ୟ ଦେବାକୁ ପଡ଼ିଛି । ଏଠାରେ ଆନ୍ଧ୍ରପ୍ରଦେଶର ଦାଦାଗିରିର ଏକ ଉଦାହରଣ ନିଆଯାଉ । କୋଟିଆ ଗ୍ରାମପୁଞ୍ଜିକୁ ନେଇ କେତେବର୍ଷ ହେଲା ବିବାଦ ଲାଗି ରହିଛି, ତାହା ସମସ୍ତଙ୍କୁ ଜଣା । ବରଂ କୁହାଯାଇପାରିବ, ପଡ଼ୋଶୀ ରାଜ୍ୟ ପଟୁ ବିବାଦକୁ କଞ୍ଚା କରି ରଖାଯାଇଛି, ତେବେ ବିଧାନସଭାରେ ସଂକଳ୍ପ ଗୃହୀତ କରାଯାଇ ତୁନି ହୋଇ ବସି ରହିବାରେ କର୍ତ୍ତବ୍ୟ ସାରି ଦିଆଯାଉଛି । ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଅସ୍ତିତ୍ୱ ଉପରେ ଚୋଟ ପକାଇବାକୁ ଆନ୍ଧ୍ର ପଛାଉନଥିବାର ଦେଖାଯାଇଛି । ଭୌଗୋଳିକ ସୀମା ଉପରେ ଶ୍ୟେନଦୃଷ୍ଟି ପକାଇଥିବା ପଡ଼ୋଶୀ ରାଜ୍ୟର ପ୍ରଶାସନିକ ଅଧିକାରୀ ଓଡ଼ିଶାର ଗଜପତି ଅନ୍ତର୍ଗତ ଗଙ୍ଗାବାଡ଼ରେ ହାକିମାତି ଦେଖାଇବା ଘଟଣା ସମସ୍ତଙ୍କ ନଜରକୁ ଆସିଛି । ଏବେ କୋଟିଆ ଗ୍ରାମପୁଞ୍ଜିକୁ ତିନିଭାଗ କରି କିଭଳି ଆନ୍ଧ୍ର ସରକାର ମଣ୍ଡଳ ପରିଷଦ ଆଞ୍ଚଳିକ ନିର୍ବାଚନ ମଣ୍ଡଳୀ ଓ ଜିଲ୍ଲାପରିଷଦ ଆଞ୍ଚଳିକ ନିର୍ବାଚନ ମଣ୍ଡଳୀ ଭୋଟ କରାଇ ନେଇଛନ୍ତି । କେବଳ ସେତିକି ନୁହେଁ, ସେହି ତିନି ପଞ୍ଚାୟତ ଗଞ୍ଜେଇ ଭଦ୍ରାପାଟୁଚିନ୍ନେରୁ ଓ ଫଗୁଣଚିନ୍ନେରୁ ତିନି ପଞ୍ଚାୟତରେ ଶାସକ ଦଳ ୱାଇଏସ୍ ଆର୍ କଂଗ୍ରେସ ସଫଳ ପ୍ରଦର୍ଶନ ପାଇ ଅଧିକ ଉତ୍ସାହିତ ବୋଧ କରୁଛି । ଦୁଇଟିରେ ପ୍ରତିନିଧି ନିର୍ବିରୋଧ ନିର୍ବାଚିତ ହୋଇଥିବା ବେଳେ ତୃତୀୟଟିରେ ଭୋଟ ହିଁ ଶାସକ ଦଳକୁ ସଫଳତା ମିଳିଛି । ଏହାର ପ୍ରକାରାନ୍ତ ଅର୍ଥ ହୋଇପାରେ କି, କୋଟିଆ ଉପରେ ଅନ୍ଧ୍ରର ପକଡ଼ ସାବ୍ୟସ୍ତ ହେବାରେ ଏହି ନିର୍ବାଚନ ପରେ ଅଧିକ ମଜଭୁତ ହୋଇଯିବ । ସବୁ ଦେଖିଶୁଣି ଓଡ଼ିଶା ସରକାର ନିଦାବିଷ୍ଟୁ ସାଜିଥିବାର କାରଣ ବୁଝିବାରେ ଜାଣିବା ଶୁଣିବା ମହଲ ସକ୍ଷମ ନୁହଁନ୍ତି । ବିଧାନସଭା କମିଟି ବିବାଦୀୟ କହୁଥିବା ଅଞ୍ଚଳ ଗସ୍ତ କରି କୁମ୍ଭୀରର ତତଲା ଲୁହ ଗଡ଼ାଇବା ଭଳି ହେଉଛି । ନିର୍ବାଚନ କରାଯିବା ଏକ ସାମ୍ବିଧାନିକ ପ୍ରକ୍ରିୟାର ଅଂଶବିଶେଷ ହୋଇଥିବାରୁ ବାରମ୍ବାର ନ୍ୟାୟାଳୟର ଦରଜା ଖଟ୍ ଖଟ୍ କରି ଚୁପ୍ ହୋଇ ବସିଯିବା ରାଜ୍ୟବାସୀଙ୍କୁ ବିସ୍ମିତ କରୁଛି । ଏହାକୁ କୁହାଯାଏ 'ପାଗ ଭିଡ଼ି ଭିଡୁ କଚେରି ବରଖାସ୍ତ' । ଆଇନଗତ ପ୍ରସ୍ତୁତି ଗୋଟିଏ କଥା, ସମ୍ପୃକ୍ତ ଅଞ୍ଚଳରେ ପଡ଼ୋଶୀର ରାଜନୈତିକ ଗତିବିଧି ମାତ୍ରାଧିକ ବୃଦ୍ଧି ପାଇବା ପରେ ତାହା ସେହି ରାଜ୍ୟର ଦାଦାଗିରି ବୋଲି କହି ବସିଯିବା ଆଉ ଗୋଟିଏ କଥା । କୋଟିଆ ଅଞ୍ଚଳରେ ଆନ୍ଧ୍ରର ଉପସ୍ଥିତି ସ୍ପନ୍ଦନ, ଜନସମ୍ପର୍କ ଶିବିର ଜରିଆରେ ଲୋକାଭିମୁଖୀ ଯୋଜନା ଚଳାଯିବା ଦର୍ଶାଉଛି, ସେହି କ୍ଷେତ୍ରରେ ଜଗନ୍ ସରକାରର କେତେ ଅଧିକ ତତ୍ପରତା । ବିପରୀତ ପକ୍ଷରେ ଓଡ଼ିଶା ଏବଂ ବିଶେଷକରି ଅବିଭକ୍ତ କୋରାପୁଟର ନେତୃମଣ୍ଡଳୀର ଶିଥିଳ ଆଚରଣ ସମସ୍ତଙ୍କୁ ବ୍ୟଥିତ କରୁଛି । ସମୟ ଗଡ଼ିଗଲା ପରେ ଯେତେ ମଥା କୋଡ଼ିଲେ ତହିଁରୁ କିଛି ଉପଚାର ମିଳିବା ଆଶା କରି ହୋଇନପାରେ ।

## ଭାରତୀୟ ସ୍ୱାଧିନତା ପାଇଁ ଆମେରିକାର ଦାନ!



ଡାକ୍ତର ସୁରେନ୍ଦ୍ର ନାଥ ଦାଶ

ଭାରତର ସ୍ୱାଧିନତା ପାଇଁ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଯେଉଁ ଅହିଂସା ସଂଗ୍ରାମ ରୂପି ମହା ନାଟକ ଚାଲିଥିଲା, ତାହାର ନେପଥ୍ୟରେ ଅନେକ ଅଙ୍କ ଅଭିନୟ ହୋଇଥିଲା, ଯାହାକି ଆପାତତଃ ଆମର ଅଜଣା ରହିଯାଇଛି । ସେଥିରୁ ଗୋଟିଏ ହେଉଛି ଇଂଲଣ୍ଡ ଓ ତାର ଦ୍ୱିତୀୟ ବିଶ୍ୱଯୁଦ୍ଧର ସହଯୋଗୀ ବନ୍ଧୁ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଭାରତ ସ୍ୱାଧିନତା ପ୍ରଦାନକୁ ନେଇ ତୀବ୍ର ମତ ପାର୍ଥକ୍ୟ । ଏପରିକି ଏକ ସମୟରେ ଆମେରିକା ଇଂଲଣ୍ଡକୁ ଆର୍ଥିକ ଅନୁଦାନ ଦେଉଥିବା ଲେଣ୍ଡ-ଲିଜ ଚୁକ୍ତିକୁ ଭାରତକୁ ସ୍ୱାଧିନତା ନଦେଲେ ବାତିଲ କରିଦେବ ବୋଲି ଧମକ ଦେଇଥିଲା । ୧୪୯୮ ମସିହାରେ କଲମ୍ବସଙ୍କ ଦ୍ୱାରା ଜଳପଥ ଆବିଷ୍କୃତ ହେଲା ପରେ ଅନେକ ୟୁରୋପୀୟ ବଣିକ ମାନେ ନିଜର ଭାଗ୍ୟ ପରୀକ୍ଷା ପାଇଁ ସେହି ଦେଶ ବା ନୂତନ ପୃଥିବୀରେ ବସତି ସ୍ଥାପନ କଲେ । ଇଂଲଣ୍ଡର ଅନେକ ସ୍ୱାଧିନଚେତା ନାଗରୀକ ଧର୍ମ ବିଦ୍ୱେଷୀ ଓ ପୁରୁଣା କାଳିଆ ପରମ୍ପରାରୁ ରକ୍ଷା ପାଇବା ପାଇଁ ଆମେରିକା ଚାଲିଗଲେ ଓ ସେଠାରେ କଲୋନି ମାନ ସ୍ଥାପନ କରି ବଡବଡ କପା ଓ ଗହମ କ୍ଷେତର ମାଲିକ ହେଲେ । କାଳକ୍ରମେ ଇଂଲଣ୍ଡକୁ ଯୁଦ୍ଧରେ ପରାସ୍ତ କରି ସେମାନେ ଆଧୂନିକ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରର ସ୍ଥାପନା କଲେ (୧୭୮୩) । ଇଂଲଣ୍ଡର ସାମ୍ରାଜ୍ୟବାଦ ନିତୀର ପ୍ରତିବାଦରେ ସାରା ବିଶ୍ୱରୁ ସାମ୍ରାଜ୍ୟ ବାଦ, ଶୋଷଣ, ଉପନିବେଶର ଉଚ୍ଛେଦ ଏହି ନୂତନ ରାଷ୍ଟ୍ରର ଲକ୍ଷ୍ୟ ହେଲା ବୋଲି ଘୋଷଣା କରାଗଲା (ବିଲ ଅଫ୍ ରାଇଟ) । ସେତେବେଳକୁ ବ୍ରିଟିଶ ସାମ୍ରାଜ୍ୟ ଅଧା ପୃଥବୀ ରେ ବ୍ୟାପିଥିଲା । (The Sun never sets in British Empire) ସାରା ବିଶ୍ୱର ସଂପଦ ଶୋଷଣ କରି ଇଂଲଣ୍ଡ ଦିନକୁ ଦିନ ଧନୀ ହେଉଥିଲା ଓ ଉପନିବେଶ ମାନ ଦାରିଦ୍ର୍ୟରେ ସଢୁଥିଲେ । ଭାରତ ଥିଲା ଏହାର ମୁକୁଟର ମଣି ପରି (Jewel in British Crown) ।

ସ୍ୱାଧିନତା ପରେ ଦୁଇଶହ ବର୍ଷ ଧରି ଆମେରିକା ବିଶ୍ୱ ରାଜନିତୀରୁ ନିଜକୁ ଦୁରେଇ ରଖିଥିଲା । ୧୯୪୧ ମସିହା ଡିସେମ୍ବର୬ ତାରିଖରେ ଜାପାନ ଆମେରିକାର ପର୍ଲହାରବର ଠାରେ ଥିବା ନୌଘାଟି ଉପରେ ଅତର୍କିତ ଆକ୍ରମଣ କରିବାରୁ ଆମେରିକା ମିତ୍ର ପକ୍ଷରେ ଯୁଦ୍ଧରେ ଯୋଗ ଦେଲା । ଏହି ଘଟଣା ପରେ ଚର୍ଚ୍ଚିଲ ଆମେରିକା ଯାଇ ପ୍ରେସିଡେଂଟ ରୁଜଭେଲଟଙ୍କୁ ସାକ୍ଷାତ କରିଥିଲେ । ରୁଜଭେଲଟ କଥାବାର୍ତା ବେଳେ ଭାରତ ପ୍ରସଙ୍ଗ ଉଠାଇଥିଲେ । ଯାହା ଚର୍ଚ୍ଚିଲଙ୍କୁ ଅପ୍ରସ୍ତୁତ କରିଥିଲା । ୧୯୪୨ ମସିହା ଜୁଲାଇ ୭ ତାରିଖରେ ଆଟଲାଂଟିକ ଚୁକ୍ତିରେ ଉଭୟ ଦେଶ ସ୍ୱାକ୍ଷର କରିଥିଲେ । ଏଥିରେ ଉଲ୍ଲେଖ ରହିଲା, ସାରା ବିଶ୍ୱରୁ ସାମ୍ରାଜ୍ୟ ବାଦର ବିଲୋପ ହେବ, ଲୋକ ମାନେ କିପରି ଶାସିତ ହେବେ ତାହା ସେମାନେ ନିଜେ ସ୍ଥିର କରିବେ । ଭାରତ ସେତେବେଳେ ବ୍ରିଟିଶ ଅଧିନରେ ଥିବାରୁ ତାକୁ ଶୀଘ୍ର ସ୍ୱାଧିନତା ଦେବା ପାଇଁ ଏଥିରେ ନିର୍ଦ୍ଦେଶ ରହିଲା । ସ୍ୱାଧିନ ଭାରତକୁ ବନ୍ଧୁରୁପେ ପାଇବା ପାଇଁ ଆମେରିକା ବ୍ୟାକୁଳ ଥିଲା । ଭାରତକୁ ସ୍ୱାଧିନତା ଦେବାରେ ଟାଳଟୁଳ କରୁଥିବାରୁ ଆମେରିକାର ବୈଦେଶିକ ସଚିବ ଅସନ୍ତୋଷ ପ୍ରକାଶ କଲେ । ହଲର୍ଡଙ୍କ ଦ୍ୱାରା ଇଂଲଣ୍ଡର ରାଜଦୂତ ଲର୍ଡ ହାଲିଫାକ୍ସ ଓ ଭାରତର ଆମେରିକାରେ ଅବସ୍ଥାପିତ ବ୍ରିଟିଶ ସରକାରଙ୍କ ଏଜେଂଟ ଗିରିଜା ଶଙ୍କର ବାଜପେୟୀଙ୍କୁ ଜଣାଇ ଦିଆଗଲା (୩.୬.୧୯୪୨) । ୧୮.୬.୧୯୪୨ ରେ ପ୍ରେସିଡେଂଟଙ୍କ ମତ ନେହେରୁଙ୍କୁ ଜଣାଇ ଦିଆଗଲା । ଆମେରିକାର ଚାପରେ ଇଂଲଣ୍ଡ କ୍ରିପସ କମିଶନକୁ ଭାରତକୁ ପଠାଇଲେ (୨୨/୦୩/୧୯୪୨) । ସେତେବେଳକୁ ଇଂଲଣ୍ଡର ଯୁଦ୍ଧ କାଳିନ ପ୍ରଧାନ ମନ୍ତ୍ରୀ ଥାଆନ୍ତି ଚର୍ଚ୍ଚିଲ । ଭାରତକୁ ସ୍ୱାଧିନତା ଦେବାରେ ସେ ତିବ୍ର ବିରୋଧୀ ଥିଲେ । କ୍ରିପସ ଲୋକପ୍ରତିନିଧି ଶାସନ ପାଇଁ କେତେକ ସୁପାରିଶ କରିବାରୁ ତାଙ୍କୁ ଚର୍ଚ୍ଚିଲ ଅପମାନିତ କରି ଫେରାଇ ନେଲେ । ଏ କଥା ଆମେରିକାର ଦିଲ୍ଲୀରେ ଥିବା ଆମେରିକାର ସାମରିକ ପରାମର୍ଶଦାତା କଲୋନେଲ ଜନସନ ପ୍ରେସିଡେଂଟ ରୁଜଭେଲଟଙ୍କୁ ଜଣାଇ ଦେଲେ । ସେତେବେଳେ ଇଂଲଣ୍ଡର ଅବସ୍ଥା ଦୟନୀୟ ହୋଇ ପଡିଥାଏ । ପୁର୍ବ ଆଫ୍ରିକାରେ ରୋମେଲଙ୍କ ଦ୍ୱାରା ଟବରୁକ ଓ ତ୍ରିପୋଲି ଅଧିକୃତ ହୋଇ ତିରିଶ ହଜାର ବ୍ରିଟିଶ ସୈନିକ ବନ୍ଦୀ ହୋଇ ଥାଆନ୍ତି । ପ୍ରାଚ୍ୟର ଜିବ୍ରାଲିଟର ବୋଲି ଖ୍ୟାତ ସିଙ୍ଗାପୁରର ବିଶାଳ ନୌଘାଟି ଜାପାନ ଦ୍ୱାରା ଅଧିକୃତ ହୋଇ ପଚାଶ ହଜାର ବ୍ରିଟିଶ ସୈନ୍ୟ ବନ୍ଦି ହୋଇ ଥାଆନ୍ତି । ଲଣ୍ଡନ ଉପରେ ଦିନରାତି ଜର୍ମାନ ବମ ପଡୁଥାଏ । ତାହୁଁ ତାହୁଁ ବର୍ମା, ମାଲୟର ପତନ ଘଟି ଭାରତ ସୀମାରେ ଜାପାନ ସୈନିକ ପହଂଚି ଗଲେ । ଭାରତର ସୁଭାଷ ବୋଷ ଜାପାନ ସହ ଯୋଗ ଦେଲେ । ଆମେରିକାର ବିପୁଳ ସାହାଯ୍ୟ ହିଁ ଇଂଲଣ୍ଡକୁ ବଂଚେଇ ରଖିଥାଏ । ଚିନର ଶାସକ କୁମିଟାଙ୍ଗ ନେତା ଜେନେରାଲ ଚାଙ୍ଗ-କାଇ-ସେକ ରୁଜଭେଲଟଙ୍କର ଅନ୍ତରଙ୍ଗ ବନ୍ଧୁ ଥିଲେ । ତାଙ୍କର ସ୍ତ୍ରୀଙ୍କ ସହ ନେହରୁଙ୍କ ବନ୍ଧୁତା ଥିଲା ଓ ସେମାନେ ଭାରତ ଆସି ନେହେରୁ ଓ ଗାନ୍ଧିଙ୍କୁ ସାକ୍ଷାତ କରିଥିଲେ । ସେ ମଧ୍ୟ ଭାରତ ସପକ୍ଷରେ ରୁଜଭେଲଟଙ୍କୁ ଅନୁରୋଧ କଲେ ଓ କ୍ରିପସ ମିଶନକୁ ଜାଣିଶୁଣି ଚର୍ଚ୍ଚିଲ ବନ୍ଦ କଲେ ବୋଲି ରୁଜଭେଲଟଙ୍କୁ ଜଣାଇଲେ (୨୫.୭.୧୯୪୨)। ରୁଜଭେଲଟ ଭାରତର ସମସ୍ୟା ନ ତୁଟିଲେ ଇଁଲଣ୍ଡକୁ ଲେଣ୍ଡ–ଲିଜ ସାହାଯ୍ୟ ବନ୍ଦ କରିଦେବେ ବୋଲି ଧମକ ଦେଲେ । ମହାତ୍ମା ଗାନ୍ଧି ଲୁଇସ ଫିସରରଙ୍କ ହାତରେ ରୁଜଭେଲଟଙ୍କ ପାଖକୁ ପତ୍ର ଦେଇଥିଲେ (୧.୭.୧୯୪୨)। ରୁଜଭେଲଟ ମଧ୍ୟ ତାହାର ଉତର ଦେଇଥିଲେ । ମାତ୍ର ସେତେବେଳେ ଗାନ୍ଧୀ ଆଗାଖାଁ ପାଲେସରେ ବନ୍ଦି ଥିବାରୁ ପତ୍ର ପାଇଲେ ନାହିଁ । ଦୀର୍ଘ ଦିନ(୧୯୪୩) ପରେ ଖଲାସ ହେଲାପରେ ପ୍ରାସଙ୍ଗିକତା ନଥିଲେ ମଧ୍ୟ ତାଙ୍କୁ ପତ୍ର ଦିଆଯାଉ ବୋଲି ରୁଜଭେଲଟ ନିର୍ଦ୍ଦେଶ ଦେଲେ । ରୁଜଭେଲଟ ଯେ ଭାରତର ଦାବି ପ୍ରତି ସଦାଶୟ ତାହା ୨୯.୦୭.୧୯୪୨ ରେ ଚିଆଙ୍ଗ-କାଇ-ସେକଙ୍କୁ ପତ୍ର ଦ୍ୱାରା ଜଣାଇ ଦେଇଥିଲେ ।

ଗାନ୍ଧି ଅନଶନରେ ଥିଲା ବେଳେ ଚର୍ଚ୍ଚିଲଙ୍କ ଉକ୍ତି "ଲେଟ ଗାନ୍ଧୀ ଡାଏ" କଥା ରୁଜଭେଲଟ ନାପସନ୍ଦ କରି ଚର୍ଚ୍ଚିଲଙ୍କୁ ଜଣାଇ ଦେଲେ, "ଗାନ୍ଧି ବ୍ରିଟିଶ ଜେଲରେ ମଲେ, ପରିଣାମ ବିଷମୟ ହେବ"।

ଆମେରିକାର ଦୂତ ଉଇଲିଅମ ଫିଲିପଙ୍କୁ ଗାନ୍ଧିଙ୍କ ସହ ସାକ୍ଷାତର ସୁବିଧା ଦିଆଗଲା ନାହିଁ । ଏ ଘଟଣା ରୁଜଭେଲଟଙ୍କୁ ଉତକ୍ଷିପ୍ତ କରିଥିଲା । ମାତ୍ର ଚର୍ଚ୍ଚିଲ ପୁରୁଣା ଖେଳାଳି ଥିଲେ । ରୁଜ ଭେଲଟଙ୍କୁ ମନାଇବା ପାଇଁ ଚର୍ଚ୍ଚିଲ ଅନେକ କୁଟବୁଦ୍ଧି ପ୍ରୟୋଗ କରିଥିଲେ । ରୁଜଭେଲଟଙ୍କ ବିଶ୍ୱସ୍ତ ହାରିସନଙ୍କ ସାହାଯ୍ୟ ନେଇଥିଲେ । ୨୯ ଏପ୍ରିଲ ୧୯୪୨ ମସିହାର କଂଗ୍ରେସ ଅଧିବେଶନର ପ୍ରସ୍ତାବର କପି ତାଙ୍କୁ ଦେଖାଇଲେ । ଭାରତରୁ ସୈନ୍ୟ ହୋଇ ଯାଇଥିବା ୭୫ ଭାଗ ସୈନ୍ୟ ମୁସଲମାନ, ଯେଉଁମାନେ ଗାନ୍ଧି କଂଗ୍ରେସର ଶତ୍ରୁ । ଏହାଛଡା ୯୦ ମିଲିଅନ ଦଳିତ ମଧ୍ୟ କଂଗ୍ରେସର ବିରୁଦ୍ଧ । ଗାନ୍ଧି ଜାପାନ ସହିତ ଯୋଗ ସୂତ୍ର ରଖୁଛନ୍ତି । ଜାପାନର ସୈନ୍ୟ ଦ୍ୱାରା ସେ ମୁସଲମାନ ଓ ଦଳିତ ମାନଙ୍କୁ ବନ୍ଧୁକ ମୁନରେ ଶାସନ କରିବେ । ଯୁଦ୍ଧ ବେଳେ ଭାରତ ଛାଡ ଡାକରା ଦେଇ ଆମକୁ ଅସୁବିଧାରେ ପକାଉଛନ୍ତି । ଯୁଦ୍ଧବେଳେ ସ୍ୱାଧିନତା ଦେଲେ ସେ ଜାପାନକୁ ଜର୍ମାନ ସହ ମିଳିବା ପାଇଁ ଭାରତ ଦେଇ ବାଟ ଦେଇ ଦେବେ।

ଭାରତ ସପକ୍ଷରେ ଗୋଟିଏ ଶକ୍ତିଶାଳୀ ଗୋଷ୍ଠି ଆମେରିକା ଉପରେ ଚାପ ପକାଉଥିଲେ । ଆମେରକାର ପରରାଷ୍ଟ୍ର ସିନେଟ କମିଟି ଇଂଲଣ୍ଡ ଠାରୁ ଭାରତ ପାଇଁ ନିର୍ଦ୍ଦିଷ୍ଟ ସ୍ୱାଧିନତା ଦିବସ ଘୋଷଣା, ରୁଜଭେଲଟଙ୍କୁ ସୁପାରିଶ କରିଥିଲେ । ଚର୍ଚ୍ଚିଲଙ୍କର ସହଯାଗୀ ଅଟଲି ମଧ୍ୟ ଭାରତର ସ୍ୱାଧିନତା ପକ୍ଷରେ ଥିଲେ । ଆମେରିକାର ସମସ୍ତ ଉଚ୍ଚ ଅଫିସର ମଧ୍ୟ ଭାରତ ଭଳି ଏକ ବିରାଟ ଦେଶ ସ୍ୱାଧିନତା ପାଇ ଆମେରିକାର ବନ୍ଧୁ ହେଉ ବୋଲି ଚାହୁଁଥିଲେ । ସାମ୍ବାଦିକ ମାନେ ମଧ୍ୟ ଆମେରିକାରେ ଭାରତ ସପକ୍ଷରେ ଜନମତ ସୃଷ୍ଟି କରିପାରିଲେ । ଆମେରିକା ଯିବା ପାଇଁ ନେହେରୁଙ୍କୁ ନିମନ୍ତ୍ରଣ ମିଳିଲା ।

ଏତେ ସାହାଯ୍ୟ ଦେଉଥିବାରୁ ଇଂଲଣ୍ଡ ଉପରେ ଆମେରିକା ଚାପ ପକାଇ ସେ ଭାରତକୁ ସ୍ୱାଧିନତା ଦେବାକୁ ବାଧ୍ୟ କରୁ ବୋଲି ଆମେରିକାରେ ଜନମତ ସୃଷ୍ଟି ହେଲା । ମାତ୍ର ଚର୍ଚ୍ଚିଲ ପୁରୁଣା ଖେଳାଳି ଥିଲେ । ସେ ବିଭିନ୍ନ ନିଜ ଲୋକଙ୍କ ଦ୍ୱାରା ରୁଜଭେଲଟଙ୍କୁ ମନାଇବାକୁ ଚେଷ୍ଟା କଲେ । ଭାରତର ସପକ୍ଷ ଆମେରିକାର ଦୃତ କଲୋନେଲ ଜନସନଙ୍କୁ ଚାପ ପକାଇ ବଦଳି କଲେ । ଭାରତରେ ହିନ୍ଦୁ ଓ ମୁସଲମାନ, ଦଳିତଙ୍କ ମଧ୍ୟରେ ମତ ପ୍ରାର୍ଥକ୍ୟ ଲାଗି ରହିଛି । ଦେଶରେ ଏକ ପ୍ରକାର ଗୃହ ଯୁଦ୍ଧ ଚାଲିଛି। ଆମେ କାହା ହାତରେ କ୍ଷମତା ଦେବୁ? ଯୁଦ୍ଧ ବେଳେ ଅରାଜକତା ବ୍ୟାପି ଯିବ । ସେତିକିବେଳେ ଆମେରିକା ସେନାପତି ଜର୍ଜ ମାର୍ଶାଲ ଲଣ୍ଡନରେ ପହଂଚିଲେ। ଇଂଲିଶ ଚାନେଲ ବାଟେ ଜର୍ମାନ ଅଧିକୃତ ଫ୍ରାନ୍ସ ଉପରେ ଆକ୍ରମଣ କରାଯିବାର ଯୋଜନା ଆରମ୍ଭ ହେଲା । ଏଣେ ଭାରତ ସିମାନ୍ତରୁ ଜାପାନ ପଛଘୁଂଚା ଦେଲା । ଭାରତରେ ଭାରତ ଛାଡ ଆନ୍ଦୋଳନକୁ ଦବାଇ ଦିଆଗଲା । କଂଗ୍ରେସ ନେତାମାନେ ଜେଲରେ ରହି ଶକ୍ତିହୀନ ହୋଇ ପଡିଲେ । ଇଂରେଜ ମାନଙ୍କ ସାହାଯ୍ୟ ପାଇ ମୁସଲିମ ଲିଗ ଶକ୍ତିଶାଳୀ ହୋଇଉଠିଲା । "ଏପରି ବେଳେ ଆମ ମଧ୍ୟରେ ପ୍ରକାଶ୍ୟରେ ମତ ପାର୍ଥକ୍ୟ ବାହାର ଲୋକ ଜାଣିବା ଉଚିତ ନୁହେଁ" ବୋଲି ଚର୍ଚ୍ଚିଲ ପ୍ରେସିଡେଂଟଙ୍କୁ ଅନୁରୋଧ କଲେ । ଏହା ଶୁଣି ରୁଜଭେଲଟ କହିଲେ, (It is not my bysiness, strictly speaking, But both of us are fighting for a cause to which it is attached)। ଏହା ପରେ ରୁଜ ଭେଲଟ ପ୍ରକାଶ୍ୟରେ ଆଉ ଭାରତ ସପକ୍ଷରେ ମତ ରଖିଲେ ନାହିଁ । ଚର୍ଚ୍ଚିଲ ମଧ ପ୍ରତିଶ୍ରୁତି ଦେଲେଯେ ଯୁଦ୍ଧ ପରେ ଭାରତକୁ ନିଶ୍ଚୟ ସ୍ୱାଧିନତା ଦେବେ । ତାଙ୍କ ମତରେ ଏହା ଥିଲା, "A gentlaman's unwritten word" ।

ଭାରତର ସ୍ୱାଧିନତା ପାଇଁ ସମ୍ବେଦନଶୀଳ ଥିବା ଏହି ମହାମାନବଙ୍କର ୧୯୪୫ ମସିହା ଏପ୍ରିଲ ୧୨ ତାରିଖ ଦିନ ମହା ପ୍ରୟାଣ ଘଟିଲା ।

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ,
ମୋ: ୯୪୩୭୨୩୫୩୮୬

## ସାମ୍ପ୍ରତିକ ଜୀବନବୋଧ



ଡକ୍ଟର ମନୋରଞ୍ଜନ ବିଷୋୟୀ

ସମାଜରେ ଚଳପ୍ରଚଳ କରୁଥିବା ମଣିଷମାନେ ନିତ୍ୟ ପ୍ରତ୍ୟହ ଘଟଣାବଳୀର ସାର୍ଥକ ସମନ୍ୱୟ । ମଣିଷ ଏକ ବୃହତ୍ତର ପରିସରରେ ସଂଚରିତ ହେବାର ଅଭିପ୍ରାୟ ରଖି ସୃଷ୍ଟି କରିଛି ପରିବାର ଓ ସମାଜ । ମଣିଷର ସ୍ୱାର୍ଥ ସିଦ୍ଧି ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସମାଜର ପରିକଳ୍ପନା । ସମାଜକୁ ଶୃଙ୍ଖଳିତ କରିବା ଏକ ସାମୂହିକ କଲ୍ୟାଣର ପ୍ରତିଫଳନ । ନୀତି, ଆଦର୍ଶ, ଚଳଣି ଓ ବିଶ୍ୱାସ-ବଞ୍ଚିବାର ମାର୍ଗ ଉପରେ ପର୍ଯ୍ୟବେସିତ । ସମୟର ଧାରାରେ କିନ୍ତୁ ଆଜି ମୂଲ୍ୟବୋଧ କ୍ରମଶଃ ଏକ କ୍ଷୟିଷ୍ଣୁ ପଥରେ ଗତି କରି ଆସିଛି ।

ବସ୍ତୁତଃ କହିବାକୁ ଗଲେ ଚଳନ୍ତି ସମୟର ମଣିଷ ହେଉଛି- କାଳର ଏକ କରୁଣ ପରିଣତି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆମେ ନିଜର ଅନେକ ସମସ୍ୟା ସମାଧାନ କରିଥିଲେ ମଧ ଅନେକ ନୂତନ ସମସ୍ୟା ଦେଖାଦେଇଛି । କ୍ରମେ ମଣିଷର ନୈତିକ ଚିନ୍ତାଧାରା ଓ ଆଦର୍ଶ ବିଡମ୍ବିତ ହୋଇଛି । ଫଳରେ ସ୍ୱାଧୀନ ଭାରତର ଜନସାଧାରଣ ଦେଖିଥିବା ନୂତନ ଆଶାର ସ୍ୱପ୍ନ କାଳବକ୍ଷରେ ତିରୋହିତ ହୋଇଯାଇଛି । ସମାଜରେ ଆଶାତୀତ ଭାବେ ବିଭିନ୍ନ ଅପରାଧ, ଚୋରି, ବ୍ୟଭିଚାର, ଧର୍ଷଣ, ଲୁଣ୍ଠନ, ଦୁର୍ନୀତି, ଯୌତୁକଜନିତ ହତ୍ୟା ଓ ଅମାନୁଷିକତା ବୃଦ୍ଧି ପାଇବାରେ ଲାଗିଛି । ଅର୍ଥ ଲାଳସା, ପ୍ରବଞ୍ଚନା, ମିଥ୍ୟା ଓ ପ୍ରଚାରଧର୍ମିତା ମଣିଷର ମଣିଷପଣିଆକୁ କଳୁଷିତ କରିଛି । ଶୋଷକମାନେ ସେବକ ବେଶରେ ରାଜନୀତି ମଞ୍ଚରେ ଅନୁପ୍ରବେଶ କରିବା ଫଳରେ ସେବା ଓ ତ୍ୟାଗ ହୋଇଛି ବିଡମ୍ବିତ । ଏ ପ୍ରକାର ଅଶ୍ୱସ୍ତିକର ପରିବେଶ ଭିତରେ ଆଜିର ମଣିଷ ବଞ୍ଚିଛି । ସବୁବେଳେ ତା' ଆଖି ଆଗରେ ଫୁଟି ଉଠିଛି ଏକ ଅନ୍ଧକାର ସମାଜର ଚିତ୍ର । ଏକ ଦିଗରେ ବିଜ୍ଞାନର ଅଗ୍ରଗତି ହେଲେ ଅପର ପକ୍ଷରେ ରହିଛି ଦାରିଦ୍ର୍ୟ, ବ୍ୟାଧି ଓ କ୍ଷୁଧା ତୃଷ୍ଣାର ତାଡ଼ନା ।

ପ୍ରକୃତ ପକ୍ଷେ କହିବାକୁ ଗଲେ ଆଜି ମଣିଷର ସାମାଜିକ ଜୀବନ ହୋଇଉଠିଛି ସମସ୍ୟାକ୍ଲିଷ୍ଟ । ଏପରିକି ଆଧାତ୍ମିକ ଓ ମାନସିକ ଭାବସତ୍ତା ହୋଇଉଠିଛି ତା'ଠୁ ଅଧିକ ବିପର୍ଯ୍ୟସ୍ତ । ଆଜି ମଣିଷ ଏକ ଧୂସର ଉପତ୍ୟକାର ଅଧିବାସୀ । ସଫଳତା ଓ ସ୍ୱୀକୃତିର ଘୋଡ଼ା ଦୌଡ଼ରେ ସେ ଅଣନିଃଶ୍ୱାସୀ । ସଫଳତାର ସିଢ଼ି ଚଢ଼ାରେ ସେ ଲଗାଇଛି ଆପଣାର ମୂଲ୍ୟବୋଧ । ଏପରିକି ଆଧାତ୍ମିକ ବିଶ୍ୱାସହୀନତା ମଣିଷ ପାଇଁ ସୃଷ୍ଟି କରିଛି ଏକ ନାହିଁ ନାହିଁର ଉପତ୍ୟକା ।

ବସ୍ତୁତଃ ଏହାହିଁ ହେଉଛି ସାମ୍ପ୍ରତିକ ସମାଜର ଏକ ନିଚ୍ଛକ ପ୍ରତିରୂପ । ଆଜି ପାରସ୍ପରିକ ସଂପ୍ରୀତି ଏବଂ ସୌହାର୍ଦ୍ଦ୍ୟ ସୁଦୂର ପରାହତ । ସର୍ବତ୍ର ଆଜି ମଣିଷ ଆପଣାର ପ୍ରାପ୍ତି ପାଇଁ; ନିଖିଳ ବିଶ୍ୱକୁ ଉପେକ୍ଷା କରିଥିବା ସତ୍ୟ ମନେହୁଏ ।

+ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ମୋ: ୮୮୯୫୧୪୧୭୨୭






### କାଶତଣ୍ଡୀ
ରାମ ଚନ୍ଦ୍ର ପ୍ରଧାନ

ଶରତ ମରତେ କାଶତଣ୍ଡୀ ହସେ
ଚଉଦିଗ ଚମକାଇ
ଶରତ ଆସିଛି ମାଆ ଦୁର୍ଗାଙ୍କର
ଆଗମନୀ ବାର୍ତ୍ତା ନେଇ।

ନଈପଠା ଧାରେ ପବନ ଗାଉଛି
କାଶତଣ୍ଡୀ ପାଇଁ ଗୀତ
ନିର୍ମଳ ଆକାଶେ ଧଳା ମେଘ ଭାସେ
ଯେସନ ଜଳରେ ପୋତ ।

ନେତ୍ର ଭରିଯାଏ ଧବଳ ବର୍ଣ୍ଣରେ
ଦେଖି କାଶତଣ୍ଡୀ ମାଳ
ସତରେ ଅନନ୍ୟ ପୁଷ୍କରିଣୀ ଜଳେ
କଞ୍ଜ କୁମୁଦଙ୍କ ମେଳ ।

ନବ ବସନରେ ରମଣୀ ଯେମିତି
ଦିଶେ ଭାରି ରମଣୀୟ
କାଶତଣ୍ଡୀ ଫୁଲେ ଶରତ ସେମିତି
ଲାଗଇ ସୌନ୍ଦର୍ଯ୍ୟମୟ ।

କାଶତଣ୍ଡୀ ଫୁଲ ଚାମର ସ୍ପର୍ଶରେ
ଝଲସେ ଶରତ ଭୂଇଁ
ପାର୍ବଣ ମହକେ ମନ ନାଚି ଉଠେ
ହୃଦୟକୁ ପୁରା ଛୁଇଁ ।

+ ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
(ମୋ) ୯୮୬୧୬୩୮୭୩୬

### ମୁଁ ଭୁଲି ଯାଇଛି...
ଡମ୍ବରୁଧର ବେହେରା



ମୁଁ ଭୁଲି ଯାଇଛି
ତୁମକୁ
କେବେଠାରୁ
ବାହାରେ
ଆଉ, ଭିତରେ...

ଯେତେ ଚେଷ୍ଟା କଲେ
ଦେଖିବାକୁ
ଦେଖିପାରୁ ନାହିଁ
ଦିଶୁଛି
କେବଳ ଖାଲି ଏବଂ ଖାଲି...

ଶୂନ୍ୟସ୍ଥାନ ପୂରଣକର ଭଳି
କିନ୍ତୁ ତଥାପି
ନିଶ୍ୱାସ ନେଉଛି
ତୁମ ସ୍ମୃତିକୁ ପାଥେୟ କରି
ବଞ୍ଚିବାକୁ ମରି ମରି....

ମୁଁ ଆଉ
ମୁଁ ହୋଇ ନାହିଁ ଏବେ
ଅତୀତର ସ୍ମୃତିକୁ
ଭାବି ପାରିବାକୁ

ମୋ' ମୃତ୍ୟୁ ଶବକୁ
ଚିହ୍ନଟ କରି
ବୋହିବାକୁ...

ମୁଁ ଏବେ ମୃତ୍ୟୁ ଲୋକର
ଏକ ଛାୟା
ତୁମ ପଛେ ପଛେ ଛିଡ଼ା
ହେଲେ ଅଲୋଡା
କିନ୍ତୁ ଆପଣଙ୍କୁ ଲୋଡା...

ମୁଁ ଭୁଲି ଯାଇଛି
ଖୋଜିବା
ପାଇବା
ପାଇ ହରାଇବା
ତୁମକୁ ଯାହା ଲୋଡା...

+ ଶିକ୍ଷକ
ନବୋଦୟ ବିଦ୍ୟାଳୟ
ପାରଳାଖେମୁଣ୍ଡି(ଗଜପତି)
(ମୋ)୯୪୩୮୮୮୮୪୬୪

### ଭିକାରୀ
ପ୍ରଶାନ୍ତ କୁମାର ନାଥ

ଯାଇଥିଲି ଦିନେ ମନ୍ଦିରକୁ ଏକ
ପ୍ରଭୁ ଦରଶନ ପାଇଁ
ମନ୍ଦିର ଆଗରେ ବସିଥିଲା ଜଣେ
ଭକତଙ୍କ ପଥ ଚାହିଁ ।

ମନ୍ଦିରଟି ଥିଲା ବହୁତ ପ୍ରସିଦ୍ଧ
ସମସ୍ତଙ୍କ ଜଣାଶୁଣା
ପ୍ରଭୁଙ୍କ ପାଖକୁ ଆସୁଥିଲେ ଧାଇଁ
ହୋଇଗଲେ ବାଟବଣା ।

ସେ ମନ୍ଦିର ଆଗେ ବୁଢାଟିଏ ଦିନେ
ମାଗୁଥିଲା ବସି ଭିକ
ପଚାରିଲି ତାଙ୍କୁ ଥରୁଟିଏ ମୋତେ
କହିବକି ତୁମ ଦୁଃଖ ।

ପୁଅ ଝିଅ କିଛି ନାହିଁକି ତୁମର
ନାହିଁ ତୁମ ଘର ଦ୍ୱାର
ଭିକାରୀ ହେବାକୁ ଏହି ଦୁନିଆଁରେ
ଦେଲା କିଏ ଅଧିକାର ।

କହିଲେ ମୋତେ ସେ କାହିଁକି ଚାହୁଁଛୁ
ଜାଣିବାକୁ କହ ପୁଅ
ଶୁଣିଦେଲା ପରେ ପାରିବୁକି ରୋକି
ଆଖିରେ ତୋହର ଲୁହ ।

ପୁଅ ଝିଅ ମୋର ସମସ୍ତେ ଅଛନ୍ତି
ଅଛି ଏକ ବଡ ଘର
ବୟସ ମୋହର ଚାଲିଗଲା ପରେ
ସାଜିଅଛି ଆଜି ପର ।

ଗୋଟି ଗୋଟି ଧନ ଠୁଳ କରି ମୁହିଁ
ଘରଟିଏ ଗଢିଥିଲି
ସେହି ଘରେ ମୋର ପରିବାର ସାଥେ
ଶାନ୍ତିରେ ରହିବି ବୋଲି ।
ଦୁଇଗୋଟି ପୁଅ ଆଉ ଦୁଇଝିଅ
ଚାରୋଟି ସନ୍ତାନ ମୋର
ବାହାସାହା ହୋଇ ସମସ୍ତେ ଗଢିଲେ
ନିଜ ନିଜ ପରିବାର ।

ଦୁଇ ପୁଅ ମୋର ଚାକିରି କରନ୍ତି
ଅଛି ଭଲ ରୋଜଗାର
ସମାନ ଭାବରେ ବାଣ୍ଟି ନେଲେ ସିଏ
ଅର୍ଜିତ ସମ୍ପତ୍ତ ମୋର ।

ଏହି ମନ୍ଦିରଟି ତାଙ୍କରି ଦାନରେ
ଏଇଠି ହୋଇଛି ଠିଆ
ତୁମ ପରି କେତେ ଭକତ ଆସନ୍ତି
ପାଇବାକୁ ପ୍ରଭୁ ଛୁଆଁ ।

ଭାବିବୁନି ପୁଅ ସେମାନେ ଖରାପ
ମୋତେ ଯେ ଦେଖିଲେ ନାହିଁ
ଦୁଇଭାଇ ପରା କଳି କରୁଥିଲେ
ନିଇତି ମୋହରି ପାଇଁ ।

କିଣା ଦ୍ରବ୍ୟ ପରି ଦୁଇଭାଇ ପରା
କରିନେଲେ ମୋତେ ଭାଗ
ବସି ବସି କାଳେ ଖାଇଲି ବୋଲିକି
ତାଙ୍କୁବି ଆସିଲା ରାଗ ।

ଦେଖିଲି ନିଇତି ପୁଅ ବୋହୂ ମୋର
କରୁଛନ୍ତି କେତେ କଳି
ଅଶାନ୍ତି ବଢୁଛି ଘରେ ଯେ ତାଙ୍କର
କଳାପରେ ସୁଧା ପାଳି ।

ଅଶାନ୍ତି ଦେଖିକି ଘରେ ଯେ ତାଙ୍କର
ପାରିଲିନି ଆଉ ସହି
କିଛି ଦିନ ପାଇଁ ଝିଅ ଘରେ ଗୋଟେ
ରହିଲି ଖୁସିରେ ଯାଇ ।

ତାପରେ ଦେଖିଲି ସାହି ଭାଇ ତାଙ୍କ
ହେଉଛନ୍ତି କୁହା କୁହି
ବାପାକୁ ପୋଷୁଛି ଝିଅ କାଳେ ମୋର
ସ୍ୱାମୀର ସମ୍ପତ୍ତି ଖାଇ ।

ତାପରେ କେମିତି ରହିଥାନ୍ତି କହ
କାହାକୁ ଆସରା କରି
ସେଥିପାଇଁ ପରା ଭିକାରୀ ବେଉସା
ନେଇଛି ଆପଣା କରି ।

ଲୁହ ସବୁ ସିନା ବୃଦ୍ଧର ଆଖିରୁ
ଯାଇଛି ଆଗରୁ ମରି
ହେଲେ ମାନିଲାନି ମୋ ଆଖିର ଲୁହ
ପଡୁଥିଲା ଖାଲି ଝରି ।

ଭାବିଲି ସତରେ ଧନ୍ୟ ହେ ସନ୍ତାନ
ଧନ୍ୟ ତୁମ ବଡପଣ
ମନ୍ଦିର ଗଢିକି ଠାକୁର ପୂଜୁଛ
କରି ପାପ ଆଚରଣ ।

+ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର ।
(ମୋ)୦୮୮୯୨୩୦୧୧୪୩

## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

### ଭାଗ-୩୨

ଲାକ୍ଷାଗୃହର ଲେଲିହାନ ଶିଖାରେ ପୁରୋଚନ ସହ ଅନ୍ୟମାନେ ଦଗ୍ଧୀଭୂତ ହୁଅନ୍ତି । ଆଉ ଏପଟେ ମାତା କୁନ୍ତୀଙ୍କ ସହ ପାଣ୍ଡବମାନେ ମଧ୍ୟରାତ୍ରିରେ ସୁଡ଼ଙ୍ଗପଥ ଅତିକ୍ରମ କରି ନିରାପଦ ସ୍ଥାନରେ ଆଶ୍ରୟ ନିଅନ୍ତି । ବିଦୁରଙ୍କ ପରାମର୍ଶ କ୍ରମେ ଗଂଗାନଦୀ ପାର ହୋଇ ପାଣ୍ଡବମାନେ ଜଂଗଲ ମଧ୍ୟକୁ ପ୍ରବେଶ କରନ୍ତି ।

ଏସବୁ ଖବର ଶୁଣିସାରିଲା ପରେ ସ୍ୱତଃ ମୋର ହାତ ଯୋଡ଼ି ହୋଇ ଯାଉଥିଲା ସେହି ଦୟାମୟ ଠାକୁରଙ୍କ ଉଦ୍ଦେଶ୍ୟରେ । ସତରେ, ଦଇବ ଯାହାକୁ ସାହାହୁଏ ତାର ବା କିଏ କ୍ଷତି କରିପାରେ ? ପାପୀ ପୁରୋଚନ ପାଇଁ ମୃତ୍ୟୁ ହିଁ ଥିଲା ଶ୍ରେଷ୍ଠ ପୁରସ୍କାର । ତାକୁ ତାହା ମିଳି ଯାଇଥିଲା କିନ୍ତୁ ପ୍ରକୃତ ପାପୀ ତ ବେଶ୍ ଭଦ୍ରବେଶରେ ଚଳପ୍ରଚଳ କରୁଛନ୍ତି । ନା ତାଙ୍କର ଲଜ୍ଜା ଅଛି ନା ଅଛି ଅପମାନ । ମୋ ମନକୁ କିନ୍ତୁ ଏସବୁ ପାଇଁ ପାପ ଜାଗୁଥିଲା । ମନେମନେ ମୁଁ ନିଜକୁ ଧିକ୍କାର କରୁଥିଲି । କାରଣ ମୁଁ ତ ପାପପକ୍ଷକୁ ସମର୍ଥନ କରିଛି । କିଏ ଜାଣେ, ଏ ଅପରାଧ ପାଇଁ ମୋତେ ପୁଣି ଭବିଷ୍ୟତରେ କି ଦଣ୍ଡ ମିଳିବ ?

ହଁ, ମହାକାଳ କାହାକୁ କେବେ ଛାଡ଼ିନାହିଁ କି ଛାଡ଼ିବ ନାହିଁ । ଯୁଗେଯୁଗେ ପାପର ମାତ୍ରା ବଢ଼ିଗଲେ ନିଶ୍ଚିତ ଏହାର ଅନ୍ତିମକ୍ଷଣ ଉପସ୍ଥିତ ହେବ । କିଏ ଜାଣେ, କାଳବକ୍ଷରେ ମୋ ଭାଗ୍ୟରେ ପୁଣି କ'ଣ ଲେଖାହୋଇଛି । ପିଲାଟି ଦିନରୁ ଭାଗ୍ୟ ତ ମୋ ସପକ୍ଷରେ ନଥିଲା । ଏବେବି ନାହିଁ । ଆଜିପର୍ଯ୍ୟନ୍ତ ମୁଁ କେବଳ ସବୁ ଅପମାନ, ଲାଞ୍ଛନାକୁ ସହିଯାଇଛି । କିନ୍ତୁ ଏଥିରେ ମୋର ସ୍ୱାଭିମାନ ବାଧା ଦେଇଛି । ମୋ ଜୀବନଯାତ୍ରାରେ ଯାହା କିଛି ଝଡ଼ ବୋହିଯାଇଛି ସେସବୁ ମୋ ଭାଗ୍ୟରେଖା ଉପରେ ଛାଡ଼ିଯାଇଛି ଚିହ୍ନ । ଜାଣେନା ଭବିଷ୍ୟତ ମୋର କ'ଣ ? ତଥାପି ଏତିକି ସ୍ୱୀକାର କରିବାକୁ ମୁଁ ବାଧ୍ୟ କାଳର ସେଇ ଅଲଙ୍ଘନୀୟ ନିର୍ଣ୍ଣୟକୁ ଏଡ଼ାଇ ଦେବାର କ୍ଷମତା କାହାରି ନାହିଁ । ଆଉ ମୁଁ ତ ସାମାନ୍ୟ ମାତ୍ର ।

ମୁଁ ସିନା ପାଣ୍ଡବମାନଙ୍କ ଜୀବନକୁ ନେଇ ଏତେ ଚିନ୍ତା କରୁଥିଲି । କିନ୍ତୁ କୌରବ ଦରବାରରେ ଏଥିପ୍ରତି କାହାର ସେତେଟା ଆଗ୍ରହ ନଥିଲା । ପ୍ରକୃତ ସତ୍ୟାସତ୍ୟର ଅନୁସନ୍ଧାନ ପାଇଁ କାହାରି ମନରେ କୌତୁହଳ ନଥିଲା । ଏପରିକି ସ୍ୱୟଂ ମହାରାଜ ମଧ୍ୟ ନିରବି ଯାଇଥିଲେ । 'ଗତସ୍ୟ ଶୋଚନା ନାସ୍ତି....' ମାନି ଭୁଲି ଯାଇଥିଲେ ।

ଗୋଟିଏ ସମ୍ବାଦ ମୁଣ୍ଡରୁ ଓହରିଯିବା ଆଗରୁ ନିତିନିତି ଆହୁରି ଅନେକ ସମ୍ବାଦ ପହଞ୍ଚୁଥିଲା । ସେଦିନ ଏପରି ଏକ ସମ୍ବାଦ ଯାହା ଆମ ସମସ୍ତଙ୍କୁ ଅଭିଭୂତ କରି ଦେଇଥିଲା । ତାହା ପ୍ରକୃତରେ ସମ୍ବାଦ ନଥିଲା ଥିଲା ଭିନ୍ନଧରଣର ସମ୍ବାଦ । ପ୍ରକୃତରେ ମହାରାଜ ଦ୍ରୁପଦ ନିଜର ଅଲିଅଳ କନ୍ୟା ଦ୍ରୌପଦୀଙ୍କ ସ୍ୱୟମ୍ବର ପାଇଁ ନିମନ୍ତ୍ରଣ ପଠାଇଥିଲେ । ଦୁର୍ଯ୍ୟୋଧନ, ଦୁଃଶାସନ ଏମାନେ ତ ହସ୍ତିନାପୁରର ରାଜକୁମାର । ସେମାନଙ୍କ ପାଇଁ ତ ନିମନ୍ତ୍ରଣ ନିଶ୍ଚିତ ଥିବ । ତେବେ ମୋତେ ଅଂଗରାଜ ହିସାବରେ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା । ଏ ନିମନ୍ତ୍ରଣ ମୋ ମନରେ ଉତ୍କଣ୍ଠା ବଢ଼ାଇ ଦେଇଥିଲା । ତାର କାରଣ ରୂପବତୀ ଦ୍ରୌପଦୀଙ୍କ ପାଇଁ ଯେତେ ନୁହେଁ, ବୀରତ୍ୱ ପ୍ରଦର୍ଶନର ସୌଭାଗ୍ୟ ପାଇଁ । ଦ୍ରୁପଦ ମହାରାଜ କୁଆଡ଼େ ସର୍ତ୍ତ ରଖିଥିଲେ, ଯେଉଁ ବୀରପୁରୁଷ ନିଜର ବୀରତ୍ୱ ପ୍ରଦର୍ଶନ କରିବେ ତାଙ୍କରି ହାତରେ କନ୍ୟାକୁ ସମର୍ପଣ କରିବେ ।

ବେଶ୍ ଚମତ୍କାର ପ୍ରସ୍ତାବ । ଭାବୁଥିଲି, ଦ୍ରୌପଦୀ ତ ନିଶ୍ଚିତ ରୂପବତୀ ଆଉ ଗୁଣବତୀ ହୋଇଥିବେ । ତେବେ, ସେ ନିଶ୍ଚିତ ଭାବେ ବୀରା ରମଣୀ । ନହେଲେ ସ୍ୱୟମ୍ବର ସମୟରେ ବୀରପୁରୁଷର ପରୀକ୍ଷା କ'ଣ ପାଇଁ ? ସେ ଯାହାବି ହେଉ ମୋତେ ଯେତେବେଳେ ସୁଯୋଗ ମିଳିଛି, ତାକୁ ହାତଛଡ଼ା କରିବା ଉଚିତ୍ ହେବନି । ତାଛଡ଼ା ବୀରତ୍ୱ ପ୍ରଦର୍ଶନ ପରୀକ୍ଷାରେ ମୁଁ ଯେ ଅକୃତକାର୍ଯ୍ୟ ହେବି ସେ ଧାରଣା ମୋର ନାହିଁ । ମୋ ନିଜ ଉପରେ ଏତିକି ଭରସା ଅଛି । ତେବେ ସର୍ବସମ୍ମୁଖରେ ମୋ ବୀରତ୍ୱ ପ୍ରଦର୍ଶନ କରିବାର ସୁଯୋଗ ପାଇବି ଏହାଠାରୁ ବଳି ସୌଭାଗ୍ୟର କଥା ମୋ ପାଇଁ ଆଉ କ'ଣ ଥାଇପାରେ ।

ମନେପଡ଼ି ଯାଉଥିଲା ଅତୀତରେ ମୋ ସହ ଘଟି ଯାଇଥିବା ଘଟଣା ଗୁଡ଼ିକ । ଅସ୍ତ୍ର ପ୍ରତିଯୋଗିତା ପ୍ରଦର୍ଶନ ବେଳେ ଭୀମଙ୍କର ଅପମାନ, ଅର୍ଜୁନଙ୍କର ଆସ୍ପର୍ଦ୍ଧା । ସର୍ବୋପରି ସର୍ବସମ୍ମୁଖରେ ମୋତେ ସୂତପୁତ୍ରର ଲାଞ୍ଛନା । ସେ ସମସ୍ତ ଅପମାନର ଜ୍ୱାଳା ମୋର ସାରା ଅଂଗକୁ ସେଦିନ କେବଳ ଜାଳିପୋଡ଼ି ଦେଇ ନଥିଲା, ଆଜି ବି ମୁଁ ଜଳୁଛି ତିଳତିଳ କରି ।

ସ୍ୱୟମ୍ବରର ସମ୍ବାଦ ସମଗ୍ର ଆର୍ଯ୍ୟାବର୍ତ୍ତରେ ପ୍ରଚାରିତ ହୋଇ ସାରିଥିଲା । ଶୁଣିଲି ଦ୍ରୋଣାଚାର୍ଯ୍ୟ ଏ ସମ୍ବାଦ ଶୁଣି ଭିତରେ ଭିତରେ ଭୟ ପାଇ ଯାଇଛନ୍ତି । ତାଙ୍କ ମନରେ ଉଙ୍କି ମାରୁଥିଲା ଅତୀତର ସ୍ମୃତି । ଯେଉଁଦିନ ରାଜା ଦ୍ରୁପଦ ଦ୍ରୋଣ ଶିଷ୍ୟ ଅର୍ଜୁନଙ୍କ ଦ୍ୱାରା ବନ୍ଦୀ ହୋଇ ଅର୍ଦ୍ଧେକ ରାଜ୍ୟ ଦାନ କରିବାକୁ ବାଧ୍ୟ ହୁଅନ୍ତି । ସେହିଦିନରୁ ଦ୍ରୋଣଙ୍କ ଉପରେ ପ୍ରତିଶୋଧ ନେବାପାଇଁ ନାନା କୌଶଳର ଯୋଜନା କରୁଥାନ୍ତି । ଶେଷରେ ଆୟୋଜନ କରନ୍ତି ଯଜ୍ଞ । ଯଜ୍ଞ କରିବାରେ ରାଜା ଦ୍ରୁପଦ ଥିଲେ ବେଶ୍ ପ୍ରବୀଣ । ନିଜର ଅଭିଷ୍ଟ ପୂରଣ ପାଇଁ ସେ ପୂର୍ବରୁ ମଧ୍ୟ ଯଜ୍ଞ କରୁଥିଲେ । ଆଉ ଏବେ ଯଜ୍ଞକୁଣ୍ଡରୁ ସ୍ୱୟଂ ଯଜ୍ଞପୁରୁଷ ଆବିର୍ଭୂତ ହୋଇ ତାଙ୍କୁ ଭେଟି ଦିଅନ୍ତି ଗୋଟିଏ ପୁତ୍ରସନ୍ତାନ ଧୃଷ୍ଟଦ୍ୟୁମ୍ନ, ଆଉ ଗୋଟିଏ କନ୍ୟାରତ୍ନ । ସେହି କନ୍ୟା ଯାଜ୍ଞସେନୀ ପାଇଁ ସ୍ୱୟମ୍ବର । ଆଉ ସ୍ୱୟମ୍ବର ପାଇଁ ମହାରାଜ ରଖିଛନ୍ତି କଠିନ ସର୍ତ୍ତ ।

ଏସବୁ ଶୁଣିଲା ପରେ ଅସ୍ଥିର ହୋଇ ଉଠନ୍ତି ଦ୍ରୋଣାଚାର୍ଯ୍ୟ । ନିଜର ସୁରକ୍ଷା ଚିନ୍ତାରେ ବ୍ୟତିବ୍ୟସ୍ତ ହୋଇ ନିଜପୁତ୍ର ଅଶ୍ୱତ୍‌ଥାମାକୁ ସ୍ୱୟମ୍ବର ସଭାକୁ ପଠାଇବାର ସିଦ୍ଧାନ୍ତ ନିଅନ୍ତି । ଯଦି ଅଶ୍ୱତ୍‌ଥାମା ସଫଳ ହୁଅନ୍ତି ତେବେ ମହାରାଜ ହେବେ ତାଙ୍କର ବନ୍ଧୁ, ତେଣୁ ଆଗାମୀ ଦିନରେ ବିପଦରେ ଆଶଙ୍କାକୁ ଏଡ଼ାଇ ଦିଆଯାଇପାରେ ।

ଅଶ୍ୱ ।ମାକୁ ମୁଁ ସମ୍ମାନ କରେ । ତାଙ୍କର ଜ୍ଞାନ ପାଖରେ ମୋ ମୁଣ୍ଡ ନଇଁଯାଏ । ଅବସର ସମୟରେ ତାଙ୍କ ସହ ଦର୍ଶନତତ୍ତ୍ୱ ଆଲୋଚନା କରିବାକୁ ଭଲପାଏ । ସ୍ୱୟମ୍ବର ସଭାକୁ ଅଶ୍ୱତ୍‌ଥାମା ଯିବେ । ରାସ୍ତାସାରା ତାଙ୍କର ସଂଗସୁଖ ମିଳିବ । ଦୁର୍ଯ୍ୟୋଧନ, ଦୁଃଶାସନ, ମାତୁଳ ଶକୁନି ଏମାନେ ତ ନିଶ୍ଚିତ ଯିବେ । ଯେତେ ଯାହାହେଲେ ବି ସେମାନେ ରାଜପରିବାରର, ତେଣୁ ସେମାନଙ୍କ କଥା ଭିନ୍ନ । ମାତ୍ର ଅଶ୍ୱତ୍‌ଥାମା ଆଉ ମୁଁ ଏକତ୍ର ଯିବୁ । ଏହାହିଁ ମୋର ସୌଭାଗ୍ୟ । ସ୍ୱୟମ୍ବରର କଠିନ ସର୍ତ୍ତକୁ କିଏ ଜିଣିବ ଅବା କିଏ ହାରିବ ସେ ତ ପରକଥା, ହେଲେ ଆମେ ସମସ୍ତେ ସାଂଗ ହୋଇ ଯାତ୍ରା କରିବୁ ଏହାହିଁ ଯଥେଷ୍ଟ । ଆମ ଯାତ୍ରାର ଶୁଭମନାସି ସେଦିନ ମୁଁ ବେଶ୍ ନିଶ୍ଚିନ୍ତରେ ବିଶ୍ରାମ ଗଲି ।

\- ତିରିଶ -

କାମ୍ପିଲ୍ୟ ନଗରୀ ମହାରାଜ ଦ୍ରୁପଦଙ୍କ ରାଜ୍ୟ । ଶୁଣିଥିଲି ରାଜା ଦ୍ରୁପଦ ଜଣେ ପ୍ରଭାବଶାଳୀ ରାଜା । କେବଳ ପ୍ରଭାବଶାଳୀ ନୁହଁନ୍ତି, ଲୋକପ୍ରିୟ ସମ୍ରାଟ ମଧ୍ୟ । ବହୁତ ଦାନ, ଧର୍ମ, ଯଜ୍ଞ କରନ୍ତି ବୋଲି, ଲୋକେ ତାଙ୍କୁ କହନ୍ତି ଶ୍ରେଷ୍ଠ ଯଜ୍ଞକର୍ତ୍ତା ରାଜା । ଆମେ ସବୁ ତାଙ୍କର ଅତିଥି ହୋଇ ତାଙ୍କ ରାଜ୍ୟକୁ ଯାଉଛୁ । ତେଣୁ ଆମ ସଭିଙ୍କ ମନରେ ଆଶା, ଉଦ୍ଦୀପନା, ଉଦ୍‌ବେଗ ।

ଆମ ରଥ ଆଗେଇ ଚାଲିଥିଲା । କାମ୍ପିଲ୍ୟ ନଗରର ପ୍ରବେଶଦ୍ୱାର ବେଶ୍ ସୁନ୍ଦର ଭାବେ ସଜ୍ଜିତ । ଆମକୁ ସ୍ୱାଗତ କରିବାପାଇଁ ବେଶ୍ ସୁନ୍ଦର ସୁନ୍ଦର ତୋରଣମାନ ନିର୍ମିତ ହୋଇଥାଏ । କଥାଥିଲା ଆମେ ପ୍ରଥମେ ଯାଇ ଅତିଥିଶାଳାରେ ରହିବୁ । ସେଠାରେ ରାତ୍ରିଯାପନ କରି ତହିଁ ପରଦିନ ସ୍ୱୟମ୍ବର ସଭାକୁ ଯିବୁ । ତେବେ, ଅତିଥିଶାଳାକୁ ଯିବାପୂର୍ବରୁ ପ୍ରବେଶଦ୍ୱାର ନିକଟରେ ଆମକୁ ଯେଉଁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଗଲା, ସେଥିରେ ଆମେ ସମସ୍ତେ ଅଭିଭୂତ ହୋଇପଡ଼ିଲୁ । ମହାରାଜଙ୍କ ଜ୍ୟେଷ୍ଠପୁତ୍ର ଶିଖଣ୍ଡୀ ଆମକୁ ସ୍ୱାଗତକରି ନଗର ଭିତରକୁ ପାଛୋଟି ନେଲେ । ପୁଷ୍ପବୃଷ୍ଟି ଓ ଶଙ୍ଖଧ୍ୱନି ମଧ୍ୟରେ ଆମେ ଚାଲିଥିଲୁ ଆମର ଗନ୍ତବ୍ୟସ୍ଥଳ ନିକଟକୁ ।



ନଗରୀର ସାଜସଜ୍ଜା ଦେଖି ମୁଁ ଭାବୁଥିଲି, ଯାହାର ପ୍ରବେଶଦ୍ୱାର ଏତେ ସୁନ୍ଦର, ତାର ରାଜ ଦରବାରର ଶୋଭା କ'ଣ ନହୋଇଥିବ । ରାଜକୁମାରୀଙ୍କ ସ୍ୱୟମ୍ବର ପାଇଁ କେବଳ ରାଜ ପରିବାରର ଲୋକ ନୁହଁନ୍ତି ସମଗ୍ର ନଗରବାସୀ ଯେମିତି ବ୍ୟସ୍ତ, ଚଳଚଞ୍ଚଳ । ଏସବୁ ଦୃଶ୍ୟ ଅବଲୋକନ କରି ମୋ ମନରେ ଉଙ୍କି ମାରୁଥିଲା ଅନେକ ପ୍ରତ୍ୟୟ । ରାଜା ଆଉ ପ୍ରଜାମାନଙ୍କ ମଧ୍ୟରେ ଏଠାରେ ରହିଛି ଅପୂର୍ବ ସମନ୍ୱୟ । ପରସ୍ପର ମଧ୍ୟରେ ସଦ୍‌ଭାବ ସଂପର୍କ ବେଶ୍ ଘନିଷ୍ଠ । ଠିକ୍ ଯେମିତି ପିତା-ପୁତ୍ର । ରାଜାଙ୍କର ପ୍ରଜାମାନଙ୍କ ପ୍ରତି ଯେଉଁଭଳି ସ୍ନେହ, ସୌହାର୍ଦ୍ଦ ରହିଛି ପ୍ରଜାମାନଙ୍କର ମଧ୍ୟ ସେହିଭଳି ଭକ୍ତି, ସମ୍ମାନ ରହିଛି । ଏସବୁ ଦେଖି ମୋ ମନ ସ୍ୱତଃ ଆକର୍ଷିତ ହେଉଥିଲା ମହାରାଜ ଦ୍ରୁପଦଙ୍କ ପ୍ରତି । ମୋର ମନେ ପଡ଼ିଯାଉଥିଲା ଗୁରୁ ଆଶ୍ରମରେ ଆମେ ପାଠ ପଢୁଥିବାବେଳେ ଆମକୁ ଏମିତି ଶିକ୍ଷା ଦିଆଯାଉଥିଲା । ରାଜା ଓ ପ୍ରଜାମାନଙ୍କ ଭିତରେ ସୁସଂପର୍କ ନରହିଲେ ରାଜ୍ୟରେ ଶୃଙ୍ଖଳା ସମ୍ଭବ ନୁହେଁ । ଦ୍ରୁପଦ ମହାରାଜଙ୍କ ଏହି ଶୃଙ୍ଖଳା ଜ୍ଞାନ ମୋ ମନରେ ସଚେତନତା ବୃଦ୍ଧି କରିଥିଲା । ବାସ୍ତବରେ ଦ୍ରୁପଦଙ୍କ ରାଜ୍ୟରେ ପାଦ ଦେଇ ମୋର ଜ୍ଞାନ ଉଦୟ ହୋଇଛି । ମୁଁ ବି ଗୋଟିଏ ରାଜ୍ୟର ରାଜା । କ୍ଷୁଦ୍ର ହେଲେ ଅଂଗରାଜ ରୂପେ ମୋର ମଧ୍ୟ ପ୍ରଜାମାନଙ୍କ ପ୍ରତି କିଛି କର୍ତ୍ତବ୍ୟ ରହିଛି । ମୁଁ ଯଦି ଏହିଭଳି ପ୍ରଜା ହିତକର କାର୍ଯ୍ୟ କରନ୍ତି ନିଜକୁ ପ୍ରଜାମାନଙ୍କ ସେବାରେ ଉତ୍ସର୍ଗୀକୃତ କରିପାରନ୍ତି, ତେବେ ମୋତେ ମଧ୍ୟ ପ୍ରଜାମାନେ ଏହିଭଳି ଭକ୍ତି ଓ ସମ୍ମାନ କରନ୍ତେ ।

ମୋ ଭାବନାରେ ପୂର୍ଣ୍ଣଚ୍ଛେଦ ଟାଣି ଆମ ରଥ ଅତିଥିଶାଳା ସମ୍ମୁଖରେ ଅଟକିଗଲା । ସେତେବେଳକୁ ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇଗଲାଣି । ସାରାଦିନର ଯାତ୍ରାପଥ ଜନିତ କ୍ଳାନ୍ତି । ସେଦିନ ଅତିଥିଶାଳାର ବିଶ୍ରାମ ଗୃହରେ କଟାଇଦେଲୁ । ରାଜ ଦରବାରରୁ ଆମ୍ଭମାନଙ୍କୁ ଯଥାଯଥ ଆତିଥ୍ୟ ଦେବାରେ ତ୍ରୁଟି ନଥିଲା । ଆଗାମୀ କାଲି ସ୍ୱୟମ୍ବର ସଭାରେ ଯୋଗଦେବାର ମୁହୂର୍ତ୍ତର ଅପେକ୍ଷାରେ ଆମେ ସବୁ ବିଶ୍ରାମ ନେଲୁ ।

ସ୍ୱୟମ୍ବର । ରାଜ ପରିବାରର ସମ୍ମାନ । ଆଭିଜାତ୍ୟର ଏକ ସ୍ୱତନ୍ତ୍ର ଅନୁଷ୍ଠାନ । ଅନୂଢ଼ା ରାଜକୁମାରୀମାନଙ୍କ ପାଇଁ ଏକ ପାରମ୍ପରିକ ଉତ୍ସବ । ରାଜ୍ୟର ଅନ୍ୟ କୁମାରୀ କନ୍ୟାମାନଙ୍କଠାରୁ ରାଜକୁମାରୀ ଯେ ସ୍ୱତନ୍ତ୍ର, ଭିନ୍ନ ଏହା ଜଣାଇବା ପାଇଁ ବୋଧେ ଏ ଭଳି ଅନୁଷ୍ଠାନର ଆୟୋଜନ । ଏଥିରେ ରାଜକୁମାରୀ ମାନଙ୍କର ଯେ ସମ୍ମାନ ବଢ଼େ ତା' ନୁହେଁ ରାଜାଙ୍କର ମଧ୍ୟ ଆଭିଜାତ୍ୟ, ପ୍ରତିପତ୍ତି ବଢ଼ିଥାଏ । ଜଣେ ରାଜକୁମାରୀ ପାଇଁ ଅନେକ ପ୍ରାର୍ଥୀ । ସେ ସ୍ୱାଧୀନ ଭାବେ ତାଙ୍କ ମନୋନୀତ ପ୍ରାର୍ଥୀ ବାଛିବେ । କନ୍ୟା ଯାହାଙ୍କ ଗଳାରେ ବରଣମାଳା ଦେବ, ସେ ହିଁ ହେବେ ରାଜାଙ୍କ ଜାମାତା ।

ଏଠି ସ୍ୱୟଂ ଦ୍ରୁପଦ ରାଜାଙ୍କ କନ୍ୟାଙ୍କର ସ୍ୱୟମ୍ବର । ଯଜ୍ଞରୁ ଜନ୍ମ ନେଇଥିବାରୁ ତାଙ୍କ ନାମ ଯାଜ୍ଞସେନୀ । ସେ ପୁଣି କୃଷ୍ଣା, ଦ୍ରୌପଦୀ । ତେବେ କନ୍ୟା ଯେ ଅନିନ୍ଦ୍ୟ ସୁନ୍ଦରୀ ଏହା ନିଃସନ୍ଦେହ । ତେଣୁ ଏଭଳି ସୌଭାଗ୍ୟବତୀ କନ୍ୟାକୁ ପତ୍ନୀ ରୂପେ ପାଇବାକୁ ବହୁ ରାଜା ମହାରାଜାମାନଙ୍କ ମଧ୍ୟରେ ନିଶ୍ଚୟ ଆକାଂକ୍ଷା ରହିଥିବ ।

ଆମେ ନିର୍ଦ୍ଦିଷ୍ଟ ସମୟରେ ସଭାଗୃହକୁ ପ୍ରବେଶ କଲୁ । ଖୁବ୍ ଆଡ଼ମ୍ବର ସହକାରେ ସଜା ହୋଇଥାଏ ସ୍ୱୟମ୍ବରର ସଭାଗୃହ । ଚାରିଆଡ଼େ ରଂଗିନ୍ ଝାଲେରି ସହ ଆଲୋକମାଳା ସୁଶୋଭିତ । ଚତୁର୍ଦ୍ଦିଗରେ ଏକ ମନୋମୁଗ୍ଧକର ପରିବେଶ । ମହାରାଜଙ୍କ ପସନ୍ଦକୁ ବାସ୍ତବରେ ତାରିଫ କରିବା କଥା । ଯେଉଁଠି ଯାହା ରହିବା କଥା ସବୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖା ଯାଇଥାଏ । ପ୍ରତ୍ୟେକ ନିମନ୍ତ୍ରିତ ଅତିଥିମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ । ସୁସଜ୍ଜିତ ଆସନ । ରାଜା, ମହାରାଜା, ଋଷି, ସାଧୁସନ୍ଥ, ବ୍ରାହ୍ମଣ ଇତ୍ୟାଦି ସମସ୍ତଙ୍କ ପାଇଁ ନିର୍ଦ୍ଦିଷ୍ଟ ଆସନ ସଜ୍ଜୀକୃତ । ସମସ୍ତଙ୍କ ମନରେ ନିଜ ନିଜର ରୂପ, ପରାକ୍ରମ, ଧନ ଓ ଯୌବନକୁ ନେଇ ଗର୍ବ ଓ ଅଭିମାନ । କେହି କାହାକୁ କମ୍ ନୁହଁନ୍ତି । ମିତ୍ର ଦୁର୍ଯ୍ୟୋଧନ ତ ବେଶ୍ ଉତ୍ସୁକ ଅଛନ୍ତି । ତାଙ୍କ ମୁହଁରେ ଆନନ୍ଦର ଛାପ ସ୍ପଷ୍ଟ ବାରି ହୋଇଯାଉଛି । ଏଠାରେ ତ ଅନେକ ରାଜା, ମହାରାଜା ଉପସ୍ଥିତ ଅଛନ୍ତି । ସମସ୍ତଙ୍କ ପାଖରେ ମୁଁ ସେତେଟା ପରିଚିତ ନୁହେଁ । ମୁଁ ବି ଅନେକଙ୍କୁ ଜାଣେନି । ତେବେ ମିତ୍ର ଦୁର୍ଯ୍ୟୋଧନ ମୋତେ ଇଂଗିତ କରି ଚିହ୍ନାଇ ଦେଉଛନ୍ତି । ସେମାନଙ୍କ ମଧ୍ୟରେ ଦୁଇଜଣଙ୍କୁ ସ୍ୱତନ୍ତ୍ର ଭାବେ ମୋତେ ଚିହ୍ନାଇ ଦେଉଥାନ୍ତି ମିତ୍ର ଦୁର୍ଯ୍ୟୋଧନ । ଧୀରେ ଧୀରେ ସେ କହୁଥାନ୍ତି ଦେଖୁଛ କର୍ଣ୍ଣ, ଏ ଦୁହିଁଙ୍କୁ ଚିହ୍ନିରଖ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

## ଆଜିର କବିତା

### ସହାନୁଭୂତିର ସାନ୍ଦ୍ରତା: ଦାଦନ....

ଅନସୂୟା ପଣ୍ଡା



ଏଠି ବୀତସ୍ପୃହ ମଣିଷ କାନ୍ଦୁଛି
ଅନ୍ଧାରରେ ବିଳପି ବିଳପି
ସମ୍ଭାବନାକୁ କାନ୍ଧରେ ଲଦି
ଭୋକର ଦ୍ୱାହି ଦେଇ
ଛାଡିଯାନ୍ତି ଭିଟା ମାଟି
କିଏ ଫେରେ ଯନ୍ତ୍ରଣାର ଛାତି ଛୁଇଁ
ଭୋକରେ ଆଉଟି
ରୁଗ୍ଣ ଶରୀର ଧରି ମୁଠାଏ ମଜୁରୀ ପାଇଁ ।

କେହି କେହି ଫେରନ୍ତିନି,
କେହି ଫେରେ ସ୍ଥାଣୁ ଶରୀରଟେ ନେଇ
ଇଟା ଭାଟିର ନିଆଁରେ ଜଳିଯାଏ
କାନ୍ଧରେ ବୋହିନେଇଥିବା ସପନ ପୁଟୁଳି ।

କେତେବେଳେ ଦାରିଦ୍ର୍ୟତାର
ବହଳ ଚାଦର ଉପରେ
ଅଙ୍ଗୁଳି ସାଉଁଳେଇ ଦେଇଯାଏ ଠିକାଦାର
ଅଲକ୍ଷରେ, ଅଜାଣତରେ
ମୋହଗ୍ରସ୍ତ ହୋଇଯାଏ
ତା କଥାର କୁହୁକରେ ।

ଐଶ୍ୱର୍ଯ୍ୟର ଲାଳସା,
ବିଳାସର ବାସନା ସଂଜାତ ହୁଏ
ପଇସା କମେଇବାର ଭୁତ ସବାର ହୁଏ
ଦାରିଦ୍ର୍ୟତାର ବନ୍ଧନକୁ ଛିଡେଇ ଦେବାର
ଶେଷ ପ୍ରୟାସ ଦାଦନ ବୋଲି
ମନରେ ଘର କରିଯାଏ ।

ଭିଟା ମାଟିର ବାସନାକୁ
ଆପଣାର ମୋହକୁ
ଏଡେଇଯାଏ ଭେଣ୍ଡିଆ ପୁଅ
ଫେରେନି, ଯଦିବି ଫେରି ଆସେ
ଅଧା ରକ୍ତ ମାଂସ ନିଗାଡି ଆସେ ।

ପୁଣି ସେଇ ଭୋକର ତାଡନାରେ
ଶ୍ୱାସରୁଦ୍ଧ ଲାଗେ ଯେବେ
ବଢେ ଦାଦନର ଦୁଃଖ

ସତେରେ କଣ କାମର ଅଭାବ ଏଠି ?
ଟ୍ରେନ ଭର୍ତ୍ତି ଦାଦନ ଶ୍ରମିକ,
ଆଖିରେ ଆଖିଏ ବିକଳତା ।

ଖୁବ ଭିଡ ଭିତରେ
କେମିତି ଗୋଟେ ଶୂନ୍ୟତା,
କାରୁଣ୍ୟତା ପହଁରୁଥାଏ
ବିକାଶର ଯୋଜନା ଏଠି ସରକାରଙ୍କର,
କୋଟି କୋଟି ଅନୁଦାନ
ପୁଣି କିନ୍ତୁ ଅପୁରା ପେଟର ତାତି,
ଭୋକର ବିଳାପ ।

ସବୁଜାଣି ଚାଖଣ୍ଡେ ପେଟ ପାଇଁ
ଦାଦନ ଯାଏ
ଅନିଶ୍ଚିତତା ଆଉ ନିରାଶାର ଅନେକ
କାହାଣୀ ଶୁଣିବା ପରେ
ଗୋଟେ ପଟେ ବାଘ ତ
ଆରପଟେ କଂସେଇ
କଣ ବି କରିପାରିବ ସିଏ,
ଜୀବନଟା ଅନ୍ଧାରୀ ଗହିରୀ ।

ଋଣ ବୋଝ, ପରିବାର ବୋଝ,
ସବୁ ଆଡେ ନାଲି ଆଖି
ହତାଶାର ଶୋଷ, ଖାଲି ଶୋଷ
ପାଣି ନାହିଁ ଖାଲି ନାଲି ପାଣି ।

ସେଥିରୁ ଶୋଷଡାଏ ପିଇ ଦେଲେ
ଟାଇଁ ଟାଇଁ ଖରା ଲାଗେ ପୂର୍ଣ୍ଣମୀର ଚାନ୍ଦ
ସବୁ ଭୁଲି ମନ ଉଡେ
ସତେ ଅବା ପାଇଗଲା ପବନ ଘୋଡାଟା
ତୋଳି ନେବ ପାରିଜାତ ଫୁଲ,
ଏଇତ ପିପାସାର ପଥ ।

+ଇଞ୍ଜିନିୟରିଂ କଲେଜ, ବୁର୍ଲା, ସମ୍ବଲପୁର,
ଓଡିଶା, ୭୬୮୦୧୮
ମୋ:୯୪୩୯୨୧୧୯୭୧

### ସାତସୁରେ ବନ୍ଧା ଏ ଜୀବନ...

ପୁଷ୍ପାଞ୍ଜଳି ମିଶ୍ର



ଆମ ଏ ଜୀବନ ସାତସୁରେ ବନ୍ଧା
ସା ରେ ଗା ମା ସୁର ପରି
କେବେ ସେ ରାଗିଣୀ
କେବେ ଛାନ୍ଦ ଚମ୍ପୂ
ସାତ ସୁରର କାହାଣୀ
ମନର ଚଢେଇ ଧୀରେ ଧୀରେ
ଗୁଣୁ ଗୁଣୁ ଗାଉ ଥାଏ
ଜୀବନ ଲହରୀ
ନାହିଁ ତାର ପକ୍ଷୀ
ନାହିଁ ତାର ସାକ୍ଷୀ
ଅଦିନରେ ଝଡି ଯାଏ
କେତେ ଆଶା
କେତେ ସ୍ୱପ୍ନକୁ
ଜାବୁଡି ଚାଲିଛି ଏହି ଜୀବଟି
ପ୍ରାପ୍ତି ଆଉ ଅପ୍ରାପ୍ତି ଭିତରେ
ଯାହା ଖାଲି ସେ ଖୋଜୁଛି
ସ୍ନେହ ମମତାର
ସମ୍ପର୍କ ଡୋରିରେ
ଛନ୍ଦି ଖାଲି ସେ ହେଉଛି
ଟିକେ ଆଶ୍ୱାସନା ପାଇଁ
ଆଉ ବିଶ୍ୱାସକୁ ଭରସା କରି
କାଖତଣ୍ଡି ପରି ସ୍ୱଚ୍ଛ ହୋଇ
ଖାଲି ଯା ଦୋହଲୁ ଥାଏ
ଭଲ ପାଇବାର ସିକ୍ତ
ସମ୍ପର୍କର ଦ୍ୱାହି ନେଇ
ଆସୁ ପଛକେ
ଯେତେ ଝଡ ଝଞ୍ଜା
ତୁଟେଇବା ନାହିଁ
କେବେ ଏ ବନ୍ଧନ
ଆମେ ଗୋଟିଏ ସୂତାରେ ବନ୍ଧା

+ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
କଳରଙ୍ଗୀ ଅଟା
ଯାଜପୁର
୯୫୫୬୭୬୪୩୯୨୧

## ସମ୍ପର୍କର ରଙ୍ଗ

# ମନ ଆଉ ଆତ୍ମାର ଖେଳ

ଶ୍ୱେତା ରାଉତ୍



ଆମେମାନେ ମଣିଷ । ସବୁବେଳେ ଯେ ଆମ ଭିତରେ ସକାରାତ୍ମକ ଉର୍ଜା ରହିବ ସେମିତି କହିହେବନାହିଁ । ସବୁବେଳେ ଆମର ସ୍ୱଭାବ, ଇଚ୍ଛା, ମନ, ବୁଦ୍ଧି, ସଂଯମୀ ଓ ଶୁଦ୍ଧ ରହିବ ସେମିତି କହିପାରିବାନି । କିନ୍ତୁ ଆମେ ଯଦି ମନ ଆଉ ଆତ୍ମାର ଖେଳକୁ ଭଲଭାବେ ବୁଝିଯିବା ହୁଏତ ଆମ ସ୍ୱଭାବର ଦିଗଦର୍ଶକ ଆମେ ନିଜେ ହୋଇପାରିବା ଓ ନିଜକୁ ସୁପଥଗାମୀ କରିପାରିବା ।

ଯେମିତି ଆମେମାନେ ରହିବା ପାଇଁ ଘର ତିଆରି କରନ୍ତି ଏବଂ ସେ ଘରେ ଅନେକ ଗୁଡିଏ କୋଠରୀ ଥାଏ ଯେମିତିକି ଖାଦ୍ୟ ରାନ୍ଧିବା ପାଇଁ ରୋଷେଇ ଘର, ପଢିବା ପାଇଁ ପଢାଘର, ବ୍ୟାୟମ ପାଇଁ ବ୍ୟାୟମଶାଳା (ଜିମ୍ ରୁମ୍), ଅତିଥିମାନଙ୍କ ପାଇଁ ଗେଷ୍ଟ୍ ରୁମ୍, ଠାକୁର ପୂଜା ପାଇଁ ଠାକୁର ଘର ଇତ୍ୟାଦି ଇତ୍ୟାଦି । ଠିକ୍ ସେମିତି ଆତ୍ମା ଯେତେବେଳେ ଦେହଧାରୀ ହୋଇଥାଏ ତା'ପାଇଁ ଈଶ୍ୱର ମସ୍ତିଷ୍କ ଭିତରେ ଅନେକ ଗୁଡାଏ କୋଠରୀ ଖଞ୍ଜି ରଖିଥାନ୍ତି । ତିନି ଗୁଣ (ସତ୍ତ୍ୱ, ରଜ୍ଜ୍ୱ, ତମ), ପାଞ୍ଚ ମନ, ପଚିଶ ପ୍ରବୃତ୍ତି ମଣିଷକୁ ଦେଇଥାନ୍ତି । ଯେମିତି ଶାରୀରିକ ସୁଖସୁବିଧା ପାଇଁ ଆମକୁ ପୂଜାଘରେ ଶାନ୍ତି ମିଳେ, ରୋଷେଇ ଘରେ ଖାଦ୍ୟ ମିଳେ, ବ୍ୟାୟାମଶାଳାରେ ଉତ୍ତମ ସ୍ୱାସ୍ଥ୍ୟ ମିଳେ, ପଢାଘରେ ଜ୍ଞାନ ମିଳେ, ଠିକ୍ ସେମିତି ଆମ 'ମନ'କୁ ଆମ ମସ୍ତିଷ୍କରେ ଥିବା ଅନେକ କୋଠରୀ ମଧ୍ୟରେ କେଉଁଠି ରଖିଲେ ସେ ସୁସ୍ଥ ଶାନ୍ତ, କମନୀୟ, ସରଳ, ସୁନ୍ଦର ରହିବ ତାହା ସ୍ଥିର କରିଥାଏ ଆମ ପ୍ରକୃତି ବା ପ୍ରବୃତ୍ତି ।

ପ୍ରତ୍ୟକ ମୁହୂର୍ତ୍ତରେ ଆମେ ଯାହା ଚିନ୍ତା କରନ୍ତି, ଶୂନ୍ୟ ଶକ୍ତି ଆମ ଆତ୍ମାକୁ ମସ୍ତିଷ୍କର ସେଇ କୋଠରୀରେ ରଖିଥାନ୍ତି । ଆମେ ଚୋର ହେବାକୁ ଇଚ୍ଛା ରଖିଲେ ଆମ 'ମନ'ଚୋର ପ୍ରବୃତ୍ତିକୁ ଗ୍ରହଣ କରିବ, ବୁଦ୍ଧି ଚୋରିବିଦ୍ୟା ପ୍ରତି ଆକର୍ଷିତ ହେବ, 'ଚିନ୍ତା'ଚୋରି କରିବାର ଉପାୟ ଖୋଜିବ । ଫଳରେ ଆମେ ଚୋରି ଭଳି ଏକ ଘୃଣ୍ୟକର୍ମକୁ ମସ୍ତିଷ୍କରେ ପାଳିବା । ଆମେ ଯାହାକୁ ଭଲରେ ଲାଳନପାଳନ କରନ୍ତି ସେ ହୃଷ୍ଟପୃଷ୍ଟ ହୋଇଥାଏ, ଠିକ୍ ସେମିତି ଚୋରିବିଦ୍ୟାକୁ ବାରମ୍ବାର ମସ୍ତିଷ୍କରେ ଲାଳନପାଳନ କଲାଭଳି ରଖିଲେ, ଆମର କୁଅଭ୍ୟାସ ମଧ୍ୟ ହୃଷ୍ଟପୃଷ୍ଟ ହେବ ଏବଂ ଆମକୁ କୁପଥଗାମୀ କରିବ । ଆମେ ଯଦି ଦୟାଶୀଳ ହେବାର ଇଚ୍ଛା ରଖିବା ଆମ 'ମନ'ରେ ଦୟାର ଭାବ ଜାଗ୍ରତ ହେବ, 'ବୁଦ୍ଧି' ଦୟାଭାବ ରଖି କାର୍ଯ୍ୟ କରିବ,'ଚିନ୍ତା'ଅନ୍ୟ ପ୍ରତି ଉଦାର ହେବାକୁ ପ୍ରେରିତ କରିବ,ଫଳରେ ଆମେ ଦୟାଶୀଳଭାବ ରଖି ମସ୍ତିଷ୍କରେ ଏକ ଯୁକ୍ତାତ୍ମକ କୋଠରୀର ଉର୍ଜା ବଢାଇବା ସହିତ ଆହୁରି ସକ୍ରିୟ କରାଇବାକୁ ସମର୍ଥ ହେବା । ଆମ ବିଚାରରେ ଶୁଦ୍ଧତା, ଆମ ଆତ୍ମାରେ ଶାନ୍ତି, ଆମ ସ୍ୱଭାବରେ ଶ୍ରଦ୍ଧାଭାବ ବଢିବାକୁ ଲାଗିବ ଏବଂ ଆମକୁ ପରମାତ୍ମାଙ୍କ ସାନିଧ୍ୟ ପ୍ରାପ୍ତ ହେବାର ରାସ୍ତା ମିଳିବ ।

ଆମେ ସବୁବେଳେ ମନ୍ତ୍ର ଜପ କରନ୍ତି । ବାରମ୍ବାର ଗୋଟେ ମନ୍ତ୍ରକୁ ମନେମନେ କହିଥାନ୍ତି । ଫଳରେ ସେ ମନ୍ତ୍ରରେ ଉଚ୍ଚାରିତ ଶବ୍ଦ ଶରୀରର ଅଷ୍ଟଚକ୍ରକୁ ଉର୍ଜା ପ୍ରଦାନ କରେ, କୁଣ୍ଡଳୀନିକୁ ଜାଗ୍ରତ କରାଏ ଏବଂ ଏକ ଅଲୌକିକ ଶକ୍ତିରେ ପରିଣତ ହୁଏ ।ମନ୍ତ୍ର ଦ୍ୱାରା ପ୍ରାପ୍ତ ଅଲୌକିକ ଶକ୍ତି ଆମର ଏକାଗ୍ରତା, ନିଷ୍ଠା, ନିରହଂକାର ସ୍ୱଭାବ ଓ ସାଧନା ଯୋଗୁଁ ସମ୍ଭବ ହୋଇଥାଏ । ସାଧକ ଯାହା ଚାହିଁଥାଏ, ସେଥିରେ ହିଁ ସିଦ୍ଧି ପ୍ରାପ୍ତ କରିଥାଏ । ତେଣୁ ଆମକୁ ଯାହା ଦରକାର, ଆମେ ଯାହା ଚାହାନ୍ତି, ସେଇକଥା ହିଁ ବାରମ୍ବାର ଚିନ୍ତା କରିବା ଦ୍ୱାରା ଆମ ଭାବନା ଅନୁସାରେ ଆମକୁ ଫଳ ମିଳେ । କାରଣ ଈଶ୍ୱର ସବୁବେଳେ ତଥାସ୍ତୁ ମୁଦ୍ରାରେ ଥାନ୍ତି । ତେଣୁ ଆମ ଉପରେ ନିର୍ଭର କରେ ଆମେ କିଭଳି ଭାବନା ଆମ ମସ୍ତିଷ୍କରେ ରଖିବା ଯାହା ଆମର ବ୍ୟକ୍ତିତ୍ୱକୁ ବଳିଷ୍ଠ କରିବ ଏବଂ ସମାଜ ପାଇଁ ମଙ୍ଗଳମୟ ହେବ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର

# ରାଜ୍ୟ ସରକାର - ଗେଟ୍‌ସ ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୨୨/୯ (ନି.ପ୍ର): କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ମାଧ୍ୟମରେ ଓଡ଼ିଶା ସରକାର ଏବଂ ବିଲ୍ ଓ ମିଲିଣ୍ଡା ଗେଟ୍‌ସ ଫାଉଣ୍ଡେସନ୍ ମଧ୍ୟରେ ରାଜ୍ୟରେ ନାମମାତ୍ର ଓ ଭୂମିହୀନ ଚାଷୀମାନଙ୍କର ଜୀବନ ଜୀବିକାର ସମୃଦ୍ଧି ପାଇଁ ନିରନ୍ତର କୃଷି ପ୍ରୋତ୍ସାହନ ଓ କୃଷି ପ୍ରଗତି ନିମନ୍ତେ ଅଧିକ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଫଳରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ବୈଷୟିକ ଜ୍ଞାନ, ପ୍ରଯୁକ୍ତି ଓ ସୃଜନଶୀଳ କାର୍ଯ୍ୟକ୍ରମ ଦ୍ୱାରା କ୍ଷୁଦ୍ର ଚାଷୀଙ୍କ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଅଧିକ ସୁଯୋଗ ସୃଷ୍ଟି କରିପାରିବ । କୃଷିକୁ ଚିରପୋଷଣୀୟ କରିବା, ବଜାର ଦକ୍ଷତା ବୃଦ୍ଧି, ଖାଦ୍ୟର ଗୁଣାତ୍ମକ ମାନ ବୃଦ୍ଧି ସହିତ ମରୁଡ଼ି ଆଶଙ୍କା କମାଇବା, କୀଟ ଆକ୍ରମଣ ଓ ଅନ୍ୟ ଜଳବାୟୁଜନିତ ବିପଦକୁ ହ୍ରାସ କରିବା, ମୃତିକା ଓ ଜଳସମ୍ବଳ ପରିଚାଳନାକୁ ଦକ୍ଷ କରିବା ଆଦିରେ ନିଷ୍ପତି ଗ୍ରହଣ କରିବାରେ ଆବଶ୍ୟକ ହେଉଥିବା ତଥ୍ୟ ବ୍ୟବହାରକୁ ଗେଟ୍‌ସ ଫାଉଣ୍ଡେସନ୍ ତ୍ୱରାନ୍ୱିତ କରିବ। ତା'ଛଡ଼ା ନୀତି ରୂପାୟନରେ ଏହା ସହାୟକ ହେବ। ଜଳବାୟୁ ଉପଯୋଗୀ, ସମନ୍ୱିତ କୃଷି ଅର୍ଥନୀତି ସୃଷ୍ଟି ହେବା ଦ୍ୱାରା ଓଡ଼ିଶାର ଭୂମିହୀନ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ କ୍ଷେତ୍ରରେ ରୂପାନ୍ତରଣ ଆସିପାରିବ। ଏହି ବୁଝାମଣାପତ୍ର ମାଧ୍ୟମରେ ଗେଟ୍‌ସ ଫାଉଣ୍ଡେସନ୍ ଓ ଏହାର ଭାଗୀଦାରମାନେ ଡାଟା ସିଷ୍ଟମ୍, ପ୍ରଯୁକ୍ତି ବିଦ୍ୟା ବିକାଶ ଓ ଘରୋଇ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିପାରିବେ । ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଲେ ଯେ ଆମ ସରକାର ଚାଷ ଜମି, ପ୍ରାଣୀସଂପଦ, ଜଙ୍ଗଲ ଓ ମତ୍ସ୍ୟ ଉତ୍ପାଦନ ପରିଚାଳନା ନିମନ୍ତେ ଏକ ସମନ୍ୱିତ ପଦ୍ଧତି ଗ୍ରହଣ କରି ଆସିଥିବାବେଳେ ଖାଦ୍ୟ ନିରାପତା ଓ ଜଳବାୟୁ ପରିବର୍ତନ ସହିତ ଅନ୍ୟ କ୍ଷେତ୍ର ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇଛି । ଭୂମିହୀନ ଶ୍ରମିକ, କ୍ଷୁଦ୍ର ଚାଷୀ ଓ ମହିଳାଙ୍କ ସମେତ ସମସ୍ତ ଚାଷୀଙ୍କର ଜୀବନଧାରାରେ ଗୁଣାତ୍ମକ ପରିବର୍ତନ ପାଇଁ ଆମ ସରକାର ବଦ୍ଧପରିକର। ଗେଟ୍‌ସ ଫାଉଣ୍ଡେସନ୍‌ର ସହଯୋଗରେ ଆମେ ବିଶ୍ୱର ଶ୍ରେଷ୍ଠ ପଦ୍ଧତି, ସର୍ବଶ୍ରେଷ୍ଠ ପ୍ରଯୁକ୍ତି ଓ ଅଭିନବ କୌଶଳ ଲାଭ କରିପାରିବୁ। ଏହା ଦ୍ୱାରା ଗ୍ରାମୀଣ ଲୋକଙ୍କ ପାଇଁ ସୂଚନା, ଦ୍ରବ୍ୟ, ସେବା ଓ ଭାଗୀଦାରିକୁ ଅଧିକ ପ୍ରୋତ୍ସାହିତ କରାଯାଇପାରିବ। ବିଲ୍ ଓ ମେଲିଣ୍ଡା ଫାଉଣ୍ଡେସନ୍ ର ନିର୍ଦ୍ଦେଶକ ଅଲକେଶ ୱାଧୱାନୀ କହିଲେ, ଓଡ଼ିଶା କ୍ଷୁଦ୍ର ଚାଷୀଙ୍କ ଜୀବିକାର ଉନ୍ନତି ପାଇଁ ଓଡ଼ିଶା ସରକାରଙ୍କୁ ଆମେ ସହଯୋଗ ଯୋଗାଇ ଦେବୁ । ଫାଉଣ୍ଡେସନ୍ ଓଡ଼ିଶା ସରକାରଙ୍କ ସହିତ କୃଷି, ମତ୍ସ୍ୟ ଓ ପ୍ରାଣୀସଂପଦ କ୍ଷେତ୍ରରେ ଅଧିକ ମୂଲ୍ୟଯୁକ୍ତ ଫସଲର ବିବିଧିକରଣ, କୃଷକ ଉତ୍ପାଦନକାରୀ ସଂଘଗୁଡ଼ିକର ସୁଦୃଢ଼ୀକରଣ ବଜାର ସୁବିଧା ସୃଷ୍ଟି, ଡିଜିଟାଲ୍ ସଂପ୍ରସାରଣ, ଭବିଷ୍ୟତ ପ୍ରଯୁକ୍ତି ଓ ସମନ୍ୱିତ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଡାଟାବେସ୍ ସୃଷ୍ଟି ଉପରେ ଏହା କାର୍ଯ୍ୟ କରିଆସୁଛି । ରାଜ୍ୟ ତରଫରୁ କୃଷି ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ଓ ପ୍ରାଣୀସଂପଦ ବିକାଶ ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ ବିଲ୍ ଓ ମିଲିଣ୍ଡା ଫାଉଣ୍ଡେସନ୍ ତରଫରୁ ଡ. ଅଲକେଶ ୱାଧୱାନୀ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଭିଡ଼ିଓ ବାର୍ତା ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ. ପୱନ କୁମାର ଅଗ୍ରୱାଲ , କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଓ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଆର. ରଘୁପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୨୧-୨୨ ସୁଦ୍ଧା ରପ୍ତାନୀରେ ୧ ଲକ୍ଷ କୋଟିରେ ପହଂଚିବ ଓଡ଼ିଶା

ଭୁବନେଶ୍ୱର,୨୨/୯ (ନି.ପ୍ର): ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଓ ଶିଳ୍ପ ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଭୁବନେଶ୍ୱରଠାରେ ବାଣିଜ୍ୟ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ରପ୍ତାନୀ କ୍ଷେତ୍ରରେ ୨୦୨୧-୨୨ ସୁଦ୍ଧା ଧାର୍ଯ୍ୟ ୪୦୦ ବିଲିୟନ୍ ଡଲାରରେ ପହଂଚାଇବାକୁ ହେବ ବୋଲି କହିଥିଲେ। ସେ ଦେଶର ତୁଳନାତ୍ମକ ଚିତ୍ର ଉପସ୍ଥାପନ କରି ଓଡ଼ିଶା ଉଭୟ ରପ୍ତାନୀ ଓ ଆମଦାନୀରେ ପଛରେ ରହିଥିବା ଦର୍ଶାଇ ଏ ଦିଗରେ ଆହୁରି ପ୍ରଗତି କରିବାକୁ ହେବ ବୋଲି ସେ କହିଥିଲେ। ଏ କ୍ଷେତ୍ରରେ କେତେକ ମୌଳିକ ସୁବିଧାସୁଯୋଗର ଉପଲବ୍ଧ କରାଇବା ଉପରେ ସେ ଗୁରୁତ୍ୱାରୋପ କରି ଓଡ଼ିଶା ଏକ ଆଲୁମିନିୟମ୍ ଉତ୍ପାଦକ ରାଜ୍ୟ ଭାବେ ବହୁତ ସୁଯୋଗ ରହିଥିବା ସେ ପ୍ରକାଶ କରିଥିଲେ। ବାଣିଜ୍ୟ ସଂପର୍କିତ ସମସ୍ତ ପରିଷଦ ତା'ର କାର୍ଯ୍ୟାଳୟ ରାଜ୍ୟରେ ଖୋଲିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଆମର ଶିଳ୍ପ ଅନୁକୂଳ ନୀତି ଗତବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷରେ କୋଭିଡ୍ ଅଚଳାବସ୍ଥା ସତ୍ତ୍ୱେ ଆମେ ରପ୍ତାନୀକୁ ଦୁଇଗୁଣା ବୃଦ୍ଧି କରିପାରିଛୁ ବୋଲି କହିଥିଲେ। ତେବେ କେନ୍ଦ୍ର ସରକାର ବିଦେଶ ବାଣିଜ୍ୟ ନିର୍ଦ୍ଦେଶାଳୟ କଟକଠାରୁ କଲିକତାକୁ ସ୍ଥାନାନ୍ତର ହେବା ପରେ ରପ୍ତାନୀକୁ ପ୍ରୋତ୍ସାହନ ଯୋଗାଇବା କ୍ଷେତ୍ରରେ ସମସ୍ୟା ଉପୁଜୁଥିବା ସେ ଦର୍ଶାଇଥିଲେ। ବିଶେଷ ଭାବେ ଗୋପାଳପୁର, ଧାମରା ପରି ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ ବନ୍ଦରଗୁଡ଼ିକରେ ସିପିଂ ଲାଇନ୍‌ର, ରିଫରି କଂଟେନରର ସୁବିଧା ଯୋଗାଇବା ବହିର୍ବାଣିଜ୍ୟ ଯୋଗ୍ୟତା ଥାଇ ଜଣେ ରପ୍ତାନୀ ପ୍ରୋତ୍ସାହନ ଅଧିକାରୀ ନିଯୁକ୍ତି କରିବା, ବନ୍ଦରଗୁଡ଼ିକରେ ଶୀତଳଭଣ୍ଡାର ନିର୍ମାଣ, ପ୍ୟାକେଜିଂ ଓ ପରିମଳ ଗୁଣବତା ପ୍ରମାଣପତ୍ର ପ୍ରଦାନ ଆଦିକୁ ତ୍ୱରାନ୍ୱିତ କରାଗଲେ ଓଡ଼ିଶା ୨୦୨୧-୨୨ ମସିହା ବେଳକୁ ଧାର୍ଯ୍ୟ ୧ ଲକ୍ଷ କୋଟିରେ ପହଂଚିପାରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଗୁଜୁରାଟ ଓ ମହାରାଷ୍ଟ୍ର ପରି ପ୍ରମୁଖ ରପ୍ତାନୀକାରୀ ରାଜ୍ୟଗୁଡ଼ିକର ରପ୍ତାନୀରେ ହ୍ରାସ ଘଟୁଥିବାବେଳେ ଓଡ଼ିଶାରେ ଏହା ବୃଦ୍ଧି ପାଇ ନିତି ଆୟୋଗର ରିପୋର୍ଟ ଅନୁଯାୟୀ ପଂଚମ ସ୍ଥାନରେ ରହିଥିବା ଶ୍ରୀ ସାହୁ କହିଥିଲେ। ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଏହା ଅଭିବୃଦ୍ଧି ନିମନ୍ତେ ପ୍ରକୃଷ୍ଟ ସମୟ ବୋଲି କହିବା ସହ ଆଗାମୀ ୨୫ ବର୍ଷରେ କ'ଣସବୁ ବିକାଶ କରିବା ତାକୁ ପର୍ଯ୍ୟାୟ କ୍ରମେ ଯୋଜନାରେ ପ୍ରତିଫଳିତ କରି ସ୍ୱାଧୀନତାର ଏକ ଶତାବ୍ଦୀ ବେଳକୁ ଆମକୁ କ'ଣ ଉପଲବ୍ଧି ହାସଲ କରିବା ତାହା ସ୍ଥିର କରିବାକୁ ହେବ ବୋଲି କହିଥିଲେ । ରପ୍ତାନୀଜନିତ ଋଣ ଯୋଗାଣ, ବୀମା, କାର୍ଗୋ ପରିଚାଳନା ଆଦି ସେବା ଯୋଗାଇଲେ ଏହି କ୍ଷେତ୍ରରେ ଅଧିକ ଆଖିଦୃଶିଆ ପ୍ରଗତି କରିପାରିବ ବୋଲି କହିଥିଲେ । ଭାରତ ସରକାରଙ୍କ ବିଦେଶ ବାଣିଜ୍ୟ ମହାନିର୍ଦ୍ଦେଶାଳୟର ପରିସଂଖ୍ୟାନ ଉପଦେଷ୍ଟା ଡ. ପି.ସି. ମିଶ୍ର କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ୪୦୦ ବିଲିୟନ୍ ଲକ୍ଷ୍ୟଧାର୍ଯ୍ୟ ହାସଲ କରିବା ଦିଗରେ ଆମକୁ ମିଳିତ ଭାବେ କାର୍ଯ୍ୟ କରିବାକୁ ହେବ ବୋଲି କହିଥିଲେ । ଏହି ଅବସରରେ ଭାରତୀୟ ତୈଳବୀଜ ଏବଂ ଉତ୍ପାଦ ରପ୍ତାନୀ ପ୍ରୋତ୍ସାହନ ପରିଷଦର ଅଧ୍ୟକ୍ଷ ଖୁସ୍‌ୱନ୍ତ ଜୈନ ଓଡ଼ିଶାର ରପ୍ତାନୀ ଚିତ୍ର ଉପସ୍ଥାପନ କରି ଏହାକୁ ଆହୁରି ବୃଦ୍ଧି କରିବାକୁ ହେବ ବୋଲି ମତବ୍ୟକ୍ତ କରିଥିଲେ। ସାବତ ଏକ୍ସପୋର୍ଟର ପରିଚାଳନା ନିର୍ଦ୍ଦେଶକ ସୁଶ୍ରୀ ଅମ୍ରିତା ସାବତ୍ କହିଲେ ଯେ ୨୫ ହଜାରରୁ କମ୍ ର ରପ୍ତାନୀ କରୁଥିବା ରପ୍ତାନୀକାରୀଙ୍କୁ କେନ୍ଦ୍ର ଦ୍ରବ୍ୟ ଓ ସେବା କର ଏବଂ ରାଜ୍ୟ ଦ୍ରବ୍ୟ ଓ ସେବା କରରେ ରିହାତି ପ୍ରଦାନ କରିବା ପ୍ରାବଧାନ ଥିବା ହେତୁ ସେସବୁ ସୁବିଧା ଉପଲବ୍ଧ କରିବା ଆବଶ୍ୟକ ।

## ଓଡ଼ିଶାରେ ରେକର୍ଡ ସଂଖ୍ୟକ ଟିକାକରଣ : ପରିବାର କଲ୍ୟାଣ ନିର୍ଦ୍ଦେଶକ



ଭୁବନେଶ୍ୱର,୨୨/୯ (ନି.ପ୍ର): ଗତକାଲି ଓଡ଼ିଶାରେ ରେକର୍ଡ ସଂଖ୍ୟକ ଟିକାକରଣ ହୋଇଥିବା ନେଇ ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ।

ସେ କହିଛନ୍ତି ଯେ ଗତକାଲି ୪ ଲକ୍ଷ ୧୬ ହଜାର ଟିକା ଦିଆଯାଇଛି। ରାଜ୍ୟରେ ଗତ ଜାନୁଆରୀ ୧୬ ତାରିଖରେ ଟିକାକରଣ ଆରମ୍ଭ ହୋଇଥିଲା। ବର୍ତମାନ ସୁଦ୍ଧା ୨ କୋଟି ୮୦ ଲକ୍ଷ ଟିକାକରଣ କରାଯାଇଛି। ଏହା ଭିତରୁ ୬୬ ପ୍ରତିଶତ ଲୋକ ପ୍ରଥମ ଡୋଜ ନେଇଛନ୍ତି। ପ୍ରଥମ ଡୋଜ ନେବା ପରେ ଦ୍ୱିତୀୟ ଡୋଜ ପାଇଁ ଡିୟୁ ହୋଇଥିବା ଲୋକମାନଙ୍କ ମଧ୍ୟରୁ ୭୨ ପ୍ରତିଶତ ଦ୍ୱିତୀୟ ଡୋଜ ନେଇଛନ୍ତି।

ସେ କହିଛନ୍ତି ଯେ ରାଜ୍ୟରେ ବର୍ତମାନ ଆମ ପାଖରେ ୨୨ ଲକ୍ଷ ଟିକା ମହଜୁଦ ରହିଛି। ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟରେ ସମସ୍ତଙ୍କୁ ପ୍ରଥମ ଡୋଜ ଟିକା ଦେବାକୁ ଚେଷ୍ଟା କରୁଛୁ।

# ଓଡିଶା ଗସ୍ତରେ ଜାତିସଂଘ ପ୍ରତିନିଧି

## ୧୦ ଆକାଂକ୍ଷୀ ଜିଲ୍ଲାରେ ଏସଏଚଜିମାନଙ୍କୁ ଡିଜିଟାଲ ମାର୍କେଟିଂ ତାଲିମ ଦିଆଯିବ

ଭୁବନେଶ୍ୱର,୨୨/୯ (ନି.ପ୍ର): ମିଳିତ ଜାତିସଂଘ ମହିଳା ଭାରତ ପ୍ରତିନିଧି ଶ୍ରୀମତୀ ସୁସାନ ଜେନ୍ ଫର୍ଗୁସନ୍ ତାଙ୍କର ପ୍ରଥମ ଓଡିଶା ଗସ୍ତରେ ଆସି ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚିଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଏହି ଅବସରରେ ଶ୍ରୀ ବାଗ୍‌ଚି ରାଜ୍ୟ ସରକାର ମହିଳା ମାନଙ୍କ ପାଇଁ ଦକ୍ଷତା ବିକାଶ କ୍ଷେତ୍ରରେ ନେଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ପ୍ରତିନିଧି ଦଳର ସଦସ୍ୟମାନଙ୍କୁ ଅବଗତ କରାଇଛନ୍ତି । ଜାତିସଂଘ ମହିଳା, ଭାରତ ପ୍ରତିନିଧି ଶ୍ରୀମତୀ ଫର୍ଗୁସନ୍ ଓଡିଶା ସରକାର ଏବଂ ଜାତିସଂଘ ମହିଳାଙ୍କ ମଧ୍ୟରେ ସହଭାଗିତାକୁ ଉଚ୍ଚ ପ୍ରଶଂସା କରିଛନ୍ତି । ମିଶନ ଶକ୍ତି ମାଧ୍ୟମରେ ମହିଳା ସଶକ୍ତିକରଣ ବାବଦରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ପ୍ରଶଂସା କରିବା ସହିତ ଜାତିସଂଘ ମହିଳା ରାଜ୍ୟ ସରକାରଙ୍କ ସହ ବିଶେଷ କରି ଶିକ୍ଷା ଓ ବୃତିଗତ ପ୍ରଶିକ୍ଷଣରେ ଦ୍ୱିତୀୟ ସୁଯୋଗ ପ୍ରଦାନ (ସେକଣ୍ଡ ଚାନ୍ସ ଏଜୁକେସନ ଏଣ୍ଡ ଭୋକେସନାଲ ଲର୍ଣ୍ଣିଂ) ମାଧ୍ୟମରେ ଏକ ଶକ୍ତିଶାଳୀ ଅଂଶୀଦାର ହେବାକୁ ଚାହାଁନ୍ତି ବୋଲି ସେ ପ୍ରକାଶ କରିଥିଲେ । ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଜାତିସଂଘ ମହିଳାଙ୍କ ସହ ବିଭିନ୍ନ ପଦକ୍ଷେପ ନେଇ ସହଭାଗିତା ନିମନ୍ତେ ଏକ ବୁଝାମଣାପତ୍ର ସମ୍ପାଦନ କରିଛନ୍ତି । ବୁଝାମଣାର ଅଂଶ ଭାବରେ ଓଡିଶାର ଦଶଟି ଆକାଂକ୍ଷୀ ଜିଲ୍ଲାରେ ମିଶନ ଶକ୍ତି ବିଭାଗ ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସେମାନଙ୍କ ଉତ୍ପାଦର ଅନଲାଇନ୍ ବିକ୍ରୟ ପାଇଁ ଇ-କମର୍ସ ପ୍ଲାଟଫର୍ମ ସହିତ ସଂଯୋଗକୁ ସୁଗମ କରିବା ପାଇଁ ଡିଜିଟାଲ ମାର୍କେଟିଂ ଏବଂ ଔଦ୍ୟୋଗିକତା ଉପରେ ତାଲିମ ପ୍ରଦାନ କରାଯିବ । ଜାତିସଂଘ ମହିଳା ସରକାରୀ ଆଇଟିଆଇ ବାଲେଶ୍ୱର, ବ୍ରହ୍ମପୁର ଏବଂ ରାଉରକେଲାରେ ମହିଳା ଫୁଟବଲ ଦଳ ଏବଂ ଗୋପବନ୍ଧୁ ଆଇଟିଆଇ, କୋରାପୁଟ ଓ ସରକାରୀ ଆଇଟିଆଇ, ବଲାଙ୍ଗୀରଠାରେ ଭଲିବଲ କୋର୍ଟ ନିମନ୍ତେ ସହଯୋଗ କରିବ । ଭୁବନେଶ୍ୱରସ୍ଥିତ ୱାଲର୍ଡ ସ୍କିଲ୍ ସେଂଟରରେ ମହିଳାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ନୀତି, ପାଠ୍ୟକ୍ରମ ଏବଂ ନିଯୁକ୍ତି ନିମନ୍ତେ କାର୍ଯ୍ୟ ଆରମ୍ଭ ହେବ । ମୟୂରଭଞ୍ଜ, ରାୟଗଡା ଏବଂ ଢେଙ୍କାନାଳ ଜିଲ୍ଲାର ସରକାରୀ ଆଇଟିଆଇ ଏବଂ ପଲିଟେକ୍‌ନିକ୍ ମାନଙ୍କରେ ସେକଣ୍ଡ ଚାନ୍ସ ଏଜୁକେସନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯାଇଛି ।

ଏହି ପ୍ରତିନିଧି ଦଳ ମଂଚେଶ୍ୱରସ୍ଥିତ ୱାର୍ଲଡ ସ୍କିଲ୍ ସେଂଟର ପରିଦର୍ଶନ କରି ଓଏସ୍‌ଡିଏ ସିଇଓ ତଥା ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁ ଜି.ଙ୍କ ସହ ସାକ୍ଷାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ପ୍ରବନ୍ଧକ, ଏସ୍‌ସିଇ, ଜାତିସଂଘ ମହିଳା, ଶ୍ରୀମତି କାନ୍ତା ସିଂ, ବୈଷୟିକ ପରାମର୍ଶଦାତା (ଜେଣ୍ଡର) ଶ୍ରୀମତୀ ସ୍ମିତା ଜଗଦେବ ଏବଂ ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ ।

# ୟୁଥ୍ ଫର ଭଲୁଂଟାରି ୱାର୍କ ତରଫରୁ ଆନ୍ତର୍ଜାତୀୟ ଶାନ୍ତି ଦିବସ ପାଳିତ

ଭୁବନେଶ୍ୱର,୨୨/୯ (ନି.ପ୍ର): ସାମାଜିକ ଅନୁଷ୍ଠାନ ୟୁଥ୍ ଫର ଭଲ୍ୟୁଂଟାରି ୱାର୍କ ତରଫରୁ ଆନ୍ତର୍ଜାତୀୟ ଶାନ୍ତି ଦିବସ ଉପଲକ୍ଷେ ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଂଟିନ୍ ଛକରେ ପାଳନ କରାଯାଇଛି। ପ୍ରତିବର୍ଷ ସେପ୍ଟେମ୍ବର ୨୧ ତାରିଖକୁ ଆନ୍ତର୍ଜାତୀୟ ଶାନ୍ତି ଦିବସ ଆନ୍ତର୍ଜାତୀୟ ସ୍ତରରେ ପାଳନ କରାଯାଏ। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଶ୍ୱସ୍ତରରେ ସମସ୍ତ ଦେଶ ମଧ୍ୟରେ ଓ ନାଗରିକଙ୍କ ମଧ୍ୟରେ ଶାନ୍ତି ସ୍ଥାପନ ପାଇଁ ପ୍ରୟାସ କରିବା ଓ ପରସ୍ପର ମଧ୍ୟରେ ଝଗଡ଼ାକୁ ବିରାମ ଦେବା। ବର୍ତମାନ ପରିସ୍ଥିତିରେ ସମଗ୍ର ବଶ୍ୱରେ ଅଶାନ୍ତିର ପ୍ରାଦୁର୍ଭାବ, ସାମ୍ପ୍ରଦାୟିକ ସଦ୍‌ଭାବନାର ଅଭାବ ବଢ଼ି ଚାଲୁଥିବାରୁ ଏହି ଦିବସ ପାଳନର ଗୁରୁତ୍ୱ ବଢ଼ିଯାଇଛି। ସଂଯୁକ୍ତ ରାଷ୍ଟ୍ରସଂଘ ବିଶ୍ୱଶାନ୍ତି ପାଇଁ ୧୯୮୧ ମସିହାରେ ପ୍ରଥମେ ଏହି ଦିବସଟିକୁ ପାଳନ କରିଥିଲେ। ପ୍ରତିବର୍ଷ ବିଶ୍ୱଶାନ୍ତି ଦିବସ ଉପଲକ୍ଷେ ଏକ ଥିମ୍ ଚୟନ କରାଯାଏ। ଏହି ବର୍ଷ ଏହି ଥିମ୍‌ଟି ହେଲା - ଏକ ନ୍ୟାୟସଙ୍ଗତ ଓ ଚିରସ୍ଥାୟୀ ଦୁନିଆ ପାଇଁ ଉତମ ରୂପେ ଆରୋଗ୍ୟ ଲାଭ କରିବା। ତେଣୁ ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ସମସ୍ତ ଉପସ୍ଥିତ ସଦସ୍ୟଗଣ ମିଳିମିଶି ଶାନ୍ତି ରକ୍ଷା କରିବା ସହ ଶାନ୍ତି ଓ ଭାଇଚାରାର ପ୍ରଚାର ଓ ପ୍ରସାର କରିବା ପାଇଁ ସଙ୍କଳ୍ପ ନେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଯୁବ ସମାଜସେବୀ ମୀର ଅହମ୍ମଦ ଅଲ୍ଲୀଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ତମ୍ଭକାର ଅମିୟ ପାଣ୍ଡବ, ସୁଦର୍ଶନ ପ୍ରଧାନ, ବିନୋଦ ରାଉତ, ନଳିନୀକାନ୍ତ ନାୟକ, ପାର୍ଥ ସାରଥୀ ଜେନା, ତାପସ ସେଠୀ, ସଞ୍ଜୟ ପରିଡ଼ା, ଲୋକରଞ୍ଜନ, ଅଜିତ୍, ସନ୍ତୋଷ, ହରିଶ, ଦେବେନ୍ଦ୍ର, ଅଶ୍ୱିନୀ, ପିଂଟୁ, ଦେଶପ୍ରିୟ ପ୍ରମୁଖ ଯୋଗ ଦେଇଥିଲେ।

# ସଙ୍ଗୀତ କ୍ଷେତ୍ରରେ ଦେବ ଦାସଙ୍କ ଅବଦାନ ଅବିସ୍ମରଣୀୟ

## ସଙ୍ଗୀତଜ୍ଞ ଦେବ ଦାସଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର,୨୨/୯ (ନି.ପ୍ର): ରାଜଧାନୀର ସାଂସ୍କୃତିକ କ୍ଷେତ୍ରକୁ ସମୃଦ୍ଧ କରିବାରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଦେବ ଦାସଙ୍କ ଅବଦାନ ଅବିସ୍ମରଣୀୟ। ତାଙ୍କର ଅକାଳ ବିୟୋଗରେ ସଙ୍ଗୀତ କ୍ଷେତ୍ରରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ସ୍ଥାନୀୟ ବୁଦ୍ଧବିହାର ପରିସରରେ ସାଂସ୍କୃତିକ ଅନୁଷ୍ଠାନ ସଂସ୍କୃତି ଓ ସଂସ୍କୃତି, ମ୍ୟୁଜିକ ସିଙ୍ଗ୍‌ଲର୍ସ ଓ ଉପାସନା ପକ୍ଷରୁ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସୂଚନା କମିଶନର ଦିଲ୍ଲୀପ ବିଶୋଇ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଇଂ କମଳାକାନ୍ତ ମହାନ୍ତି, ପ୍ରସନ୍ନ କୁମାର ସାହୁ, ଦିଲ୍ଲୀପ ହାଲି, ଲକ୍ଷ୍ମୀକାନ୍ତ ପାଲିତ ପ୍ରମୁଖ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଦେବ ଦାସଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ




ଦେବ ଦାସ ଜଣେ ସଙ୍ଗୀତ ପ୍ରତି ଉତ୍ସର୍ଗୀକୃତ ମଣିଷ ଥିଲେ। ରାଜଧାନୀ ଭୁବନେଶ୍ୱରରେ ପ୍ରଥମେ ଯେଉଁ କେତେଜଣ ସଙ୍ଗୀତପ୍ରେମୀ ଓ କଣ୍ଠଶିଳ୍ପୀଙ୍କୁ ନେଇ ଅର୍କେଷ୍ଟା ଗଠନ ହୋଇଥିଲା, ସେମାନଙ୍କ ମଧ୍ୟରେ ଦେବ ଦାସ ଥିଲେ ପ୍ରମୁଖ। ସଦାସର୍ବଦା ଅନ୍ୟକୁ ଭଲ ପାଇବା ଓ ଗରିବଙ୍କ ପ୍ରତି ସହାୟତାର ହାତ ବଢ଼ାଉଥିବା ମଣିଷ ସେ ଥିଲେ। ସେ ଆଜି ନାହାଁନ୍ତି ସତ, ହେଲେ ସେ ଛାଡ଼ି ଯାଇଥିବା ସଙ୍ଗୀତର ଛାପ ନିଶ୍ଚିତ ଭାବେ ତାଙ୍କୁ ସ୍ମରଣୀୟ କରି ରଖିବ। ମୁକେଶଙ୍କ ଗୀତରେ ସେ ଥିଲେ ମାହିର। ପ୍ରତିବର୍ଷ ରାଜଧାନୀରେ ଏକାଧିକବାର ସଙ୍ଗୀତ କାର୍ଯ୍ୟକ୍ରମ କରି ଲୋକଙ୍କୁ ମନୋରଞ୍ଜନ ଯୋଗାଇ ଦେଉଥିବା ଦେବ ଦାସ ସମସ୍ତଙ୍କ ହୃଦୟରେ ବଞ୍ଚି ରହିବେ ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ମତବ୍ୟକ୍ତ କରିଥିଲେ। କମଲ କିରନ, ଗୁଲ୍‌ଶନ ଓ ଡ. ଜେନାମଣି ସଞ୍ଜୀବ କୁମାରଙ୍କ ସଂଯୋଜନାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ କଣ୍ଠଶିଳ୍ପୀ ଆଦ୍ୟାଶା ଦାସ, ଲୋଭା ବିଶ୍ୱାଳ, ଅବନୀକାନ୍ତ ଦାସ, ପ୍ରଯୋଜକ ଲୁଟୁ ମହାନ୍ତି, ସଂସ୍କୃତି ଓ ସଂସ୍କୃତିର ଉପ ସଭାପତି ରବି ବିଶ୍ୱାଳ, ସୀମା ମହାନ୍ତି, ଶ୍ୱେତା ମିଶ୍ର ତଥା ଦେବଙ୍କ ସୁପୁତ୍ର ସୁରଜ ଦାସ ପ୍ରମୁଖ ତାଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିଥିଲେ।

# ଚିଟ୍‌ଫଣ୍ଡ ଜମାକାରୀଙ୍କୁ ଠକୁଛନ୍ତି ରାଜ୍ୟ ସରକାର : ମିଳିତ ମଞ୍ଚ

ଭୁବନେଶ୍ୱର,୨୨/୯ (ନି.ପ୍ର): ଓଡ଼ିଶାରେ ବାରଶହରୁ ଉର୍ଦ୍ଧ୍ୱ ଚିଟ୍‌ଫଣ୍ଡ ସଂସ୍ଥା ପ୍ରାୟ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଜମାକାରୀଙ୍କୁ ଠକିବାରେ ରାଜ୍ୟ ସରକାର ଓ ରାଜନୈତିକ ନେତୃତ୍ୱ ସହାୟକ ହୋଇଥିବା ଘଟଣା ପ୍ରଘଟ ହୋଇଯିବା ପରେ ସରକାରଙ୍କ ପକ୍ଷରୁ ଚିଟ୍‌ଫଣ୍ଡ ସଂସ୍ଥାର ଅଫିସ୍ ଚଢ଼ଉ କରାଯାଇ ସେମାନଙ୍କର ବ୍ୟାଙ୍କ ଜମା ସହିତ ସମ୍ପତି ଓ ଗାଡ଼ି ଆଦି ଜବତ କରାଯାଇଥିଲା ଓ ଅନେକ ଚିଟ୍‌ଫଣ୍ଡ କମ୍ପାନୀ ମାଲିକମାନଙ୍କୁ ଗିରଫ କରାଯାଇଥିଲା। ସେତେବେଳେ ୨୦୧୪ ନିର୍ବାଚନ ପାଖେଇ ଆସୁଥିବାରୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ଯେ, ଜମାକାରୀଙ୍କ ଅର୍ଥ ଫେରସ୍ତ ଦିଆଯିବ ଓ ଏହି ଘଟଣାରେ ସଂପୃକ୍ତ ନେତା ଓ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ସେହି ଅନୁସାରେ ସଂଗେସଂଗେ ତଦନ୍ତ କମିଶନ ଗଠନ କରାଗଲା। ଏହା ମଧ୍ୟ କୁହାଗଲା ଯେ, ଜମାକାରୀଙ୍କ ସ୍ୱାର୍ଥରକ୍ଷା କରିବା ପାଇଁ ଜମାକାରୀ ସୁରକ୍ଷା ଆଇନ କେନ୍ଦ୍ରର ଅନୁମୋଦନ ପାଇଁ ପଠାଯାଇଛି ଓ ଆସିବା ପରେ ସ୍ୱତନ୍ତ୍ର ଅଦାଲତ ଜରିଆରେ ମାମଲାଗୁଡ଼ିକର ଫଇସଲା କରାଯାଇ ଜମାକାରୀଙ୍କୁ ଟଙ୍କା ଫେରାଇ ଦିଆଯିବ। ଲୋକମାନଙ୍କର ବିଶ୍ୱାସ ଜନ୍ମାଇବା ପାଇଁ ୩୦୦ କୋଟି ଟଙ୍କାର କର୍ପସ ଫଣ୍ଡ ବିଷୟ ଘୋଷଣା କରାଗଲା। ଆଇନ କାର୍ଯ୍ୟକାରୀ ପାଇଁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ମିଳିଲା ପରେ ସ୍ୱତନ୍ତ୍ର କୋର୍ଟ ସ୍ଥାପନ କରିଦିଆଗଲା। ଚିଟ୍‌ଫଣ୍ଡ କମ୍ପାନୀମାନଙ୍କର କେତେଗୁଡ଼ିଏ ମାମଲା ସିବିଆଇକୁ ଚାଲିଯିବା ପରେ ରାଜ୍ୟ ସରକାର କମିଶନ୍‌ର ଟର୍ମସ ଅଫ ରେଫରେନ୍ସ ବଦଳାଇ ଜମାକାରୀ ଚିହ୍ନଟ ଓ କମିଶନ୍‌ର ସୁପାରିଶ୍ ଅନୁସାରେ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରାଯିବ ବୋଲି ପ୍ରଚାର କଲେ। ସେହି ଅନୁସାରେ କମିଶନ ନିକଟରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଜମାକାରୀ ସତ୍ୟପାଠ ଦାଖଲ କରିବା ପରେ ଟର୍ମସ୍ ଆଣ୍ଡ ରେଫରେନ୍ସ ପରିବର୍ତନ ପରେ ସାନି ସତ୍ୟପାଠରେ ଆଉ ୭ଲକ୍ଷ ଜମାକାରୀ ଦରଖାସ୍ତ ପ୍ରଦାନ କଲେ। କମିଶନ ଦୀର୍ଘ ୭ବର୍ଷ କାମ କରିବା ଭିତରେ ୪ଲକ୍ଷ ୯୭ ହଜାର କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଅର୍ଥ ପ୍ରଦାନ ପାଇଁ ସୁପାରିଶ କଲେ। ୨୦୧୯ ନିର୍ବାଚନ ପୂର୍ବରୁ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ପ୍ରଦାନ ଆରମ୍ଭ ହେଲା ବୋଲି ପ୍ରଚାର କରି ମାତ୍ର କେତେ ହଜାର ଜମାକାରୀଙ୍କୁ ଅର୍ଥ ଦିଆଯିବା ପରେ ହଠାତ୍ ୨୦୨୦ରେ କମିଶନ୍ କାର୍ଯ୍ୟକାଳ ବନ୍ଦ କରିଦିଆଗଲା। ଏବେ ଏ ସଂକ୍ରାନ୍ତରେ ଯେତେ ପ୍ରଶ୍ନ ପଚରାଗଲେ ମଧ ୩୦୦ କୋଟି ଟଙ୍କା କର୍ପସ ଫଣ୍ଡରୁ କେତେ ଅର୍ଥ କେତେଜଣଙ୍କୁ ଦିଆଯାଇଛି ତାହାର ତଥ୍ୟ ରାଜ୍ୟ ସରକାର ଦେଉନାହାନ୍ତି। କେବଳ ସେତିକି ନୁହେଁ, ଚିଟ୍‌ଫଣ୍ଡ ଜମାକାରୀଙ୍କର ଯେଉଁ ବ୍ୟାଙ୍କ ଆକାଉଣ୍ଟ ଓ ସମ୍ପତି ସବୁ ଜବତ କରାଯାଇଥିଲା ସେଗୁଡ଼ିକ ପ୍ରକୃତର ମୂଲ୍ୟ କେତେ ଓ ସେହିସବୁ ସଂସ୍ଥାଗୁଡ଼ିକ ଆଇନ ଅନୁସାରେ ଜବତ ସମ୍ପତି ବିକି କେତେ ଜମାକାରୀଙ୍କୁ ଅର୍ଥ ଫେରାଗଲା ତାହାର ହିସାବ ମଧ୍ୟ ନଦେଇ ତଥ୍ୟ ସଂଗୃହୀତ ହେଉଥିବାର ମିଥ୍ୟା ବିବରଣୀ ପ୍ରଦାନ କରୁଛନ୍ତି।

# ଓମ୍ୱାଡସି ପାଣ୍ଠିରେ ୬୪୦.୬୫ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର

## ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଶିକ୍ଷାନୁଭୁତି ଦେବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ
## ୧୧ଟି ସହରାଂଚଳରେ ପ୍ରତିଷ୍ଠା ହେବ ବହୁମୁଖୀ ଇନଡୋର ଷ୍ଟାଡିୟମ୍

ଭୁବନେଶ୍ୱର,୨୨/୯ (ନି.ପ୍ର): ଓଡ଼ିଶା ଖଣିଜ ଅଂଚଳ ଉନ୍ନୟନ ନିଗମ(ଓମ୍ୱାଡସି) ପାଣ୍ଠିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିକାଶ, ସହରାଂଚଳରେ ଗୃହଭିତର (ଇନଡୋର୍ ) ଷ୍ଟାଡିୟମ୍ ପ୍ରତିଷ୍ଠା ଏବଂ ପରିବେଶ ସୁରକ୍ଷା ପରିଚାଳନା ଆଦି କ୍ଷେତ୍ରପାଇଁ ୬୪୦.୬୫ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିଗମର ନିର୍ଦ୍ଦେଶକ ପରିଷଦ ବୈଠକରେ ଏହି ମଞ୍ଜୁରୀ ଦିଆଯାଇଛି ।

ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍ ରେ ଅନୁଷ୍ଠିତ ଏହି ବୈଠକରେ ନିଗମର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତୀ ଉମା ନନ୍ଦୁରୀ ପ୍ରକଳ୍ପଗୁଡ଼ିକର ଆବଶ୍ୟକତା, ଆବଶ୍ୟକୀୟ ପାଣ୍ଠି ଏବଂ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିକାଶପାଇଁ ପ୍ରକଳ୍ପ ଗୁଡ଼ିକୁ ଅନୁମୋଦନ ଦେଇ ମୁଖ୍ୟ ଶାସନ ସଚିବ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଶିକ୍ଷାନୁଭୁତି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ମହାପାତ୍ର କହିଥିଲେ ଯେ ଯେହେତୁ ନୂଆ ପ୍ରକଳ୍ପରେ ସ୍ମାର୍ଟ-ଶ୍ରେଣୀ ଗୃହ, ଇ-ଲାଇବ୍ରେରୀ, ଆଇ.ସି.ଟି. ପରୀକ୍ଷାଗାର ଆଦି ବ୍ୟବସ୍ଥା ବିକଶିତ କରାଯିବ। ତେଣୁ ଶିକ୍ଷକମାନେ ଆମର ଛାତ୍ରଛାତ୍ରୀ ମାନଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ଦେବା ପାଇଁ ଯତ୍ନବାନ ହେବା ଦରକାର। ଏହାହେଲେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ପାସ୍ କରୁଥିବା ଛାତ୍ରଛାତ୍ରୀମାନେ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ସଫଳତାର ସହ ପ୍ରତିଯୋଗିତା କରିପାରିବେ। ଏହି ପ୍ରକଳ୍ପ ମାଧ୍ୟମରେ ଭଲ ଖେଳ ପଡ଼ିଆ, ବିଦ୍ୟାଳୟରେ ଏକ ଆନନ୍ଦମୟ ପରିପାର୍ଶ୍ୱ, ଶୈକ୍ଷିକ ପରିବେଶ ଆଦି ବିକଶିତ କରିବା ପାଇଁ ମଧ୍ୟ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ନନ୍ଦୁରୀ ଜଣାଇଥିଲେ ଯେ ଏହି ପ୍ରକଳ୍ପରେ ଅନୁଗୁଳ, ଢ଼େଙ୍କାନାଳ, ଯାଜପୁର, ଝାରସୁଗୁଡ଼ା, ମୟୁରଭଞ୍ଜ ଏବଂ ସୁନ୍ଦରଗଡ଼ ଆଦି ଜିଲ୍ଲାର ୮୮୯ ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ରୂପାନ୍ତରିତ କରାଯିବ, ଏଥିପାଇଁ ସମୁଦାୟ ୫୩୩.୪୦ କୋଟି ଟଙ୍କାର ଖର୍ଚ୍ଚ ଅଟ୍ଟକଳକୁ ମଞ୍ଜୁର କରାଯାଇଥିଲା ।

ଖଣିଜ ଅଂଚଳ ଅନ୍ତର୍ଗତ ୧୧ଟି ସହରାଂଚଳରେ ବହୁମୁଖୀ-ଗୃହଭିତର ଷ୍ଟାଡିୟମ୍ ନିର୍ମାଣ ନିମନ୍ତେ ସମୁଦାୟ ୧୦୪.୧୫ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଥିଲା। ଏହି ସହରାଂଚଳ ମଧ୍ୟରେ ୯ଟି ପୌର ନିଗମ ଏବଂ ୨ଟି ବିଜ୍ଞାପିତ ଅଂଚଳ ପରିଷଦ ରହିଛି। ପୌର ନିଗମ ଗୁଡ଼ିକ ହେଲା ବେଲପାହାଡ଼, ବ୍ରଜରାଜନଗର, ଆନନ୍ଦପୁର, ବଡବିଲ୍, ଜୋଡା, ବିରମିତ୍ରପୁର, ରାଜଗାଙ୍ଗପୁର, ରାଉରକେଲା ଏବଂ ବ୍ୟାସନଗର ପୌର ନିଗମ। ସେହିପରି ଉଦଳା ଏବଂ ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦକୁ ମଧ୍ୟ ଉକ୍ତ ପ୍ରକଳ୍ପରେ ସାମିଲ୍ କରାଯାଇଛି। ଏହି ଭିତିଭୂମିର ସର୍ବୋତମ ବ୍ୟବହାର କରି ଖଣିଜ ଅଂଚଳର ଯୁବକ ଯୁବତୀମାନଙ୍କ ମଧ୍ୟରେ ଖେଳ-ବୌଦ୍ଧିକତା ଏବଂ ଖେଳ-କୌଶଳ ବିକଶିତ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଖଣି ଅଂଚଳରେ ପରିବେଶ ପରିଚାଳନା ବ୍ୟବସ୍ଥାରେ ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ ଓ ତଥ୍ୟ ଅନୁଶୀଳନର ପ୍ରୟୋଗ ନିମନ୍ତେ ୩.୧୦ କୋଟି ଟଙ୍କାର ପ୍ରକଳ୍ପକୁ ବୈଠକରେ ମଞ୍ଜୁର ଦିଆଯାଇଥିଲା। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ନନ୍ଦୁରୀ ଜଣାଇଥିଲେ ଯେ ଏହି ପ୍ରକଳ୍ପ ଖଣି ଅଂଚଳରେ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଖଣିଜ ପରିଚାଳନାରେ ତଥ୍ୟ-ଭିତିକ ନିଷ୍ପତିନେବାରେ ସହାୟକ ହେବ।

ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶିଶିର କୁମାର ରଥୋ, ଅର୍ଥ ବିଭାଗ ପ୍ରମୁଖ ଶାସନ ଶଚିବ ବିଶାଳ କୁମାର ଦେବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, କ୍ରୀଡା ଓ ଯୁବ ବ୍ୟାପାର ଶାସନ ସଚିବ ଭିନିଲ୍ କ୍ରିଷ୍ଣା, ରାଜ୍ୟ ପ୍ରଦୂଷଣ ବୋର୍ଡ ସଦସ୍ୟ ସଚିବ ଡଃ କେ. ମୁରୁଗେସାନ୍‌ଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନିଗମର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତୀ ଉମା ନନ୍ଦୁରୀ ପ୍ରକଳ୍ପ ସମ୍ବନ୍ଧିତ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ ।

# ପୋଷଣ ମାସ ଉପଲକ୍ଷେ ପିଆଇବି ଓ ଆରଓବି ପକ୍ଷରୁ ୱେବିନାର୍ ଆୟୋଜିତ

ଭୁବନେଶ୍ୱର,୨୨/୦୯(ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ବର୍ତ୍ତମାନ ଦେଶରେ ପୋଷଣ ମାସ ଜାରି ରହିଛି। ଏହି ଉପଲକ୍ଷେ ଭାରତ ସରକାରଙ୍କ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ ଆଞ୍ଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ (ଆରଓବି) ପକ୍ଷରୁ 'ନ୍ୟୁଟ୍ରିସନ ଫର ଗୁଡ୍ ହେଲଥ୍' ବା ଭଲ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିସାଧନ ଶୀର୍ଷକ ୱେବିନାର ଆୟୋଜିତ ହୋଇଯାଇଛି। ଏହି ୱେବିନାରରେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ ଅଂଶଗ୍ରହଣ କରି ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିସାଧନର ଆବଶ୍ୟକତା ଉପରେ ଆଲୋକପାତ କରିଛନ୍ତି। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପିଆଇବି ଓ ଆରଓବିର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ରାଜିନ୍ଦର ଚୌଧୁରୀ ପୋଷଣ ମାସ ପାଳନର




ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଶ୍ରୀ ଚୌଧୁରୀ କହିଥିଲେ ଯେ ଭାରତ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ସେପଟ୍ଟେମ୍ବର ମାସକୁ ପୋଷଣ ମାସ ଭାବେ ପାଳନ କରାଯାଉଛି। ଦେଶରେ ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମା', ଶିଶୁ ଓ କିଶୋରୀଙ୍କ ପୁଷ୍ଟିସାଧନ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପୋଷଣ ମାସ ଅବସରରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ବିଦ୍ୟାଳୟସ୍ତରରେ ପୋଷଣ ସମ୍ପର୍କରେ ସଚେତନ କରାଯିବା ଲାଗି ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଉଭୟ ଘରୋଇ ଏବଂ ସରକାରୀ ସହଭାଗିତା ମାଧ୍ୟମରେ ପୋଷଣ ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ଲାଗି ଭାରତ ସରକାରଙ୍କ ଲକ୍ଷ୍ୟ ରହିଛି। ଏଥିରେ ସମସ୍ତେ ଯୋଗଦାନ କରିବାକୁ ସେ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ବିଶେଷଜ୍ଞ ଡାକ୍ତର ତଥା ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସପିଟାଲର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ଭରତ ପାଣିଗ୍ରାହୀ ଅଂଶଗ୍ରହଣ କରି ସୁସ୍ଥ ରହିବା ଲାଗି ମଣିଷ ଶରୀରରେ ପୁଷ୍ଟିସାରର ଆବଶ୍ୟକତା ଏବଂ ବିଭିନ୍ନ ପୁଷ୍ଟିକର ଖାଦ୍ୟ ସେବନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେହିପରି ୟୁନିସେଫର ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ ଭାରତରେ ଅପପୁଷ୍ଟିର ସ୍ଥିତି ଉପରେ ଆଲୋକପାତ କରିଥିଲେ। ଏହାକୁ ଦୂର କରିବା ଲାଗି ସେ ଉପଯୁକ୍ତ ପୁଷ୍ଟିସାଧନ ଉପରେ ଜୋର ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ଶୁଭେନ୍ଦୁ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ସୂଚନା ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ଏବଂ ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିଥିଲେ। ୱେବିନାରରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ବିଷୟରେ ବିଶେଷଜ୍ଞମାନଙ୍କୁ ପ୍ରଶ୍ନ ପଚାରି ସେମାନଙ୍କ ସନ୍ଦେହ ଦୂର କରିଥିଲେ।

# ଜିଲ୍ଲା ସ୍ତରୀୟ "ଶିଶୁଙ୍କ ପାଇଁ ଦିନଟିଏ" କାର୍ଯ୍ୟ କ୍ରମ ଅନୁଷ୍ଠିତ

ବାରିପଦା,୨୨/୦୯ (ନି.ପ୍ର): ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କ ପାଇଁ ଶିଶୁ ସୁରକ୍ଷା ସେବା ଅଧୀନରେ ବିଭିନ୍ନ ପ୍ରକାର କମିଟି ଜିଲ୍ଲା, ବ୍ଲକ ଓ ଗ୍ରାମ ପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ ହେଉଛି । ଜିଲ୍ଲା ସ୍ତରରେ ଜିଲ୍ଲା ଶିଶୁ ସୁରକ୍ଷା କମିଟି, ବ୍ଲକ ସ୍ତରରେ ବ୍ଲକ ଶିଶୁ ସୁରକ୍ଷା କମିଟି, ଓ ଗ୍ରାମ ପଞ୍ଚାୟତ ସ୍ତରରେ ଗ୍ରାମ ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟିର ତ୍ରୟମାସିକ ବୈଠକ ଅନୁଷ୍ଠିତ ହେଉଥିବା ବେଳେ, ଏହି କମିଟି ଗୁଡିକୁ ସୁଦୃଢ କରିବା ତଥା ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ମୟୁରଭଞ୍ଜ ଜିଲ୍ଲାରେ ଶିଶୁଙ୍କ ପାଇଁ ଦିନଟିଏ ଘୋଷଣା କରାଯାଇଛି ? ଯାହା ଜୁନ ୨୦ ତାରିଖ ଠାରୁ ଆରମ୍ଭ ହୋଇଥିଲା । ସେପ୍ଟେମ୍ବର ୨୦ ତାରିଖ ଦିନ ଦ୍ୱିତୀୟ ତ୍ରୟ




ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା, ବ୍ଲକ ଓ ଗ୍ରାମ ପଞ୍ଚାୟତ ସ୍ତରୀୟ କମିଟି ଗୁଡିକର ସଦସ୍ୟ ମାନେ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସ୍ତରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ବାରିପଦା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଅଶ୍ୱାନ ସଭାଗୃହରେ ଜିଲ୍ଲା ଶିଶୁ ସୁରକ୍ଷା କମିଟି ତଥା ଜିଲ୍ଲା ଟାସ୍କ ଫୋର୍ସ କମିଟି ପକ୍ଷରୁ ଆୟୋଜିତ ଏହି ସଭାରେ ମୟୁରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ପୌରାହିତ୍ୟ କରିଥିବା ବେଳେ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ତଥା ଉପଖଣ୍ଡ ସ୍ତରୀୟ ସମସ୍ତ ପିଏ ଆଇଟିଡିଏ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ କୁସୁମ ମାଳା ମିଶ୍ର ସ୍ୱାଗତ ଭାଷଣ ଦେଇ ଜିଲ୍ଲାରେ ବାଲ୍ୟ ବିବାହର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ଶିଶୁ ଶିଶୁ ସୁରକ୍ଷା ଅଧିକାରିଣୀ, ମମତାମୟୀ ବିଶ୍ୱାଳ ଶିଶୁ ସୁରକ୍ଷାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନା କରିଥିଲେ । ସେହିଭଳି ଆରଡିଏସି ଦ୍ୱାରା ପରିଚାଳିତ ଚାଇଲ୍ଡଲାଇନ ସଂଯୋଜକ ଶ୍ରୀ ପ୍ରମୋଦ କୁମାର ଚୌଧୁରୀ ଚାଇଲ୍ଡଲାଇନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ଓ ଶେଷରେ ଚାଇଲ୍ଡଲାଇନ କେନ୍ଦ୍ର ପରିଚାଳନା କରୁଥିବା ସଂସ୍ଥାର ସଚିବ ବିଜୟ ଲାଲ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାର ବିଭିନ୍ନ ଶିଶୁ ସମସ୍ୟା ଓ ଏହାର ପ୍ରତିକାର ସମ୍ପର୍କରେ ଉକ୍ତ ବୈଠକରେ ଆଲୋଚନା କରାଯାଇଥିଲା । ବିଶେଷ ଭାବରେ ଯେମିତି କୌଣସି ହିତାଧିକାରୀ ଆଶୀର୍ବାଦ ଯୋଜନାରୁ ବାଦ ନ ପଡନ୍ତି ଏବଂ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ଦିଗରେ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ? କୋଭିଡ କଟକଣାକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା

## ହୋଟେଲରୁ ମଦ ଜବତ : ମ୍ୟାନେଜର ଗିରଫ

ନୀଳଗିରି,୨୨/୦୯ (ନି.ପ୍ର): ନୀଳଗିରି ଏସ.ଡି.ପି.ଓ. ରିତେଶ କୁମାର ମହାପାତ୍ର ବୁଧବାର ସନ୍ଧ୍ୟାରେ ସଜନାଗଡ଼ସ୍ଥିତ ମା' ତାରିଣୀ ହୋଟେଲରେ ଅଚାନକ ଚଢ଼ାଉ କରି ୧୦.୫ଲିଟର ବିଦେଶୀ ମଦ ଜବତ କରିବା ସହ ମ୍ୟାନେଜର ଆଦିକନ୍ଦ ସାହୁଙ୍କୁ ଗିରଫ କରିଛନ୍ତି। ଏସ.ଡି.ପି.ଓ.ଙ୍କ ର ଏତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ନୀଳଗିରିକୁ ପଶିଲା ଝାଡ଼ଖଣ୍ଡର ମଣିଷମରା ଦନ୍ତା : ଲୋକେ ଆତଙ୍କିତ

ନୀଳଗିରି,୨୨/୦୯ (ନି.ପ୍ର): ବିଗତ କିଛି ବର୍ଷ ଧରି ଲଗାତାର ଭାବେ ଝାଡ଼ଖଣ୍ଡର ଦଲମା ଜଙ୍ଗଲରୁ ହାତୀ ପଲ ନଭେମ୍ବର ଡିସେମ୍ବର ମାସରେ ହାତୀପଲ ନୀଳଗିରିରେ ପ୍ରବେଶ କରି ବହୁ ଧନଜୀବନ କ୍ଷତି କରିଥାନ୍ତି। ମାତ୍ର ଚଳିତ ବର୍ଷ ଅସମୟରେ ଝାଡ଼ଖଣ୍ଡର ମଣିଷ ମରା ଦନ୍ତା ନୀଳଗିରିକୁ ପ୍ରବେଶ କରିବା ବନାଞ୍ଚଳ ବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ପ୍ରାପ୍ତ ସୂଚନା ଅନୁସାରେ ଗତକାଲି ଭୋର ସମୟରେ ନୀଳଗିରି କୁ ଝାଡ଼ଖଣ୍ଡର ମଣିଷ ମରା ଦନ୍ତା ମିତ୍ରପୁର ଅଞ୍ଚଳର କାଠଗୋଛି ଓ ଅଯୋଧ୍ୟା ଆନନ୍ଦପୁର ଅଞ୍ଚଳର ପ୍ରବେଶ କରିଛି । ମଣିଷମରା ଦନ୍ତାକୁ ଦେଖି ଲୋକମାନେ ଭୟଭିତ ହୋଇ ପଡ଼ିଛନ୍ତି । କାଠଗୋଛି ସମେତ ପୁନ୍ଦାଳ ଅଞ୍ଚଳରେ ୪ଟି ଘର ଭାଙ୍ଗି ଦେଇଥିବାର ସୂଚନା ମିଳିଛି । ଖବର ପାଇ ନୀଳଗିରି ରେଞ୍ଜର ମନୋହର ଖାଁ ଏକ ବନବିଭାଗର ଟିମ୍ କୁ ନେଇ ହାତୀ ଟିର ଗତିବିଧି ଉପରେ ତୀକ୍ଷଣ ନଜର ରଖିଛନ୍ତି । ଯେପରି ଅଞ୍ଚଳବାସୀଙ୍କର କୌଣସି କ୍ଷୟକ୍ଷତି ନ ହୁଏ ସେଥିପ୍ରତି ବନବିଭାଗ ନଜର ରଖିଛନ୍ତି । ତେବେ ମଣିଷ ମରା ଦନ୍ତାଟି ବହୁ ଧାନ ଫସଲ କ୍ଷତି କରିଥିବା ଶୁଣିବାକୁ ମିଳିଛି ।

# ନିର୍ମାଣ ଶ୍ରମିକମାନଙ୍କୁ ଶୋଷଣ ଓ ଶ୍ରମଦପ୍ତରର ଅନିୟମିତତା ବିରୁଦ୍ଧରେ ଶ୍ରମିକ ସଂଗଠନମାନଙ୍କ ମିଳିତ ବୈଠକ

ବାଲେଶ୍ୱର,୨୨/୦୯ (ନି.ପ୍ର): ନିର୍ମାଣ ଶ୍ରମିକମାନଙ୍କ ପଞ୍ଜିକରଣ ଓ ସହାୟତା ପ୍ରଦାନରେ ବହୁ ଅନିୟମିତତା ସଂପର୍କରେ ଅଭିଯୋଗ ହୋଇଆସୁଛି । ମଙ୍ଗଳବାର ଦିନ ନିର୍ମାଣ ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଥିବା ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ସଂଗଠନମାନଙ୍କର ଗତ ୨୦୧୬ ମସିହାରେ ପ୍ରତିଷ୍ଠିତ ନିର୍ମାଣ ଶ୍ରମିକ ସଂଘ ସମୂହ ସମନ୍ୱୟ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗଦାଧର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ, ବିକାଶ ଦାସ, ପଦ୍ମଭୂଷଣ ରାୟ, ସଂଜୟ ସାମଲ, ସର୍ବେଶ୍ୱର ମିଶ୍ର, ବାସନ୍ତି ସାମଲ, ବିଜୟ ପାତ୍ର ଓ ତପନ ସିଟ୍‌ଙ୍କ ସମେତ ପ୍ରାୟ ୨୦ଟି ସ୍ୱାଧୀନ ସଂଗଠନ ପକ୍ଷରୁ ହରିଶ ଚନ୍ଦ୍ର ପାତ୍ର, ପୀତାମ୍ବର ମାଝୀ,




ରଞ୍ଜୁକ୍ତା ଓଝା, କେଶବ ଚନ୍ଦ୍ର ଲେଙ୍କା, ବେଣୁଧର ମହାନ୍ତି, ଉମାକାନ୍ତ ଜେନା, କରୁଣାକର ବେହେରା, ସାଗର ମହାନ୍ତି, ଲକ୍ଷ୍ମୀଧର ଗିରି, ପ୍ରତାପ ଚନ୍ଦ୍ର ବେହେରା, ଶଶିକାନ୍ତ ବେହେରା ଓ ବନ୍ଦନା ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନିର୍ମାଣ କରି ନିର୍ମାଣ ଶ୍ରମିକମାନଙ୍କ ପଞ୍ଜିକରଣ ଓ ସହାୟତା ଅର୍ଥ ପ୍ରଦାନରେ ବିଭିନ୍ନ ଅନିୟମିତତା ସଂପର୍କରେ ଅଭିଯୋଗ କରିଥିଲେ । କିଛି ବ୍ୟକ୍ତି ନିଜକୁ ସାମ୍ବାଦିକ, ରାଜ୍ୟସ୍ତରୀୟ ନେତା ପ୍ରଭୃତି ମିଥ୍ୟା ପ୍ରଚାର କରି ଶ୍ରମିକମାନଙ୍କଠାରୁ ହଜାର ହଜାର ଟଙ୍କା ନେଉଥିବାର ଓ ଶ୍ରମଦପ୍ତରରେ କେତେକ ଅସାଧୁ କର୍ମଚାରୀଙ୍କ ସହାୟତାରେ ଅସଲି ସହ ନକଲି ପଞ୍ଜିକରଣ ପ୍ରମାଣପତ୍ର ଦେଉଥିବାରୁ ସେମାନଙ୍କ ପ୍ରତି ସତର୍କ ରହିବାକୁ ନିବେଦନ କରାଯାଇଛି । ଜନୈକ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ଗତ ଦୁଇଦିନତଳେ ଏକ ସାମ୍ବାଦିକ ସମ୍ମିଳନୀରେ ନିଜକୁ ଅସଲି ଶ୍ରମିକ ନେତା କହି ଦେଇଥିବା ବିବୃତ୍ତିକୁ ବୈଠକରେ ଦୃଢ଼ ନିନ୍ଦା କରାଯାଇଛି । ଜିଲ୍ଲା ଶ୍ରମ ଅଫିସରଙ୍କୁ ଉକ୍ତ ସମନ୍ୱୟ ସମିତିର ପ୍ରତିନିଧିମାନେ ସାକ୍ଷାତ କରି ପ୍ରକୃତ ନିର୍ମାଣଶ୍ରମିକଙ୍କୁ ଚିହ୍ନଟ କରି ପ୍ରମାଣପତ୍ର ଦେବାକୁ ଓ ଦଲାଲ ଶ୍ରମିକନେତାମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିବାକୁ ନିଷ୍ପତ୍ତି ନିଆଯାଇଛି । କାରଣ କେତେକ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ସରକାରୀ ଯୋଜନା ବାଟବଣା ହେଉଛି । ଶେଷରେ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ ।

# ବଲାଙ୍ଗୀରରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨/୦୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ବଲାଙ୍ଗୀର ଜିଲ୍ଲା ଗସ୍ତ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ଜିଲ୍ଲାର ଟିଟିଲାଗଡ, ପାଟଣାଗଡ ଓ ବଲାଙ୍ଗୀର ଟାଉନ ଗସ୍ତ କରି ଟିଟିଲାଗଡରେ ଜିଲ୍ଲାର ପ୍ରଥମ ହିତାଧିକାରୀ ଭାବରେ ସରୋଜିନୀ ବହିଦାରଙ୍କୁ ସ୍ମାର୍ଟ ହେଲଥ୍ କାର୍ଡ ପ୍ରଦାନ କରି ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜିଲ୍ଲାର ସାଢେ ଚାରି ଲକ୍ଷ ପରିବାର ଏହି ସୁବିଧା ପାଇବେ। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ୨୦୦ କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ କରିବା ସହିତ ୫୯୭ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତିପ୍ରସ୍ତର ରଖିଥିଲେ । ପାଟଣାଗଡରେ ମୁଖ୍ୟମନ୍ତ୍ରୀ ହରିଶଙ୍କର ପୀଠର ବିକାଶ ପାଇଁ ଭିତିପ୍ରସ୍ତର ମଧ୍ୟ ରଖିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ ସ୍ମାର୍ଟ ହେଲ୍‌ଥ କାର୍ଡର ବ୍ୟବସ୍ଥା ସାଧାରଣ ଲୋକଙ୍କର ଚିକିତ୍ସା ବ୍ୟବସ୍ଥାରେ ରୂପାନ୍ତର ଆଣିପାରିବ ବୋଲି ମତ ଦେଇଥିଲେ। ସାରା ଓଡିଶାରେ ୯୬ ଲକ୍ଷ ପରିବାର ଏହି ସୁବିଧା ପାଉଥିବା ବେଳେ, ବଲାଙ୍ଗୀର ଜିଲ୍ଲାର ସାଢେ ଚାରି ଲକ୍ଷ ପରିବାର ଏହି ସୁବିଧା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି କାର୍ଡ ପାଖରେ ରହିଲେ, ଚିକିତ୍ସା ପାଇଁ କୌଣସି ଡକୁମେଂଟ ଦରକାର ନାହିଁ । କେବଳ କାର୍ଡଟିକୁ ନେଇ ଲୋକମାନେ ଦେଶର ୨୦୦ ବଡ ବଡ ହସପିଟାଲରେ ବିନା ଖର୍ଚ୍ଚରେ ଗୁଣାତ୍ମକ ଚିକିତ୍ସା ପାଇପାରିବେ । ପରିବାର ପାଇଁ ବର୍ଷକୁ ୫ ଲକ୍ଷ ଟଙ୍କା ଏବଂ ମହିଳା ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିପାରିବ। ଟଙ୍କା ପାଇଁ କେହି ଉତ୍ତମ ଚିକିତ୍ସା ସୁବିଧାରୁ ବଂଚିତ ନ ହୁଅନ୍ତୁ, ଏହା ହିଁ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ ପ୍ରଥମେ ଟିଟିଲାଗଡ ଗସ୍ତ କରି ସେଠାରେ ଅନେକ ନୂଆ ପ୍ରକଳ୍ପ ଆରମ୍ଭ କରିଥିଲେ । ଟିଟିଲାଗଡ-ସଇଁତଳା ବ୍ଲକ୍ ରେ ସଂପୂର୍ଣ୍ଣ ହୋଇଥିବା ପାଇପ ପାଣି ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ଟିଟିଲାଗଡ ଟାଉନ୍‌କୁ ସବୁ ଘରକୁ ପାଇପ ପାଣି ପ୍ରକଳ୍ପର ଭିତିପ୍ରସ୍ତର ରଖିଥିଲେ । ପାଟଣାଗଡରେ ମୁଖ୍ୟମନ୍ତ୍ରୀ ଅନେକ ପ୍ରକଳ୍ପ ମଧ୍ୟରେ ପ୍ରସିଦ୍ଧ ହରିଶଙ୍କର ପୀଠର ବିକାଶ ପାଇଁ ଭିତିପ୍ରସ୍ତର ରଖିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହରିଶଙ୍କର ପୀଠ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ତୀର୍ଥକ୍ଷେତ୍ର ହେବା ସହିତ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନୋରମ। ଶେଷରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲ୍ଲା ଗସ୍ତ କରି ସେଠାରେ ମଧ୍ୟ ଅନେକ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ସେହିପରି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଏକ ଆଦର୍ଶ ବିଶ୍ୱବିଦ୍ୟାଳୟ ରୂପେ ଗଢିତୋଳିବା ପାଇଁ ରାଜ୍ୟ ସରକାର ସବୁ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି ଯେ ସ୍ୱାସ୍ଥ୍ୟ ହେଉ କି ଚାଷୀଙ୍କ ପାଇଁ କାଳିଆ ଯୋଜନା, ଦେଶରେ ଆଗ ସେ କାମ କରନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଜୁ ଜନତା ଦଳ କାହାକୁ ଅନୁସରଣ କରେ ନାହିଁ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ସୀମା ବିବାଦର ସମାଧାନ ପାଇଁ ....

ବଳକୁ ଅପସାରଣ କରାଯାଉ ଏବଂ ସ୍ଥାନୀୟ ଜନପ୍ରତିନିଧି ଏବଂ ସରକାରୀ ଅଧିକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାକୁ ପ୍ରତ୍ୟାହାର କରାଯାଉ। ଦ୍ୱିତୀୟତଃ ଗ୍ରାମାଂଚଳର ଭିତିଭୂମି,ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମୌଳିକ ସୁବିଧାକୁ ବାଦ୍ ଦେଇ ନୂତନ ଢ଼ାଂଚାଗତ ନିର୍ମାଣକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଉ । ତୃତୀୟତଃ ଏହି ବିବାଦରେ ଆଗାମୀ ଦିନର ରୋଡ଼ମ୍ୟାପ ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା କରାଯାଉ । ଚତୁର୍ଥତଃ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ କିମ୍ବା ଉନ୍ନୟନ କମିଶନରଙ୍କ ସ୍ତରରେ ଜଏଂଟ୍ ଓାର୍କିଂ କମିଟି ବା ଯୁଗ୍ମ କାର୍ଯ୍ୟକାରୀ କମିଟି ଗଠନ କରାଯାଉ ବୋଲି ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଛନ୍ତି । କୋରାପୁଟ ଏବଂ ଗଜପତି ଲୋକଙ୍କର ଦୁର୍ଦ୍ଦଶା ଏବଂ ଚିନ୍ତାକୁ ନେଇ ଜଣେ ଓଡ଼ିଆ ଭାବେ ଶ୍ରୀ ପ୍ରଧାନ ଦୁଃଖିତ ବୋଲି ପତ୍ରରେ ଉଲ୍ଲେଖ କରିଛନ୍ତି। ଆପୋଷ ସମାଧାନ ପାଇଁ ଦ୍ୱିପାକ୍ଷିକ ଆଲୋଚନା ଓ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ବ୍ୟକ୍ତିଗତ ସ୍ତରରେ କେନ୍ଦ୍ର ସରକାରଙ୍କ ତରଫରୁ ସମର୍ଥନ ଦେବା ନେଇ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଐତିହାସିକ ଦୃଷ୍ଟିରୁ ବିକାଶମୁଖୀ ଆହ୍ୱାନ ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମରେ ସାମାନ ଭାବେ ଅଂଶୀଦାର। ଉଭୟ ରାଜ୍ୟ ପୂର୍ବଘାଟିରେ ଥିବା ପାହାଡ଼ିଆ ଅଂଚଳରେ ଲୋକଙ୍କ ଜୀବନକୁ ସୁଗମ କରିବା ପାଇଁ ସଂଯୋଗ ସ୍ଥାପନ, ବିକାଶମୂଳକ କାର୍ଯ୍ୟକୁ ସୁନିଶ୍ଚିତ କରିବା ସହ ଭିତିଭୂମିର ବିକାଶ କରିବା ପାଇଁ ଅନେକ ଗୁଡ଼ିଏ ପଦକ୍ଷେପ ନେଉଛନ୍ତି। ଏହି ବିକାଶମୂଳକ ପଦକ୍ଷେପ ଗୁଡିକ ବାମପନ୍ଥୀ ଉଗ୍ରବାଦୀ ଦ୍ୱାରା ଉପୁଜିଥିବା ସମସ୍ୟାକୁ ସମାଧାନ କରିବା ଦିଗରେ ଫଳପ୍ରଦ ସାବ୍ୟସ୍ତ ହୋଇଛି ।

## ସୁବର୍ଣ୍ଣରେଖାରେ ବନ୍ୟା....

୧୦.୪୫ ମିଟର ଅତିକ୍ରମ କରିବ ବୋଲି ଜଳସେଚନ ବିଭାଗ ପକ୍ଷରୁ ସୂଚନା ମିଳିଛି । ରାତିରେ ପାଣି ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ପ୍ରଶାସନ ପକ୍ଷରୁ ସୁରକ୍ଷା ଦୃଷ୍ଟିରୁ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀ, ସ୍କୁଲ ଘର କିମ୍ବା ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଉଦ୍ଧାର କାର୍ଯ୍ୟ ଏବଂ ଯାତାୟତ ପାଇଁ ବିଭିନ୍ନ ସ୍ଥାନରେ ୧୦ଟି ଡଙ୍ଗା ମୁତୟନ ହୋଇଛି । ବ୍ଲକରେ ୨ଟି ଓଡ୍ରାପ ଟିମ ରହିଥିବାରୁ ଦରକାର ପଡିଲେ ସେମାନଙ୍କୁ ଉଦ୍ଧାର କାର୍ଯ୍ୟରେ ସାମିଲ କରାଯିବ ବୋଲି ତହସିଲଦାର ଦୀପକ କୁମାର ଦାଶ କହିଛନ୍ତି । ବାଲିଆପାଳ-ବିଷ୍ଣୁପୁର, ପଂଚୁରୁଖି-ଚୌଧୁରୀକୁଦ, ଜାମକୁଣ୍ଡା-ନୟାବାଲି, ଜାମକୁଣ୍ଡା-କୁହ୍ଲାଚଡ, ଜାମକୁଣ୍ଡା-ତାଳପଦା, ବାଲିଆପାଳ-କୁଦମାନସିଂ, କୁଦମାନସିଂ-ରାଉତୁରାପୁର ପ୍ରଭୃତି ଗ୍ରାମ୍ୟ ରାସ୍ତା ଉପରେ ୪/୫ଫୁଟ ଉଚ୍ଚରେ ବନ୍ୟା ପାଣି ପ୍ରଭାହିତ ହେଉଥିବାରୁ ଯୋଗା ଯୋଗ ବିଛିନ୍ନ ହୋଇଛି । ବ୍ଲକରେ ୨୪ ଘଂଟିଆ ବନ୍ୟା ନିୟନ୍ତ୍ରଣ କକ୍ଷ ଖୋଲା ଯାଇ ପରିସ୍ଥିତି ଉପରେ ସର୍ତକ ଦୃଷ୍ଟି ରଖାଯାଇଛି ।

## ଜଳକା ନଦୀରେ ବନ୍ୟା....

ସାଂସଦ ରବିନ୍ଦ୍ର ଜେନା ପୂର୍ବତନ ମନ୍ତ୍ରୀପ୍ରତାପ ଚନ୍ଦ୍ର ସଡଙ୍ଗୀ ସହ ସାଂସଦ ପ୍ରତିନିଧି ଉମାକାନ୍ତ ମହାପାତ୍ର, ସୂର୍ଯ୍ୟନାରାୟଣ ସାହୁ, ମଣ୍ଟୁ ପଣ୍ଡା, ସରତ ବାରିକ, ପ୍ରକାଶକୁଣ୍ଡୁ ସମେତ ବହୁ ବିଜେପିକର୍ମୀ ବନ୍ୟା ପରିସ୍ଥିତି ବୁଲି ଦେଖୁଛନ୍ତି । ସେହିପରି ବସ୍ତା ତହସିଲଦାର ଇରିଗେସନ ଯନ୍ତ୍ରୀ ଅଶୋକକୁମାର ଦାସ ଉପସ୍ଥିତରେ ମୁକୁଳା ଘାଇଗୁଡିକରେ ବାଲିବସ୍ତା ଦେଇ ପାଣି ଆକଟ କରିବା ପ୍ରକ୍ରିୟା ଯାରିରଖିଛନ୍ତି । ତେବେ ବନ୍ୟା ପାଣି ଘେରରେ ଥିବା ସହିତ ବସ୍ତାର ଦୁଖ ବିଦ୍ୟୁତ ଷ୍ଟ୍ରକଚର ଏହା ଗାନ୍ଧୀଛକ ନିକଟରେ ଅଛି ପ୍ରତିବର୍ଷ ବନ୍ୟା ହେଲେ ତାହା ବୁଡିଯାଏ ଉକ୍ତ ଅଞ୍ଚଳ, ସାର୍ଥା, ନଳବାହାର, କୁଶୁଡିହା, ଅମର୍ଦ୍ଦାରୋଡ ଗୁଡିଖାଳ ପ୍ରର୍ଯ୍ୟନ୍ତ ଅଞ୍ଚଳ ଅନ୍ଧାରେ ରହିବେ ଲାଇନ ରହିବନି ବନ୍ୟା ଉତପାତ ସାଙ୍ଗକୁ ରାତିରେ ସରିସୃପ ମାନଙ୍କ ଭୟ ରାତିଲେଲା ଭୟ ଗାରିଲାଣି ସନ୍ଧ୍ୟା ଛଅଟା ସୁଦ୍ଧା ଜଳକାର ଜଳ ସ୍ତର ୭.୧ ଅଛି ପାଣି ସାମାନ୍ୟ କମିବାରେ ଲାଗୁଛି ।

## ମହନ୍ତ ନରେନ୍ଦ୍ର ଗିରିଙ୍କୁ ....

ପରିଷଦର ଅଧ୍ୟକ୍ଷ ନରେନ୍ଦ୍ର ଗିରିଙ୍କ ସନ୍ଦେହଜନକ ମୃତ୍ୟୁ ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଘଟଣାସ୍ଥଳରୁ ମିଳିଥିବା ସୁଇସାଇଡ ନୋଟ୍, ମୋବାଇଲରୁ ମିଳିଥିବା ଭିଡିଓ ଓ ଏକ ଫଟୋକୁ ନେଇ ତଦନ୍ତ ଚାଲିଛି । ସୁଇସାଇଡ୍ ନୋଟରେ ନରେନ୍ଦ୍ର ଗିରି ଲେଖିଛନ୍ତି – ଆନନ୍ଦ ଗିରି ତାଙ୍କୁ ଅପମାନ କରିବାକୁ ଷଡଯନ୍ତ୍ର କରିଥିଲା । କୌଣସି ମହିଳାଙ୍କ ସହ କମ୍ପ୍ୟୁଟରାଇଜଡ ଫଟୋ ଭାଇରାଲ କରିବାକୁ ଧମକ ଦେଇଥିଲା ଆନନ୍ଦ ଗିରି । ସେହିପରି ନରେନ୍ଦ୍ର ଗିରିଙ୍କ ମୃତ୍ୟୁ ପଛର କାରଣ ସମ୍ପତ୍ତି ବିବାଦ ସାଙ୍ଗକୁ ଷଡଯନ୍ତ୍ର ରହିଥିବା ଆଶଙ୍କା କରାଯାଉଛି । ତେବେ ପ୍ରକୃତ ସତ କଣ ତାହା ଆଗାମୀ ଦିନରେ ଜଣାପଡିବ ।

## ଆମେରିକା ଗସ୍ତରେ ପ୍ରଧାନମନ୍ତ୍ରୀ....

ଆଲୋଚନା ପରେ ମୋଦି କ୍ୱାଡ ରାଷ୍ଟ୍ରମାନଙ୍କୁ ନେଇ ଆୟୋଜିତ ବୈଠକରେ ଯୋଗଦେବେ। ସେପ୍ଟେମ୍ବର ୨୫ରେ ମୋଦି ୱାଶିଂଟନରେ ବିଭିନ୍ନ କାର୍ଯ୍ୟକ୍ରମ ଶେଷ କରିବା ପରେ ନ୍ୟୁୟର୍କ ଯିବେ। ସେଠାରେ ଆୟୋଜିତ ୭୬ତମ ମିଳିତ ଜାତିସଂଘର ସାଧାରଣ ଆସେମ୍ବ୍ଲିରେ ପୂରା ବିଶ୍ୱକୁ ସମ୍ବୋଧନ କରିବେ। ଭାରତୀୟ ସମୟ ସନ୍ଧ୍ୟା ୬.୩୦ରେ ସେ ନିଜର ମତ ମିଳିତ ଜାତିସଂଘ ଆଗରେ ଉପସ୍ଥାପନ କରିବେ। ସେପଟ୍ଟେମ୍ବର ୨୬ ତାରିଖରେ ସେ ଭାରିତ ଫେରିବେ ବୋଲି ଜଣାପଡ଼ିଛି।

## କ୍ଷେପଣାସ୍ତ୍ର ଘାଟିରୁ ତଥ୍ୟ ହାସଲ ପାଇଁ ....

ଗିରଫ ଅଭିଯୁକ୍ତଙ୍କୁ କ୍ରାଇମ ବ୍ରାଞ୍ଚର ଜେରା ପରେ ମିଳିଛି ଏଭଳି ସାଂଘାତିକ ତଥ୍ୟ । ୨୦୨୦ରେ ଅଭିଯୁକ୍ତମାନଙ୍କ ସହ ଯୋଡି ହୋଇଥିଲେ ରହସ୍ୟମୟୀ ଯୁବତୀ । ସମସ୍ତ ଅଭିଯୁକ୍ତଙ୍କ ସହ ଭିନ୍ନ ଭିନ୍ନ ପରିଚୟରେ କଥା ହେଉଥିଲେ । କେତେବେଳେ ଇଂଲଣ୍ଡରେ କାମ କରୁଥିବା କହି ତ ଆଉ କେତେବେଳେ ମିଜାଇଲରେ ଆଗ୍ରହୀ ଥିବା କହୁଥିଲେ । ପୁଣି କେତେବେଳେ ରାଜସ୍ଥାନରେ ରହି ପ୍ରେସ ଟ୍ରଷ୍ଟ ବ୍ୟୁରୋରେ କାମ କରୁଥିବା କହିଥିଲେ ଯୁବତୀ । ତେବେ ଯୁବତୀ ଜଣକ ଇଂରାଜୀ ଓ ହିନ୍ଦୀ ଭାଷାରେ ଦେଢ ବର୍ଷ ହେଲା ନିୟମିତ ଭାବେ କଥା ହେଉଥିଲେ । ରହସ୍ୟମୟୀ ଯୁବତୀଙ୍କ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ଫେସବୁକ ଓ ହ୍ୱାଟ୍ସଅପ କର୍ତ୍ତୃପକ୍ଷଙ୍କ ସହ ଯୋଗଯୋଗ କରୁଛି କ୍ରାଇମବ୍ରାଞ୍ଚ । ଏଥିସହିତ ଯୁବତୀଙ୍କ କଲ ରେକର୍ଡ ମିଳିବା ପରେ ଅଧିକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିପାରିବ ।

## ସିଦ୍ଧୁଙ୍କ ବିରୋଧରେ ପ୍ରାର୍ଥୀ ଦେବେ....

ଏଥିସହିତ କ୍ୟାପଟେନ୍ ଖୁଲାସା କରି କହିଛନ୍ତି ଯେ, ଇସ୍ତଫା ଦେବାର ତିନି ସପ୍ତାହ ପୂର୍ବରୁ ସେ ନିଜେ ଇସ୍ତଫା ଦେବାକୁ କହିଥିଲେ । ହେଲେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏପରି କରିବାକୁ ତାଙ୍କୁ ମନା କରିଥିଲେ । ହେଲେ ପରେ କିନ୍ତୁ ଦଳୀୟ କନ୍ଦଳକୁ ଦେଖି କ୍ୟାପଟେନ୍ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଏହାପରେ ଚରଣଜିତ ସିଂହ ଚନ୍ନୀ ପଞ୍ଜାବର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ ।

# ବାଘଛାଲ ଜବତ ଘଟଣାରେ ଶିକାରୀକୁ ଗିରଫ କଲା ବନବିଭାଗ : ୩ଜଣଙ୍କୁ କୋର୍ଟ ଚାଲାଣ

ବାରିପଦା,୨୨/୦୯ (ନି.ପ୍ର): ଗତ୨୦ ତାରିଖ ବାରିପଦାର ଏକ ହୋଟେଲରୁ ବାଘଛାଲ ଜବତ ଘଟଣା ରେ ଆଜି ବନବିଭାଗ ପକ୍ଷରୁ ଶିକାରୀକୁ ଗିରଫ କରାଯାଇଥିବାର ଜଣାଯାଇଛି । ଶିକାରୀ ଜଣକ ହେଉଛନ୍ତି ବାରିପଦା ସଦର ଥାନା ଅନ୍ତର୍ଗତ କେନ୍ଦୁଝରି ଗ୍ରାମର ଲକ୍ଷ୍ମଣ ମୁର୍ମୁ । ଆଜି ସକାଳୁ ବନବିଭାଗ ପକ୍ଷରୁ ଚଢ଼ଉ କରାଯାଇ ତାକୁ ଗିରଫ କରାଯାଇ ୨ଟି ଦେଶୀ ବନ୍ଧୁକ, ୫ଟି ଧନୁଶର, ୧୭ଟି ତୀର ଏବଂ ଅନେକ ଫାସ ଓ ଜାଲ ଜବତ କରାଯାଇଛି । ତେବେ ଏବାବଦରେ ଏକ କେସ ରୁଜୁ କରି ଲକ୍ଷ୍ମଣଙ୍କ ସମେତ ଗତକାଲି ଗିରଫ ହୋଇଥିବା ବିକାଶ ବିନୟ ସିଂ ଓ ବିକାଶ ଚନ୍ଦ୍ର ବେଣ୍ଟକାର ଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଗତକାଲି ଦୁଇଜଣଙ୍କୁ କ୍ରାଇମ କଂଟ୍ରୋଲ ବ୍ୟୁର ଜବଲପୁର , ରାଜ୍ୟ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଏବଂ ବନ ବିଭାଗ ଚଢାଉ କରି ଏକ ହୋଟେଲରୁ ଗିରଫ କରାଯାଇଥିଲା ଏବଂ ଡିଲ ହେବାକୁ ଥିବା ବାଘ



ଛାଲ କୁ ମଧ୍ୟ ଜବତ କରାଯାଇଥିଲା । ଏହିଭଳି ବନ୍ୟପ୍ରାଣୀ ଜାତ ଦ୍ରବ୍ୟର ବେଆଇନ କାରବାର ରେ ଆନ୍ତରାଜ୍ୟ ବେପାରୀ ସଂପୃକ୍ତ ଥିବାର ଅନୁମାନ କରି ବନ ବିଭାଗ ତରଫରୁ ଅଧିକ ତଦନ୍ତ ଜାରୀ ରହି ଥିବାର ଜଣା ଯାଇଛି ।

## ବଙ୍ଗଳାଦେଶରେ ବଢୁଛି ପାକିସ୍ତାନୀ ଗୁଇନ୍ଦା ଏଜେନ୍ସି ଆଇଏସ୍ଆଇ ସକ୍ରିୟତା

ଢାକା/କୋଲକାତା,୨୨/୦୯ (ନି.ପ୍ର): ଆଫଗାନିସ୍ଥାନକୁ ତାଲିବାନମାନଙ୍କ କବ୍‌ଜାରେ ନେବାପରେ ପାକିସ୍ତାନର ଗୁପ୍ତଚର ଏଜେନ୍ସିଂ ଆଇଏସ୍ଆଇ ବଙ୍ଗଳାଦେଶରେ ନିଜ ଗତିବିଧି ତ୍ୱରାନ୍ୱିତ କରିଛି । ଏହାଦ୍ୱାରା ଭାରତର ଚିନ୍ତା ବଢ଼ିଯାଇଛି । ଏଥିରେ ପ୍ରମୁଖ ବଙ୍ଗଳାଦେଶୀ ସାମ୍ବାଦିକ ଏବଂ ବୁଦ୍ଧିଜୀବୀ ମଧ୍ୟ ଚିନ୍ତିତ ଅଛନ୍ତି । ଆଇଏସ୍ଆଇର ସାହାଯ୍ୟ କାରଣରୁ ସ୍ୱାଭାବିକ ରୂପରେ ବିଏନ୍‌ପି ଏବଂ ଜମାତ ସହିତ ଇସ୍ଲାମି ଗୁଣ୍ଡାଙ୍କୁ ନୂଆ ଜୀବନ ମିଳିଛି । ଆଇଏସ୍ଆଇ ନିଜ ସ୍ୱାର୍ଥକୁ ପୂରା କରିବା ପାଇଁ ଭିନ୍ନ ଭିନ୍ନ ସୋସିଆଲ ମିଡିଆକୁ ମଧ୍ୟ ବ୍ୟବହାର କରୁଛି । ଏହି ସମ୍ପର୍କରେ ଲେଖକ ଏବଂ ପତ୍ରକାର ସମିତିର ଅଧ୍ୟକ୍ଷ ଶହରିୟାର କବିର କହିଛନ୍ତି ଯେ ଆଇଏସ୍ଆଇ ସିଧା ବଙ୍ଗଳାଦେଶରେ ଆତଙ୍କବାଦୀ ସଂଗଠନର ସମର୍ଥନ କରୁଛି । ତାଲିବାନ ପାକିସ୍ଥାନୀ ଗୁପ୍ତଚର ଏଜେନ୍ସି ଆଇଏସ୍ଆଇର ସାହାଯ୍ୟରେ ଆଫଗାନିସ୍ଥାନ ଉପରେ କବ୍‌ଜା କରିବା ପରେ ଏବେ ଇସ୍ଲାମି ସଂଗଠନ ବଙ୍ଗଳାଦେଶ ଉପରେ କବ୍ଜା କରିବା ପାଇଁ କାମ କରୁଛି । କବୀର କହିଛନ୍ତି ଯେ ଢାକାରେ ପାକିସ୍ତାନ ଉଚ୍ଚାୟୋଗ ବଙ୍ଗଳାଦେଶୀ ରାଜନୀତିକ ଦଳ, ନାଗରିକ ସମାଜ, ଶିକ୍ଷାବିତ୍ ଏବଂ ମିଡିଆର ପ୍ରତିନିଧିମାନଙ୍କ ସହ କେତେକ ହ୍ୱାଟସ୍‌ଆପ୍ ଗ୍ରୁପ୍ ଲଂଚ କରିଥିଲେ । ଏହି ୟୁ-ଟ୍ୟୁବ୍ ମାଧ୍ୟମରେ ବିଭିନ୍ନ ପ୍ରକାର ମିଛ ଖବର ଖେଳାଉଛନ୍ତି । ଏହାପୂର୍ବରୁ ମଧ୍ୟ ଆଇଏସ୍ଆଇ ଭାରତ ବିରୁଦ୍ଧରେ ବଙ୍ଗଳାଦେଶୀ ଅଂଚଳର ଉପଯୋଗ କରିବାର ଚେଷ୍ଟା କରୁଥିଲା । ଯଦି ସରକାର ଆଇଏସ୍ଆଇରେ ସାମିଲ ଲୋକଙ୍କୁ ପରିଚୟ କରିବାକୁ ବିଫଳ ରହିଛି । ତେବେ ବଙ୍ଗଳାଦେଶରେ ସ୍ୱାଧୀନତୀ ସମର୍ଥକ ଶକ୍ତିଙ୍କୁ ବିପୁଳ ମୂଲ୍ୟ ଦେବାକୁ ପଡ଼ିପାରେ ।

# ଗୋଟିଏ ଦିନରେ ୭୩୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୨/୦୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୩୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୧୯୫୦ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୦୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୮ ହଜାର ୨୨୬ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୫୨୧ ରହିଛି । ଆଜି ଚିହ୍ନଟ ହୋଇଥିବା ୭୩୪ ଜଣଙ୍କ ମଧ୍ୟରୁ ୪୨୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୧୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୩୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୫,ଭଦ୍ରକରୁ ୧୦ ଜଣ ସଂକ୍ରମିତ ହୋଇଥିବା ବେଳେ ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୯୧ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୧ ଜଣ ଓ ଗଂଜାମ ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩୨ ଜଣ, ଯାଜପୁରରୁ ୨୯ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ କନ୍ଧମାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ାରୁ ୬ ଜଣ, କେନ୍ଦୁଝରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୩୩୫ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୪ ଜଣ ଓ ମାଲକାନଗିରି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ଼ରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀରୁ ୧୭ ଜଣ, ରାୟଗଡ଼ାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୭, ସୋନପୁରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୧୩ ଜଣ ଓ ଷ୍ଟେଟ୍ ପୁଲରୁ ୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଏକାମ୍ର କଲେଜରେ ଚାରା ରୋପଣ

ଭୁବନେଶ୍ୱର,୨୨/୦୯ (ନି.ପ୍ର): ଗ୍ରୀନ୍ ୱାଲ୍ଡ ଟ୍ରଷ୍ଟ ପକ୍ଷରୁ ମିଶନ ଗ୍ରୀନ୍-୨୧ ପରିପ୍ରେକ୍ଷିରେ ଏକାମ୍ର କଲେଜ ପରିସରରେ ବିଜେଡି ଲିଗାଲ ସେଲ ସହଯୋଗରେ ବ୍ୟାପକ ବୃକ୍ଷ ଚାରାରୋପଣ କରାଯାଇଥିଲା । ଟ୍ରଷ୍ଟର ଅଧ୍ୟକ୍ଷ ନୃପେଶ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ଏଥିରେ ଲିଗାଲ ସେଲର ସଦସ୍ୟଗଣ, ବହୁ ମୁରବୀ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ । ଏହି ଗଛକୁ ବଚାଂଇ ରଖିବା ପାଇଁ ପ୍ରତିଦିନ ପାଣି ଦିଆଯିବା ବ୍ୟବସ୍ଥା କରାଯାଇଛି ବୋଲି କୁହାଯାଇଛି ।

# ପ୍ରଧାନମନ୍ତ୍ରୀ ସଡକ ଯୋଜନା ରାସ୍ତା ମରାମତି ଦାବି



ବାଲିଆପାଳ,୨୨/୦୯ (ନି.ପ୍ର): ବାଲିଆପାଳ ବ୍ଲକରେ ଥିବା ପ୍ରଧାନମନ୍ତ୍ରୀ ସଡକ ଯୋଜନାର ରାସ୍ତା ଗୁଡିକ ଦୀର୍ଘଦିନ ଧରି ମରାମତି ଅଭାବରୁ ଏବେ ମରଣଯନ୍ତାରେ ପରିଣତ ହୋଇଛି । ଏଗୁଡିକ ତୁରନ୍ତ ମରାମତି ପାଇଁ ଗଦାଗିରି ସ୍ମୃତି ବିକାଶ ପରିଷଦର ଆବାହକ ବିକାଶ ଗିରି ଦାବି କରିଛନ୍ତି । ଏହି ରାସ୍ତା ଗୁଡିକ ହେଲା ଜାମକୁଣ୍ଡା ଛକରୁ କାଳିପଦା ଭାୟା କଚୁଆପୋଲ, କାଳିପଦାରୁ ପଂଚୁପାଲି, ସିମୁଳିଆ ବଜାରରୁ ମାନ୍ଧାତା, ପ୍ରତାପପୁର ଡାକ୍ତରଖାନା ଛକରୁ ଚାନ୍ଦମଣି ଭାୟା ଅଳାଡିହା ଏବଂ କଚୁଆଠାରୁ ତାହାଲିଆ । ଶ୍ରୀ ଗିରି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ଙ୍କୁ ପତ୍ର ମାଧ୍ୟମରେ ଏହି ଦାବି ଉପସ୍ଥାପନ କରିଛନ୍ତି । ବାଲିଆପାଳ ବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ରାସ୍ତା ଗୁଡିକର ମରାମତି ଅତ୍ୟନ୍ତ ଆବଶ୍ୟକ ବୋଲି ଶ୍ରୀ ଗିରି ମତ ବ୍ୟକ୍ତ କରିଛନ୍ତି । ତେବେ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ରାସ୍ତା ଗୁଡିକ ଏବେ ଶୋଚନୀୟ ହୋଇପଡିଛି ।

# ବ୍ରାଉନ୍ ସୁଗାର ଜବତ ଓ ଅଭିଯୁକ୍ତ ଗିରଫ

ପୁରୀ,୨୨/୦୯ (ନି.ପ୍ର): ବ୍ରାଉନ୍ ସୁଗାର ବିକ୍ରି କରୁଥିବା ଅଭିଯୋଗରେ ଭିଆଇପି ରୋଡ଼ ଜଗନ୍ନାଥ କଲୋନୀର ରଞ୍ଜନ ପ୍ରଧାନ (୩୨)କୁ ସମୁଦ୍ରକୂଳ ଥାନା ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ନିକଟରୁ ୬.୫ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯାଇଛି । ଆଜି ଏସ୍ଆଇ ବିଦ୍ୟାଧର ଭୋଳ ଥାନାର ଅନ୍ୟ କର୍ମଚାରୀଙ୍କ ସହିତ ସମୁଦ୍ରକୂଳ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ରଞ୍ଜନକୁ ଧରିଥିଲେ । ପଚରାଉଚରା ବେଳେ ରଞ୍ଜନ ଭିଆଇପିରୋଡ଼ ଶକ୍ତି ଇଣ୍ଟର ନ୍ୟାସିନାଲ୍ ନିକଟରେ ଲୋକଙ୍କୁ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ସ୍ୱୀକାର କରିଥିଲା । ପରିବାର ଲୋକ ଓ ପ୍ରତକ୍ଷ୍ୟଦର୍ଶୀଙ୍କ ଉପସ୍ଥିତରେ ରଞ୍ଜନ ନିକଟରୁ ଏକ ଜରିପୁଡ଼ିଆରେ ଥିବା ୬.୫ଗ୍ରାମ ବ୍ରାଉନ୍ ସୁଗାର ଜବତ କରି ଆଜି ତାକୁ କୋର୍ଟ ଚାଲାଣ କରାଯାଇଥିବା ସମୂଦ୍ରକୂଳ ଥାନା ଆଇଆଇସି କହିଛନ୍ତି ।

# ଇନରହ୍ୱିଲ କ୍ଲବ ତରଫରୁ ବିଶ୍ୱ ଶାନ୍ତି ଦିବସ ପାଳିତ




ଉଦଳା,୨୨/୦୯ (ନି.ପ୍ର): ଇନରହ୍ୱିଲ କ୍ଲବ ଉଦଳା ଶାଖା ତରଫରୁ ବିଶ୍ୱ ଶାନ୍ତି ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ୱାର୍ଡ଼ନଂ-୧୧ ସ୍ଥିତ ସରସ୍ୱତି ଶିଶୁ ବିଦ୍ୟାମନ୍ଦିର ପରିସରରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼. ଦିଲ୍ଲୀପ କୁମାର ଦିକ୍ଷିତ, ଚିନ୍ମୟ ମିଶନର ବ୍ରହ୍ମଚାରୀ ଅଚ୍ୟୁତ ଚୈତନ୍ୟ, ସମାଜସେବୀ ପ୍ରମିଳା ପଣ୍ଡା, ପୂର୍ବତନ ଇନରହ୍ୱିଲ ସଭାପତି ରାଜଲକ୍ଷ୍ମୀ ମହାନ୍ତି ଉକ୍ତ ପ୍ରତିଯୋଗିତାର ବିଚାରକ ଦାୟିତ୍ୱ ତୁଲାଇଥିଲେ । କ୍ଲବର ସଭାପତି ଜୟନ୍ତି ପଟ୍ଟନାୟକ ସମସ୍ତ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି ବିଶ୍ୱଶାନ୍ତି ପାଇଁ ଆମକୁ କିପ୍ରକାରର ଉଦ୍ୟମ କରିବାକୁ ହେବ ସେ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । କୃତି ପ୍ରତିଯୋଗୀ ଦୀପଙ୍କର ବେହେରା, ପ୍ରଜ୍ଞାପରିମିତା ବେହେରା, ଦିବ୍ୟରଂଜନ ସିଂଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ । ପ୍ରାରମ୍ଭରେ ସମ୍ପାଦିକା ମୀନାକ୍ଷୀ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ରାଜଲକ୍ଷ୍ମୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଇନରହ୍ୱିଲର କୋଷାଧକ୍ଷ ଗୀତାଶ୍ରୀ ରାୟ, ସିସିସି ସୁଜାତା ବିଶ୍ୱାଳ, ଦିଗବାଳା ପରିଡ଼ା, ମମତା ସାହୁ, ସୁବାସିନି ବେହେରା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ରୋଟାରୀର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଏଜେଣ୍ଟ ମାନଙ୍କ ଲାଗି ଦୁଇଡ଼ୋଜ ଟିକା ବାଧ୍ୟତା ମୂଳକ

ପୁରୀ,୨୨/୦୯ (ନି.ପ୍ର): ପିପିଲି ବିଧାନସଭା ଉପ ନିର୍ବାଚନରେ ବିଭିନ୍ନ ପ୍ରାର୍ଥୀମାନଙ୍କ ପକ୍ଷରୁ ନିଯୁକ୍ତ ହେବାକୁ ଥିବା ପୁଲିଙ୍ଗ ଏଜେଣ୍ଟ ଓ କାଉଣ୍ଟିଙ୍ଗ ଏଜେଣ୍ଟମାନଙ୍କ ଲାଗି ଦୁଇଡ଼ୋଜ୍ ଟିକା ବାଧ୍ୟତାମୂଳକ କରାଯାଇଛି । ମହାମାରୀ କରୋନା ସଂକ୍ରମଣର ଭୟବହତାକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଏଭଳି କଟକଣା ଜାରି କରାଯାଇଥିବା ପିପିଲି ବିଧାନସଭା ଉପନିର୍ବାଚନର ରିଟର୍ଣ୍ଣି ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି । ଉପ ନିର୍ବାଚନରେ ଅଂଶ ଗ୍ରହଣ କରୁଥିବା ସମସ୍ତ ପ୍ରାର୍ଥୀ ଏଥିରେ ସହଯୋଗ କରିବାକୁ ଶ୍ରୀସାହୁ ଏକ ଭିଡ଼ି ଓ ବାର୍ତ୍ତାରେ ଅନୁରୋଧ କରିଛନ୍ତି । ପ୍ରାର୍ଥୀମାନେ ନିଜ ନିଜର ଡ୍ରଇଭର ଓ ନର୍ବାଚନ କାର୍ଯ୍ୟରେ ନିୟୋଜିତ ସହଯୋଗୀମାନଙ୍କୁ ଟିକା ନେବା ଲାଗି ପରାମର୍ଶ ଦେବାକୁ ଶ୍ରୀସାହୁ ତାଙ୍କ ଭିଡ଼ିଓ ବାର୍ତ୍ତାରେ କହିଛନ୍ତି । ଏଥିଲାଗି ଆସନ୍ତା ୨୫ ଓ ୨୭ତାରିଖ ଦୁଇଦିନ ଧରି ନିର୍ବାଚନମଣ୍ଡଳୀରେ ସ୍ୱତନ୍ତ୍ର ଟିକାଦାନ କେନ୍ଦ୍ର ଖୋଲାଯିବ । ସିଡ଼ିଏମ୍‌ଓଙ୍କୁ ଏଥିଲାଗି ଦାୟିତ୍ୱ ଦିଆଯାଇଛି । ଟିକାକରଣ କାର୍ଯ୍ୟକ୍ରମରେ ସମସ୍ତେ ସହଯୋଗ କରିବାକୁ ରିଟର୍ଣ୍ଣି ଅଫିସର ତାଙ୍କ ବାର୍ତ୍ତାରେ ଅପିଲ୍ କରିଛନ୍ତି ।

# ଜଳ ନିଷ୍କାସନ ସମସ୍ୟା ଥିବା ସ୍ଥାନ ଚିହ୍ନଟ କରାଯାଇଛି : ବିଏମସି କମିଶନର

ଭୁବନେଶ୍ୱର,୨୨/୦୯ (ନି.ପ୍ର): ରାଜଧାନୀର ୬୩ବର୍ଷ ପରେ ରେକର୍ଡ ଜନିତ ବର୍ଷା ଯୋଗୁଁ ଭୁବନେଶ୍ୱରରେ ଡ୍ରେନେଜ ସମସ୍ୟା ଉପୁଜିଛି ବୋଲି କହିଛନ୍ତି ବିଏମସି କମିଶନର ସଞ୍ଜୟ ସିଂ । ସେ କହିଛନ୍ତି ଯେ, ଯେତେ ସ୍ଥାନରେ ଜଳ ନିଷ୍କାସନ ସମସ୍ୟା ହୋଇଥିଲା ସେ ସବୁକୁ ଚିହ୍ନଟ କରାଯାଇଛି । ୭୫ଟି ଏଭଳି ସ୍ଥାନ ଚିହ୍ନଟ କରାଯିବା ସହ ଜଳ ଜମିରହିବାର କାରଣ କ'ଣ ତାହା ଅନୁସନ୍ଧାନ କରାଯାଇଛି । କିପରି 'ସର୍ଟ ଟର୍ମ' ଓ 'ଲଙ୍ଗ ଟର୍ମ' ପାଇଁ ଏହାର ସମାଧାନ କରାଯିବ ତାର ବାଟ ମଧ୍ୟ ବାହାର କରାଯାଇଛି । ଗତକାଲିଠାରୁ ସେହି ପଏଂଟଗୁଡିକର ସମୀକ୍ଷା କରାଯାଉଛି । ଯେଉଁଠି ଜମି ଅଧିଗ୍ରହଣ ଓ ଜବରଦଖଲ ଉଚ୍ଛେଦ ଦରକାର ପଡ଼ିବ ସେ ଦିଗରେ କାର୍ଯ୍ୟ ଆରମ୍ଭ କରାଯିବ । ନିଜ ନିଜ ଅଂଚଳର ଆକଳନ ତିଆରି କରିବା ପାଇଁ ସବୁ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରାକୃତିକ ନାଳର କଭର ନକରିବା ପାଇଁ ସୁପ୍ରିମକୋର୍ଟ, ଗ୍ରୀନ ଟ୍ରିବ୍ୟୁନାଲ, ନ୍ୟାସନାଲ ଓ ଷ୍ଟେଟ ପଲ୍ୟୁସନ କଂଟ୍ରୋଲ ବୋର୍ଡର ଗାଇଡଲାଇନ ରହିଛି । ଗାଇଡଲାଇନ ମାନି ଦୁର୍ଘଟଣା ଏଡ଼ାଇବା ପାଇଁ ଉଚିତ ପଦକ୍ଷେପ ନିଆଯାଉଛି । ଗତ ବର୍ଷାରେ ୩୫ଟି ଜାଗାରେ ପମ୍ପ ଲଗା ଯାଇଥିବା ବେଳେ ଆଗକୁ ବଡ଼ ବର୍ଷା ପାଇଁ ଅଧିକ ପମ୍ପ ଲଗାଯିବ ବୋଲି କହିଛନ୍ତି ବିଏମସି କମିଶନର ।

# ରାଜ୍ୟରେ କରୋନାରେ ଆଉ ୪ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୨/୦୯ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୧୫୦ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କେନ୍ଦ୍ରାପଡା, ଖୋର୍ଦ୍ଧା, ନୟାଗଡ ଓ କଟକ ଜିଲ୍ଲାରୁ ଜଣେ ଲେଖାଏ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ଯାଇଛି ।

# କର୍କଟ ରୋଗରେ ଆକ୍ରାନ୍ତ ପୁଅର ଚିକିତ୍ସା ପାଇଁ ସରକାରୀ ସହାୟତା ମାଗୁଛି ବାପ

ନୀଳଗିରି,୨୨/୦୯ (ନି.ପ୍ର): ପରିବାରର ଏକମାତ୍ର ରୋଜଗାରିଆ ପୁଅ କର୍କଟ ରୋଗରେ ଆକ୍ରାନ୍ତ ହେବାରୁ ଘରେ ଓଳିଏ ଚୁଲି ଜଳିଲେ ଅନ୍ୟ ଓଳିରେ ଚୁଲିରେ ନିଆଁ ଲାଗୁ ନାହିଁ । ଆର୍ଥିକ ଅନାଟନ ଭିତରେ ପରିବାର ଗତି କରୁଥିବା ବେଳେ ପୁଅର କର୍କଟ ରୋଗ ବୋଝ ଉପରେ ନଳିତା ବିଡ଼ା ଭଳି ମେରୁଦଣ୍ଡ ଭାଙ୍ଗି ଦେଇଛି । ଘଟଣାଅନୁଯାୟୀ ନୀଳଗିରି ବ୍ଲକର ଧରମପୁର ପଞ୍ଚାୟତର ବାଉଁଶପାଳ ଗ୍ରାମର ସୁରେନ୍ଦ୍ର ବେହେରାଙ୍କର ବଡ଼ ପୁତ୍ର ଶରତ ବେହେରା ୨୦୧୯ ମସିହାରେ ପରିବାରକୁ ଭରଣପୋଷଣ ପାଇଁ ସୁଦୂର ହାଇଦ୍ରାବାଦକୁ କାମ କରିବାକୁ ଯାଇଥିଲା । ଉପାର୍ଜିତ ଅର୍ଥରେ ବାପା, ମା, କୁ ଭରଣ ପୋଷଣ ସହିତ ସାନ ଭାଇର ପାଠ ପଢ଼ା ଖର୍ଚ୍ଚ ବହନ କରୁଥିଲା । ମାତ୍ର ବିଧିର ବିଧାନ ତାଙ୍କ ପରିବାରକୁ ସୁଖ ଦେବା ବଦଳରେ ଦୁଃଖ ସାଗରରେ ଭସେଇ ଦେଲା । ହାଇଦ୍ରାବାଦରେ ଶରତ ଥିବା ବେଳେ ଜ୍ୱର ହୋଇଥିଲା । ବହୁଦିନ ଧରି ଜ୍ୱର ନ ଛାଡ଼ିବାରୁ ଶେଷରେ ବାପାଙ୍କୁ ଫୋନ କରିଥିଲା । ବାପାଙ୍କ କଥାମାନି ଶରତ ହାଇଦ୍ରାବାଦରୁ ଘେରକୁ ପଳାଇ ଆସିଥିଲା । ପରେ ବାଲେଶ୍ୱର ମେଡିକାଲ ତତ୍ ପରେ କଟକ ମେଡିକାଲରେ ଡାକ୍ତରଙ୍କୁ ପରାମର୍ଶ ନେଇଥିଲେ । ଜ୍ୱର ଭଲ ନ ହେବାରୁ ପରେ ଏମସରେ ଚିକିତ୍ସିତ ହେଉଥିଲେ । ସେଠାରେ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା କଲା ପରେ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବାର ଜଣା ପଡ଼ିଥିଲା । ପୁଣି ନିଜ ମନରୁ ଭ୍ରମ ଧାରଣା ଦୂର କରିବା ପାଇଁ କଟକରେ ଥିବା ଆର୍ଚ୍ଚର୍ଯ୍ୟ ହରିହର କେନସର ହସପିଟାଲକୁ ଯାଇ ପୁନଃ ପରୀକ୍ଷା ନିରୀକ୍ଷା କଲା ପରେ କର୍କଟ ରୋଗରେ ଆକ୍ରାନ୍ତ ବୋଲି ଜଣାପଡ଼ିଥିଲା । ଏଥିପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ ହେଉଥିବା ବେଳେ ଅଣ୍ଟାରେ କାଣି କଉଡ଼ିଟିଏ ନ ଥିବାରୁ ଅସହାୟ ମଣି ଶେଷରେ ଗାଁକୁ ନେଇ ଆସିଥିଲେ । ମାସକୁ ବିପିଏଲ ଋଉଳ ଯାହା ପାଆନ୍ତି ସେଥିରେ ହିଁ ପରିବାର ଚଳିଥାଏ । ରୋଜଗାରିଆ ପୁଅର ଏପରି ଅବସ୍ଥା ଦେଖି ବାପା ସୁରେନ୍ଦ୍ର ବେହେରା ଯଦି ସରକାରୀ ସ୍ତରରେ ଆର୍ଥିକ ସହାୟତା ମିଳନ୍ତା ତେବେ ମୋ ପୁଅ ଭଲ ହୋଇ ପାରିବ ବୋଲି ସରକାରଙ୍କୁ ଗୁହାରି ଜଣାଇଛନ୍ତି ।

## ନବରଙ୍ଗପୁର ଜିଲ୍ଲା ବିଜେଡି ପୁନର୍ଗଠିତ

ଭୁବନେଶ୍ୱର,୨୨/୦୯ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ବିଜୁ ଜନତା ଦଳରେ ନୂତନ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦେଇଛନ୍ତି ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି ତାଲିକାରେ ୧୨ ଜଣ ଉପସଭାପତି ରହିଥିବା ବେଳେ ୧୩ ଜଣ ସାଧାରଣ ସମ୍ପାଦକ, ୧୪ ଜଣ ସମ୍ପାଦକ ଏବଂ ଜଣେ କୋଷାଧ୍ୟକ୍ଷ ରହିଛନ୍ତି । ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ (ଗଣମାଧ୍ୟମ ବ୍ୟାପାର) ମାନସ ମଙ୍ଗରାଜ ଏହି ସୂଚନା ଦେଇଛନ୍ତି ।

# ୧୦ ଫୁଟର ଅଜଗର ସାପ ଉଦ୍ଧାର



ବାରିପଦା,୨୨/୦୯ (ନି.ପ୍ର): ବିରାଟକାୟ ଅଜଗର ସାପ ଉଦ୍ଧାର ହୋଇଥିବାର ଖବର ମିଳିଛି । ୨୦ ତାରିଖ ରାତି ସମୟେର ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକ ହଳଦିଆ ବନ୍ଧ ପାଖ କେନାଲ ଦେଇ ଏକ ଅଜଗର ସାପ ଯିବାର ଦେଖି ସ୍ଥାନୀୟ ଲୋକ ଭୟଭୀତ ହୋଇ ମାରିବାକୁ ଉଦ୍ୟମ କରୁଥିଲେ । ତେବେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସାପ ଧରାଳି ସେକ୍ ମାଫିଜଉଦ୍ଦୀମ (କାଲୁବାବୁ) ଘଟଣା ସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ । ସାପଟିର ଲମ୍ୱ ପ୍ରାୟ ୧୦ଫୁଟ ହୋଇଥିବା ବୋଲ ଓଜନ ପ୍ରାୟ ୪୦ କିଲୋଗ୍ରାମ ହେବ ବୋଲି ଅନୁମାନ କରାଯାଉଛି । ସାପଟିର ବୟସ ୩ ରୁ ୪ବର୍ଷର ଛୁଆ ଅଜଗର ବୋଲି କୁହାଯାଉଛି । ତେବ ଉଦ୍ଧାର ଅଜଗର ସାପଟିକୁ ବାରିପଦା ବନବିଭାଗ କୁ ହସ୍ତାନ୍ତର କରାଯାଇଛି । ସାପଟିର ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାକୁ ଜଙ୍ଗଲରେ ଛାଡିଦିଆ ଯିବ ବୋଲି ଜଣା ଯାଇଛି ।

# ଉଡ଼ନ୍ତା ପୋଲ ମରାମତି ବିଳମ୍ବକୁ ନେଇ ତେଜୁଛି ଜନ ଅସନ୍ତୋଷ

ବାଲେଶ୍ୱର,୨୨/୦୯ (ନି.ପ୍ର): ବିପଦ ସଙ୍କୁଳ ଅବସ୍ଥାରେ ଥିବା ବାଲେଶ୍ୱର ତଥା ଓଡ଼ିଶାର ପ୍ରଥମ ଉଡ଼ନ୍ତା ପୋଲ ମରାମତି କାର୍ଯ୍ୟ ବିଳମ୍ବକୁ ନେଇ ଜନ ଅସନ୍ତୋଷ ଦାନା ବାନ୍ଧୁଥିବା ବେଳେ ପ୍ରଶାସନିକ ଅବହେଳାକୁ ଦାୟୀ କରିଛି ବାଲେଶ୍ୱର ସିଭିଲ ସୋସାଇଟି ।ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଉପ-ସଭାପତି ବସନ୍ତ ସ, ସମ୍ପାଦକ ମନୋଜ ନାୟକ, ଉପଦେଷ୍ଟା ଲକ୍ଷ୍ମୀଧର ବେହେରା, ଗୌରାଙ୍ଗ ପାଣିଗ୍ରାହୀ, ରଘୁନାଥ ଲେଙ୍କା, ଗିରିଜା ଶଙ୍କର ଦାସ ପ୍ରମୁଖ ଯୋଗଦେଇ ଉଡ଼ନ୍ତା ପୋଲ ମରାମତି ପାଇଁ ପୋଲ ତଳ ଦୋକାନ ଉଚ୍ଛେଦ ନେଇ ରାଜ୍ୟ ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀରେ ଜିଲା ପ୍ରଶାସନର ଖାମଖିଆଲି ନୀତିକୁ ସମାଲୋଚନା କରିଛନ୍ତି । ପୋଲତଳ ଦୋକାନୀଙ୍କୁ ଉଚ୍ଛେଦ ସହ ମରାମତି ତୁରନ୍ତ ଶେଷ କରିବା ପାଇଁ ରାଜ୍ୟ ଉଚ୍ଚ ନ୍ୟାୟାଳୟ ଗତ ଅଗଷ୍ଟ ୨୩ ତାରିଖରେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଉଚ୍ଛେଦ ସାଙ୍ଗକୁ ଦୋକାନୀଙ୍କୁ ଉପଯୁକ୍ତ ସ୍ଥାନରେ ଥଇଥାନ ସମ୍ପର୍କରେ ମଧ୍ୟ ନ୍ୟରୟାଳୟ ଉଲେଖ କରିଥିଲେ । ସେହିକ୍ରମରେ ସହରର ୩ ଗୋଟି ସ୍ଥାନରେ ବ୍ୟବସାୟ କରିବାକୁ ଦୋକାନୀ ସଂଘର କର୍ମକର୍ତ୍ତାଙ୍କୁ ଜିଲାପାଳ ପ୍ରସ୍ତାବ ଦେଇଥିଲେ । ସେପ୍ଟମ୍ବର ଅର୍ଥାତ ଚଳିତ ମାସ ଗତ ୧୫ତାରିଖ ସୁଦ୍ଧା ଉତ୍ତର ରଖିବା ପାଇଁ ଜିଲାପାଳ ପୋଲତଳ ଦୋକାନୀଙ୍କୁ କହିଥିଲେ । ନତୁବା ୧୫ ତାରିଖ ପରେ ଯେ କୌଣସି ସମୟରେ ଦୋକାନ ଉଚ୍ଛେଦ କରାଯିବ ବୋଲି ଜିଲାପାଳ ଦୋକାନୀମାନଙ୍କୁ ଚେତାବନୀ ଦେଇଥିଲେ । ମାତ୍ର ଅଦ୍ୟାବଧି ସେ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାକୁ ନେଇ ସୋସାଇଟି କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଜିଲାପାଳଙ୍କ ଚେତାବନୀକୁ ବିରୋଧ କରି କିଛି ବ୍ୟବସାୟୀ ଉଚ୍ଚତମ ନ୍ୟାୟାଳୟରେ ମାମଲା ରୁଜୁ କରିବା ଓ ଉଚ୍ଚତମ ନ୍ୟାୟାଳୟ ଆସନ୍ତା ୨ ସପ୍ତାହ ମଧ୍ୟରେ ପକ୍ଷ ରଖିବାକୁ ପ୍ରଶାସନକୁ ନୋଟିସ ଜାରି ସମ୍ପର୍କରେ ଶୁଣାକଥାକୁ ନେଇ ଜିଲାପାଳ ରାଜ୍ୟ ଉଚ୍ଚନ୍ୟାୟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନ କରିବା କେତେ ଯଥାର୍ଥ ବୋଲି ସୋସାଇଟି କର୍ମକର୍ତ୍ତା ପ୍ରଶ୍ନ କରିଛନ୍ତି । ଯଦି ଶୁଣାକଥା ସତ୍ୟ ହୋଇଥାଏ ତାହାଲେ ପ୍ରଶାସନ ପକ୍ଷରୁ ଉଚ୍ଚତମ ନ୍ୟାୟାଳୟରେ ଜବାବ ରଖିବାରେ କୌଣସି ବାଧକ ନାହିଁ । ତେବେ ଉଚ୍ଚତମ ନ୍ୟାୟାଳୟ ପକ୍ଷରୁ ରାଜ୍ୟ ଉଚ୍ଚନ୍ୟାୟାଳୟ ନିର୍ଦ୍ଦେଶ ଉପରେ ରହିତାଦେଶ ନଥିବା ବେଳେ ଜିଲାପାଳ ଉଚ୍ଛେଦ ଓ ମରାମତି ପ୍ରକ୍ରିୟାରେ ବିଳମ୍ବ କରିବାର ଉଦ୍ଦେଶ୍ୟ କ'ଣ ହୋଇପାରେ ବୋଲି ସୋସାଇଟି ପକ୍ଷରୁ ପ୍ରଶ୍ନ କରାଯାଇଛି । ତେବେ ଆସନ୍ତା ୩୦ ତାରିଖ ସୁଦ୍ଧା ପୋନଲ ତଳ ଦୋକାନ ଉଚ୍ଛେଦ ସହ ମରାମତି କାର୍ଯ୍ୟ ତ୍ୱରାନ୍ୱିତ ନହେଲେ ବାଲେଶ୍ୱର ସିଭିଲ ସୋସାଇଟି ସମେତ ସହରର ଏକାଧିକ ଗଣ ସଂଗଠନ ପକ୍ଷରୁ ଉଡ଼ନ୍ତାପୋଲରେ ଯାତାୟାତକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି ସୋସାଇଟିର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି ।

# ଲଗାଣ ବର୍ଷାରେ ବୁଡ଼ିଲା ୧୫ ରୁ ଉର୍ଦ୍ଧ୍ୱ ଘର, ପାଣି ଘେରରେ ୧୫ ପରିବାର

ନୀଳଗିରି,୨୨/୦୯ (ନି.ପ୍ର): ଲଗାଣ ବର୍ଷା ଯୋଗୁଁ ନୀଳଗିରି ଏନ.ଏ.ସି.ର ୫ ନମ୍ବର ୱାର୍ଡ ବରିସାହି ଗ୍ରାମରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି । ଏନ.ଏ.ସି. ପକ୍ଷରୁ ଡ୍ରେନ ସଫେଇ ସଠିକ୍ ଭାବେ ହୋଇ ନ ଥିବାରୁ ଆଜି ଲଗାଣ ବର୍ଷା ଯୋଗୁଁ ୧୫ରୁ ଉର୍ଦ୍ଧ୍ୱ ଘର ସଂପୂର୍ଣ୍ଣ ବୁଡ଼ିଯାଇଥିଲା ବେଳେ ୧୫ ପରିବାର ଏବେ ପାଣି ଘେରରେ ରହିଛନ୍ତି । ଏନେଇ ଅଞ୍ଚଳ ବାସୀ ଏନ.ଏ.ସି. କର୍ତ୍ତୁପକ୍ଷଙ୍କୁ ଫୋନ ଯୋଗେ ଅବଗତ କରାଇଥିଲେ ସୁଦ୍ଧା କିଛି ସୁଫଳ ମିଳି ପାରି ନାହିଁ । ଡ୍ରେନ ସଫେଇ ପାଇଁକୋଟି କୋଟି ଟଙ୍କା ଆସୁଥିବା ବେଳେ ସଫେଇ ନାମରେ ଟଙ୍କା ଆତ୍ମସାତ ହେଉଥିବାର ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ । ଭୂବନେଶ୍ୱର ପରିସ୍ଥିତି ନୀଳଗିରିରେ ନ ହେବା ପୂର୍ବରୁ ସ୍ଥାନୀୟ ପ୍ରଶାସନ ସଚେତନ ହେବାକୁ ସାଧାରଣରେ ଦାବି ହେଉଥିଲା ବେଳେ ନୀଳଗିରି ଉପଜିଲ୍ଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି । ଅନୁରୂପ ଭାବେ ଏନ.ଏ.ସି.ର ୪ନମ୍ବର ୱାର୍ଡର ନଟବର ପରିଡ଼ା, ଜିତେନ୍ଦ୍ର ପରିଡ଼ା ପାଣି ଘରେ ମଧ୍ୟରେ ରହିଥିବାର ଦେଖିବାକୁ ମିଳିଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo